

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୬ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 16 NOVEMBER 2022
Vol.No. 33 ■ No. 297 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବିଦେଶୀ ଶକ୍ତି ଓଡିଶାର ଖଣି ଓ ରତ୍ନଭଣ୍ଡାରକୁ କରୁଛନ୍ତି ଲୁଣ୍ଠନ : ସଞ୍ଜୀୟ ଦାସବର୍ମା



ନୂଆଦିଲ୍ଲୀ, ୧୫/୧୧ : ଶାସକ ବିଜେଡି ଦଳର ବରିଷ୍ଠ ନେତା ସଞ୍ଜୟ ଦାସବର୍ମାଙ୍କ ବିସ୍ଫୋରକ ବୟାନ । କେବଳ ଏହା ଓଡ଼ିଶା ରାଜନୀତିକୁ ଦୋହଲାଇ ଦେଇଛି ତାହା ନୁହେଁ ବରଂ ଛିଡ଼ା କରିଛି ପ୍ରଶ୍ନର ପାହାଡ଼ । ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସଞ୍ଜୟ ଦାସ ବର୍ମାଙ୍କ ଏଭଳି ବୟାନ୍, ଠିକ୍ ସେତେବେଳେ ଆସିଛି ଯେତେବେଳେ ରାଜନୀତିର ମାହୋଲ ସରଗରମ ରହିଛି । ସଞ୍ଜୟ କହିଛନ୍ତି- ଏହି ଷଡ଼ଯନ୍ତ୍ର ଭୁବନେଶ୍ୱରରୁ ଆରମ୍ଭ ହୋଇ ପୁରୀ ଯାଏଁ ପହଞ୍ଚିଯାଇଛି । କିଛି ଲୋକ ଭାବୁଛନ୍ତି ଆମେ ଯାହା ନିଷ୍ପତି ନେବୁ, ତାହା ସମସ୍ତେ ଗ୍ରହଣ କରିନେବେ । ଆମେ ମରିଯିବୁ ସିନା, ବ୍ରହ୍ମଗିରିକୁ ଭସାଇ ଦେବୁ ନାହିଁ ବୋଲି ଖୋଲାଖୋଲି ଚ୍ୟାଲେଞ୍ଜ କରିଛନ୍ତି ସଞ୍ଜୟ । ତେବେ କିଏ ଏହି ନିଷ୍ପତି ନେଉଛନ୍ତି ଏବଂ କାହାକୁ ଗ୍ରହଣ କରିବାକୁ ବାଧ କରାଯାଉଛି, ସେ ନେଇ କୌଣସି ସୂଚନା ଦେଇନାହାନ୍ତି । ପୁରୀ ଜିଲ୍ଲାରେ ବିଜେଡିର ଜନସମ୍ପର୍କରେ ଯାତ୍ରାକୁ ସମ୍ବୋଧନ କରି ସଞ୍ଜୟ ଆହୁରି କହିଛନ୍ତି- କିଛି ବିଦେଶୀ ଶକ୍ତି, ଓଡ଼ିଶାର ଖଣିଜ ସମ୍ପଦ ଓ ଓଡ଼ିଶାର ରତ୍ନଭଣ୍ଡାରକୁ ଲୁଣ୍ଠନ କରି ପଳେଇବାକୁ ଉଦ୍ୟମ କରୁଛନ୍ତି । ଏକଦା ବିଜେଡିର ପାୱାରଫୁଲ ନେତା ଥିବା ସଞ୍ଜୟ ଦାସବର୍ମା ହୁଏତ ଏକପ୍ରକାର କୋଣଠେସା ହୋଇଯାଇଛନ୍ତି । ଦିନେ ଦୁଇ ଦୁଇଟି ଜିଲ୍ଲାର ପର୍ଯ୍ୟବେକ୍ଷକ ଥିବା ସଞ୍ଜୟଙ୍କ ହାତରୁ ପର୍ଯ୍ୟବେକ୍ଷକ ପଦ ହଟାଇ ନିଆଯାଇଥିଲା । କେବଳ ସେତିକି ନୁହେଁ ଛାତ୍ର ଓ ଯୁବ ରାଜନୀତିରେ ସକ୍ରିୟ ଭୂମିକା ନେଉଥିବା ସଞ୍ଜୟଙ୍କୁ ଏଥିରୁ ବି ଧୀରେ ଧୀରେ ଆଉଟ୍ କରିଦିଆଯାଇଛି । ନିର୍ବାଚନ ହାରିବା ପରେ ସନ୍ତୁଷ୍ଟ କରିବା ପାଇଁ ତାଙ୍କୁ ଯୋଜନା ବୋର୍ଡର ଉପାଧକ୍ଷ ପଦ ଦିଆଯାଇଥିଲା, ସତ ହେଲେ ମନ୍ତ୍ରିସାରଣ ସମୟରେ ଉପାଧକ୍ଷ ପଦରୁ ବି ସଞ୍ଜୟ ଦାସଙ୍କୁ ହଟାଇ ଦିଆଯାଇଥିଲା । ତେବେ ଏହି ସବୁ ପଛରେ କିଛି ଷଡ଼ଯନ୍ତ୍ର ଥିଲା କି ? ଯେଉଁ ଷଡ଼ଯନ୍ତ୍ର କଥା ଏବେ କହୁଛନ୍ତି ସଞ୍ଜୟଦାସବର୍ମା । ବଡ଼ କଥା ହେଉଛି, ସଂଜୟ ଦାସବର୍ମାଙ୍କ ଏହି ବୟାନର ପ୍ରଭାବ ଦଳ ଉପରେ କ'ଣ ପଡୁଛି ଏବଂ ପଦ୍ମପୁର ଉପ-ନିର୍ବାଚନ ଉପରେ କ'ଣ ପଡୁଛି ତାହା ଦେଖିବାକୁ ଅପେକ୍ଷା ରହିଛି ।

# ରାଜ୍ୟରେ ଓକିଲଙ୍କ ହଡତାଳ : ସୁପ୍ରିମକୋର୍ଟଙ୍କ ଚେତାବନୀ



ଭୁବନେଶ୍ୱର, ୧୫/୧୧ (ନି.ପ୍ର): ରାଜ୍ୟର ବିଭିନ୍ନ ଜିଲ୍ଲାରେ ଓକିଲଙ୍କ ହଡତାଳ ଜାରିରହିଛି । ତେବେ ସୁପ୍ରିମକୋର୍ଟ ବିଭିନ୍ନ ବାର ଆସୋସିଏସନକୁ ଚେତାବନୀ ଦେଇଛନ୍ତି । ଶୀର୍ଷ ଅଦାଲତ ନିଜ ରାୟରେ କହିଛନ୍ତି ଯଦି ଆଗାମୀ ୪୮ ଘଣ୍ଟା ମଧ୍ୟରେ ଆସୋସିଏସନର ଓକିଲ ଅଦାଲତ ବହିଷ୍କାରର ନିଷ୍ପତ୍ତି ଫେରାଇ ନ ନିଅନ୍ତି ତେବେ ୨୦ ଜିଲ୍ଲାର ବାର ଆସୋସିଏସନର ସଦସ୍ୟଙ୍କୁ ନିଲମ୍ବନ କରିଦିଆଯିବ । ଅଦାଲତ କହିଛନ୍ତି, ଓକିଲଙ୍କ ହଡତାଳର ପ୍ରଭାବ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି । ସେମାନେ ଏହାକୁ ନଭୋଗିବା ଦରକାର । ଜଷ୍ଟିସ ସଞ୍ଜୟ କିଶନ କୌଲ ଏବଂ ଜଷ୍ଟିସ ଏ ଏସ ଓକାଙ୍କ ଖଣ୍ଡପୀଠ ଏଭଳି ଚେତାବନୀ ଦେଇଛନ୍ତି । କୋର୍ଟ ଆହୁରି ମଧ୍ୟ କହିଛନ୍ତି, ଜନତାଙ୍କ ସହ ଏହିଭଳି ବ୍ୟବହାରକୁ ବର୍ଦାସ୍ତ କରାଯିବ ନାହିଁ । ଦିନର ଶେଷରେ ଓକିଲଙ୍କ ହଡତାଳ କାରଣରୁ ସାଧାରଣ ଲୋକେ ଅନେକ ଅସୁବିଧାର ସାମ୍ନା କରୁଛନ୍ତି । ଅଦାଲତ ଓଡିଶା ହାଇକୋର୍ଟର ରେଜଷ୍ଟ୍ରାରଙ୍କ ଦ୍ୱାରା ଦାଏର ଏକ ଆବେଦନର ଶୁଣାଣି କରିଥିଲେ । ହାଇକୋର୍ଟ କହିଥିଲେ ଅନେକ ଜିଲ୍ଲାରେ ବାର ଆସୋସିଏସର ସଦସ୍ୟ କାମ ନକରିବା କାରଣରୁ ରାଜ୍ୟର ଅଧସ୍ତନ ଅଦାଲତରେ ନ୍ୟାୟିକ ପ୍ରକ୍ରିୟା ଗମ୍ଭୀର ଭାବେ ପ୍ରଭାବିତ ହୋଇଛି । ସୁପ୍ରିମକୋର୍ଟ ଏହା ଉପରେ କହିଥିଲେ ଯେ, ଜନତାଙ୍କ ସହ ଏଭଳି ବ୍ୟବହାରକୁ ବର୍ଦାସ୍ତ କରାଯିବ ନାହିଁ । କୋର୍ଟ ହାଇକୋର୍ଟର ପ୍ରତିନିଧି ତଥା ବରିଷ୍ଠ ଓକିଲ ଅରବିନ୍ଦ ଦାତାର ଏବଂ ଓକିଲ ଶିବଶଙ୍କର ମିଶ୍ରଙ୍କ ପକ୍ଷ ଶୁଣିବା ପରେ ଏହିଭଳି ପ୍ରତିକ୍ରିୟା ରଖିଛନ୍ତି । ଉଭୟ ଓକିଲ କହିଛନ୍ତି, ଓକିଲଙ୍କ ଦ୍ୱାରା ବାରମ୍ବାର ଅଦାଲତ ବହିଷ୍କାରକରାଯିବା କାରଣରୁ ଚଳିତ ବର୍ଷ ଜିଲ୍ଲା ଅଦାଲତରେ କାମଗୁଡିକ ପ୍ରଭାବିତ ହୋଇଛି । ଏହା ସହ ସମୟର ମଧ୍ୟ ଅପଚୟ ହୋଇଛି ।

## ଖସୁଛି ପାରଦ : ୬ ଜିଲ୍ଲାକୁ କୁହୁଡ଼ି ଆଲର୍ଟ

ଭୁବନେଶ୍ୱର, ୧୫/୧୧ (ନି.ପ୍ର): ଖସୁଛି ପାରଦ, ବଢୁଛି ଶୀତ । ଆଗାମୀ ୪-୫ ଦିନ ଯାଏଁ ରାତ୍ରୀ ତାପମାତ୍ରା ସ୍ୱାଭାବିକ ତାପମାତ୍ରା ଠାରୁ ୩-୪ ଡିଗ୍ରୀ କମ ରହିବାର ସମ୍ଭାବନା ରହିଛି । ରାଜ୍ୟର ଅନେକ ସ୍ଥାନରେ ପାରଦ ୧୫ ଡିଗ୍ରୀ ତଳେ ରହିବ । ଆସନ୍ତା ୨ ଦିନ ୬ ଜିଲ୍ଲାରେ ପ୍ରବଳ କୁହୁଡ଼ି ଦେଖାଦେବ । ଏହି ଜିଲ୍ଲାଗୁଡ଼ିକ ହେଲା କଳାହାଣ୍ଡି, କନ୍ଧମାଳ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି । ଏହି ସ୍ଥାନମାନଙ୍କରେ ଅଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବ । ଏନେଇ ଆଜି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଜି.ଉଦୟଗିର ଏବଂ ଶିମିଳିଗୁଡାରେ ୧୦ ଡ଼ିଗ୍ରୀ ତଳେ ପାରଦ ରେକର୍ଡ ହୋଇଛି । ୨୦ ସ୍ଥାନର ପାରଦ ୧୫ ଡ଼ିଗ୍ରୀ ତଳେ ରହିଛି । ଜି.ଉଦୟଗିରି ରେ ସର୍ବନିମ୍ନ ରାତ୍ରି ତାପମାତ୍ରା ୭.୨ଡ଼ିଗ୍ରୀ ରେକର୍ଡ ହୋଇଛି । ଯେତେବେଳେ କି ଭୁବନେଶ୍ୱରର ରାତିର ତାପମାତ୍ର ୧୬ ଡିଗ୍ରୀ ରେକର୍ଡ ହୋଇଛି । ଆଗାମୀ ୫ ଦିନ ରାତ୍ରି ତାପମାତ୍ରାରେ ସ୍ୱଭାବିକ ଠାରୁ ୨.୪ ଡିଗ୍ରୀ କମ୍ ରହିବ ଓ ପାଗ ଶୁଖିଲା ଅନୁଭୂତ ହେବ ବୋଲି କହିଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ।

# ବାଲିରେ 'ବାଲି ଯାତ୍ରା' କଥା କହିଲେ ପ୍ରଧାନମନ୍ତ୍ରୀ ମୋଦି



ବାଲି,୧୫/୧୧ (ନି.ପ୍ର): ଇଣ୍ଡୋନେସିଆରେ ରହୁଥିବା ପ୍ରବାସୀ ଭାରତୀୟଙ୍କୁ ଓଡ଼ିଶାର ବାଲି ଯାତ୍ରାର ମହତ୍ତ୍ୱ ସମ୍ପର୍କରେ ବୁଝାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଜି-୨୦ ଶିଖର ସମ୍ମିଳନୀରେ ଯୋଗ ଦେବାକୁ ବାଲି ଯାଇଥିବା ମୋଦି ଆଜି ସେଠାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନଙ୍କୁ ସମ୍ବୋଧନ କରିଥିଲେ । ଏହି ସମୟରେ ସେ କଟକରେ ଚାଲିଥିବା ଐତିହାସିକ ବାଲି ଯାତ୍ରା ସମ୍ପର୍କରେ ସମସ୍ତଙ୍କୁ ବୁଝାଇଛନ୍ତି । ସେ କହିଛନ୍ତି, "ଆଜି ମୁଁ ଆପଣମାନଙ୍କୁ ବାଲିରେ ସମ୍ବୋଧନ କରୁଛି । ବାଲିର ପରମ୍ପରା ଓ ପ୍ରଥା ସମ୍ପର୍କରେ ଆମେ କଥା ହେଉଛେ । ଏହି ସମୟରେ ବାଲି ଠାରୁ ୧୫୦୦ କିମି ଦୂର ଭାରତର କଟକ ସହରରେ ମହାନଦୀ ଉପକୂଳରେ ବାଲି ଯାତ୍ରାର ମହୋତ୍ସବ ଚାଲିଛି । ଏହାକୁ ବାଲି ଯାତ୍ରା କୁହାଯାଏ । ତେବେ ବାଲି ଯାତ୍ରା କ'ଣ ? ଏହି ବାଲି ଯାତ୍ରା ହେଉଛି ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ଥିବା ହଜାର ବର୍ଷର ପୁରୁଣା ବ୍ୟବସାୟିକ ସମ୍ପର୍କର ସ୍ମୃତି । ଇଣ୍ଟରନେଟରେ ବାଲିଯାତ୍ରାର ଫଟୋ ଦେଖି ଏଠିକା ଲୋକ ଗର୍ବିତ ଓ ଖୁସି ହେବେ । ଅନେକ ବର୍ଷ ପରେ ଓ କରୋନା କଟକଣା ହଟିବା ପରେ ଏଥର ଓଡ଼ିଶାରେ ବାଲିଯାତ୍ରା ବିରାଟ ଆକାରରେ ଆୟୋଜନ ହୋଇଛି । ଲକ୍ଷାଧିକ ଲୋକ ଏହି ମହୋତ୍ସବରେ ସାମିଲ ହୋଇ ଏହାକୁ ଭବ୍ୟ କରିଛନ୍ତି । ଓଡ଼ିଶାରେ ଆଜି ଯେଉଁମାନେ ବାଲି ଯାତ୍ରାରେ ଏକାଠି ହୋଇଛନ୍ତି, ସେମାନଙ୍କ ଶରୀର ସେଠାରେ ଅଛି କିନ୍ତୁ ମନ ଏଠାରେ(ବାଲି) ରହିଛି ବୋଲି ମୋଦି କହିଛନ୍ତି ।

# ଦିଲ୍ଲୀ ଶ୍ରଦ୍ଧା ହତ୍ୟାକାଣ୍ଡର ସାଂଘାତିକ ସତ ! ୱେବସିରିଜ୍ ଦେଖି ହତ୍ୟା କରିଥିଲା ପିଶାଚ ପ୍ରେମିକ

ନୂଆଦିଲ୍ଲୀ, ୧୫/୧୧ : ଦିଲ୍ଲୀ ଶ୍ରଦ୍ଧା ୱାକର ହତ୍ୟାକାଣ୍ଡର ତଦନ୍ତ ଯେତିକି ଆଗକୁ ବଢୁଛି, ସେତିକି ସାଙ୍ଘାତିକ ଓ ଥରାଇ ଦେଲାଭଳି ତଥ୍ୟ ସାମ୍ନାକୁ ଆସୁଛି । ନିଜ ପ୍ରେମିକା ଶ୍ରଦ୍ଧାଙ୍କୁ ହତ୍ୟା କରିଥିବା ଅଫତାବ ଅମିନ ପୁନାୱାଲା ଏବେ ଜେଲର କାଳକୋଠରୀ ଭିତରେ । ହେଲେ ତଦନ୍ତ ବେଳେ ସେ ଯେଉଁ କଥା କହିଛି, ତଦନ୍ତକାରୀ ଅଧିକାରୀ ବି ହତଚକିତ ହୋଇଯାଇଛନ୍ତି । ଶ୍ରଦ୍ଧାଙ୍କୁ ହତ୍ୟା ପାଇଁ ୱେବସିରିଜ୍ ଦେଖି ଷଡ଼ଯନ୍ତ୍ର ରଚିଥିଲା ଅଫତାବ । ଆମେରିକୀୟ କ୍ରାଇମ ସୋ "ଡେକ୍ସଷ୍ଟର'କୁ ବାରମ୍ବାର ଦେଖୁଥିଲା ଅଫତାବ, ଆଉ ସେଥିରୁ ଠିକ୍ କରିଥିଲା ନିଜ ଅମାନବୀୟ କାଣ୍ଡର ବ୍ଲୁପ୍ରିଂଟ । ଆଉ ଠିକ୍ ୱେବ ସିରିଜରେ ଯେମିତି ହତ୍ୟାକାଣ୍ଡ ଘଟେ, ସେହିଭଳି ନିଜ ପ୍ରେମିକାକୁ ନିର୍ମମ ଭାବେ ଖଣ୍ଡ ଖଣ୍ଡ କରି କାଟି ପକାଇଥିଲା । ହତ୍ୟା ପରେ ୩୫ ଖଣ୍ଡ କରି ଶ୍ରଦ୍ଧାଙ୍କ ମୃତଦେହକୁ କାଟି ପକାଇଥିଲା ଅଫତାବ ଅମିନ,

▶▶ପୃଷ୍ଠା ୭

## ହେତୁବାଦୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ମନା : ବାହୁବଳୀ ସେବାୟତଙ୍କ ଖୋଲା ଧମକ

ଭୁବନେଶ୍ୱର, ୧୫/୧୧ (ନି.ପ୍ର): ଥମିବାର ନାଁ ନେଉନାହିଁ ହେତୁବାଦୀ ଓ ପରମ୍ପରାବାଦୀ ବିବାଦ । ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣରେ ବିରିଆନୀ ଖାଇବାକୁ ନେଇ ଏବେ ବି ହେତୁବାଦୀଙ୍କୁ ଟାର୍ଗେଟ କରୁଛନ୍ତି ପରମ୍ପରାବାଦୀ । ଏହା ଭିତରେ ଶ୍ରୀମନ୍ଦିର ସେବାୟତ ଅନୀଲ ଗୋଚ୍ଛିକାର କହିଛନ୍ତି ହେତୁବାଦୀଙ୍କୁ ଶ୍ରୀକ୍ଷେତ୍ରରେ ପ୍ରବେଶ କରିବାକୁ ଦିଆଯିବ ନାହିଁ । ଯଦି ହେତୁବାଦୀମାନେ ପୁରୀ କିମ୍ବା ଶ୍ରୀମନ୍ଦିରର ପ୍ରବେଶ କରିଛନ୍ତି ସେମାନଙ୍କୁ ବିରୋଧ କରାଯିବ । ଏହା ପଛରେ ଏକ ବଡ ଉଦ୍ଦେଶ୍ୟ ରହିଛି । ଏମାନଙ୍କ ମନୋଭାବ ଓ ବିଚାରଧାରା ଗ୍ରହଣୀୟ ନୁହେଁ । ଏମାନେ ପୁରୀ ଆସିଲେ କଡା ଜବାବ ଦିଆଯିବ । ଏମାନେ ଲୋକଙ୍କ ଭାବନା ସହ ଖେଳୁଛନ୍ତି ବୋଲି କହିଛନ୍ତି ଅନୀଲ ଗୋଚ୍ଛିକାର ।

## ବାଲିଯାତ୍ରା ଆଉ ଗୋଟିଏ ଦିନ ବଢ଼ିଲା

ଭୁବନେଶ୍ୱର, ୧୫/୧୧ (ନି.ପ୍ର): ଗୋଟିଏ ଦିନ ବଢ଼ିଛି କଟକର ପ୍ରସିଦ୍ଧ ଐତିହାସିକ ବାଲିଯାତ୍ରାର ଅବଧି । ବୁଧବାର ଦିନ ବାଲିଯାତ୍ରା ଶେଷ ହେବାର ଥିଲା ବେଳେ ଏହା ଗୁରୁବାର ଶେଷ ହେବ । ମଙ୍ଗଳବାର ଦିନ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ସାଧାରଣ ଲୋକ ଓ ବ୍ୟବସାୟୀଙ୍କ ଦାବିକୁ ଦୃଷ୍ଟିରେ ରଖି ବାଲିଯାତ୍ରାକୁ ଆଉ ଦୁଇ ଦିନ ବଢ଼ାଇବା ପାଇଁ କଟକ ମେୟରଙ୍କ ତରଫରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ତେବେ ମୁଖ୍ୟମନ୍ତ୍ରୀ ଆଉ ଗୋଟିଏ ଦିନ ବଢ଼ାଇବାକୁ ସମ୍ମତି ପ୍ରକାଶ କରିଥିଲେ । ବାଲିଯାତ୍ରା ଦେଖିବାକୁ ପ୍ରତିଦିନ କଟକରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେଉଛି ।

# ମରୁଡ଼ି ପ୍ରଭାବିତ ଅଂଚଳ ପାଇଁ ୨୦୦ କୋଟି ଟଙ୍କାର ଇନ୍‌ପୁଟ୍ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୫/୧୧ (ନି.ପ୍ର): ରାଜ୍ୟର ମରୁଡ଼ି ପ୍ରଭାବିତ ଅଂଚଳର ପୀଡ଼ିତ ଚାଷୀଙ୍କୁ ୨୦୦ କୋଟି ଟଙ୍କାର ଇନ୍‌ପୁଟ୍ ସହାୟତା ରାଶି ପ୍ରଦାନ କରାଯିବ । ମଙ୍ଗଳବାର ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଏହି ସମସ୍ତ ଅର୍ଥ ରାଜ୍ୟ ସରକାର ନିଜ ରାଜକୋଷରୁ ପ୍ରଦାନ କରିବେ । ମିଳିଥିବା ରିପୋର୍ଟ ଅନୁଯାୟୀ, ବର୍ଷା ଅଭାବରୁ ରାଜ୍ୟର ୧୨ଟି ଜିଲ୍ଲାର ୬୪ଟି ବ୍ଲକ୍ ଏବଂ ୧୫ଟି ପୌରାଂଚଳରେ ଥିବା ପ୍ରାୟ ୨,୬୩,୫୬୦ ହେକ୍ଟର ଚାଷଜମିରେ ୩୩ ପ୍ରତିଶତ ବା ତା'ଠାରୁ ଅଧିକ ଫସଲହାନି ହୋଇଛି । ଅଥଚ ଏ ପର୍ଯ୍ୟନ୍ତ ମରୁଡ଼ି ପ୍ରପୀଡ଼ିତ ଅଂଚଳର ବହୁସଂଖ୍ୟକ ଚାଷୀ ଫସଲ ବୀମା ରାଶି ପାଇପାରି ନାହାନ୍ତି । ଏ ସଂପର୍କରେ ରାଜ୍ୟ ସରକାର କ୍ରମାଗତ ଭାବେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ ବୈଷୟିକ ଉପଦେଷ୍ଟା କମିଟିକୁ ଜଣାଇବା ସହ ଅନୁରୋଧ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ଏହି ପରିପ୍ରେକ୍ଷୀରେ ପରିସ୍ଥିତିର ଗମ୍ଭୀରତା ଏବଂ ମରୁଡ଼ି ପୀଡ଼ିତ କୃଷକଙ୍କ ଦାବି ଏବଂ ଜିଲ୍ଲାପାଳମାନେ ଦେଇଥିବା ଫସଲହାନି ରିପୋର୍ଟକୁ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ପୀଡ଼ିତ ଏବଂ ବଂଚିତ ଚାଷୀଙ୍କୁ ରାଜ୍ୟର ନିଜସ୍ୱ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରିବାକୁ ନିଷ୍ପତି ନେଇଛନ୍ତି । ପୀଡ଼ିତ ଚାଷୀଙ୍କୁ ତତ୍କାଳ ସହାୟତା ରାଶି ପ୍ରଦାନ ଲାଗି ଏହିସବୁ ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଆବଶ୍ୟକ ସହାୟତା ରାଶି ସଂର୍ପକରେ ଏସ୍‌ଆରସିଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୀଡ଼ିତ ଚାଷୀଙ୍କ କଷ୍ଟ ଦୂର କରିବାକୁ ଏବେ ୨୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି ବୋଲି ଆକଳନ କରାଯାଉଛି ।

# ଇଣ୍ଡୋନେସିଆରେ ପ୍ରଧାନମନ୍ତ୍ରୀ ଓଡ଼ିଶାର ବାଲିଯାତ୍ରା ସମ୍ପର୍କରେ ବର୍ଣ୍ଣନା ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ : ଧର୍ମେନ୍ଦ୍ର



ଭୁବନେଶ୍ୱର, ୧୫/୧୧ (ନି.ପ୍ର): ଇଣ୍ଡୋନେସିଆର ବାଲି ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ଐତିହାସିକ 'ବାଲିଯାତ୍ରା' ସମ୍ପର୍କରେ ଯେଉଁ ଭଳି ଭାବେ ବର୍ଣ୍ଣନା କରିଛନ୍ତି, ଏହା ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆନ୍ତର୍ଜାତିକ ସ୍ତରରେ ଓଡ଼ିଶାର ଗୌରବପୂର୍ଣ୍ଣ ଐତିହ୍ୟର ଯାତ୍ରାକୁ ସମ୍ମାନ ଜଣାଇ ଓଡ଼ିଆ ଜାତିକୁ ପ୍ରଶଂସିତ କରିଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ତରଫରୁ କୃତଜ୍ଞତା ଜ୍ଞାପନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଅତୀତରେ ଆମର ସାଧବ ପୁଅମାନେ ଗଭୀର ସମୁଦ୍ରରେ ବୋଇତ ଚାଳନା ମାଧ୍ୟମରେ ଭାରତ-ଇଣ୍ଡୋନେସିଆ ଯାତ୍ରା କରି ଦୁଇ ଦେଶ ମଧ୍ୟରେ ସ୍ଥାପନ କରିଥିବା ସମୃଦ୍ଧ ବାଣିଜ୍ୟ ସମ୍ପର୍କ 'ବାଲିଯାତ୍ରା' ପରମ୍ପରାକୁ ଜନ୍ମ ଦେଇଛି । ପ୍ରଧାନମନ୍ତ୍ରୀଙ୍କ ଏହି ଉତ୍ସାହପୂର୍ଣ୍ଣ ବାର୍ତା ପ୍ରତ୍ୟେକ ଓଡ଼ିଆଙ୍କୁ ଓଡ଼ିଶାର ଗୌରବମୟ ଇତିହାସ ବିଷୟରେ ଜାଣିବା ପାଇଁ ପ୍ରେରିତ କରିବ ।

# ମାନବ ସଭ୍ୟତାରେ ଯୋଡ଼ି ହେଲା ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ : ୮୦୦ କୋଟି ଛୁଇଁଲା ବିଶ୍ୱ ଜନସଂଖ୍ୟା



ନୂଆଦିଲ୍ଲୀ, ୧୫/୧୧ : ବିଶ୍ୱରେ ଲଗାତର ଜନସଂଖ୍ୟା ବଢିବାରେ ଲାଗିଛି । ଏଭଳି ସ୍ଥିତିରେ ବଢୁଥିବା ଜନସଂଖ୍ୟା ଏକ ପ୍ରମୁଖ ସମସ୍ୟା ପାଲଟିଛି । ତେବେ ମିଳିତ ଜାତିସଂଘର ଆକଳନ ଅନୁଯାୟୀ ଆଜି ବିଶ୍ୱର ଜନସଂଖ୍ୟା ୮ ବିଲିୟନ ବା ୮୦୦ କୋଟି ଛୁଇଁଛି । ଜାତିସଂଘ ମହାସିଚବ ଆଂଟୋନିଓ ଗୁଟେରସ ଏହି ସୂଚନା ଦେଇଛନ୍ତି । ସୋମବାର ପ୍ରକାଶିତ ବାର୍ଷିକ ବିଶ୍ୱ ଜନସଂଖ୍ୟା ରିପୋର୍ଟରେ କୁହାଯାଇଛି ଯେ ଆସନ୍ତା ୨୦୨୩ ସୁଦ୍ଧା ଭାରତ ସର୍ବାଧିକ ଜନବହୁଳ ରାଷ୍ଟ୍ର ଭାବେ ଚୀନକୁ ପଛରେ ପକାଇ ଦେବ । ଅର୍ଥାତ୍ ଜନସଂଖ୍ୟାରେ ଚୀନକୁ ଟପିଯିବ ଭାରତ । ଏହାର କାରଣ ହେଉଛି ଚୀନର ଏକ ସନ୍ତାନ ନୀତି । ଯାହା ୧୯୮୦ରୁ ଲାଗୁ ହୋଇଥିଲା । ୨୦୧୫ରେ ଶେଷ ହୋଇଛି । ହେଲେ ଏଠାରେ ଦମ୍ପତି ଏବେ ମଧ୍ୟ ଗୋଟିଏ ସନ୍ତାନ ଜନ୍ମ ଦେବାକୁ ଚାହୁଁଛନ୍ତି । କିନ୍ତୁ ଚୀନ ସରକାର ସେମାନଙ୍କଠାରୁ ୩ ସନ୍ତାନ ଚାହୁଁଛନ୍ତି । ଜାତିସଂଘର ଆକଳନ ଅନୁଯାୟୀ ୨୦୩୦ ସୁଦ୍ଧା ବିଶ୍ୱ ଜନସଂଖ୍ୟା ପ୍ରାୟ ୮୫୦ କୋଟି, ୨୦୫୦ ସୁଦ୍ଧା ୯୭୦ କୋଟି ଏବଂ ୨୦୮୦ ସୁଦ୍ଧା ୧୦୪୦ କୋଟି ବୃଦ୍ଧି ପାଇପାରେ । ଏହାପରେ ଜନସଂଖ୍ୟା ସ୍ଥିରତା ଆସିପାରେ । ୨୧ ଶହ ମସିହା ଯାଏ ଏହି ସଂଖ୍ୟା ସ୍ଥିର ରହିବ ବୋଲି ଆଶା କରାଯାଉଛି । ତେବେ ଏହି ସମୟ ମଧ୍ୟରେ ଅଧାରୁ ଅଧିକ ଜନସଂଖ୍ୟା ବୃଦ୍ଧି ବିଶ୍ୱର ୮ଟି ଦେଶରେ ଦେଖିବାକୁ ମିଳିବ । ଏହି ଦେଶ ମଧ୍ୟରେ ରହିଛି ଭାରତ, କଙ୍ଗୋ, ମିଶର, ଇଥିଓପିଆ, ନାଇଜେରିଆ, ପାକିସ୍ତାନ, ଫିଲିପାଇନ୍ସ ଓ ତାଞ୍ଜାନିଆ ।

# ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ କଟକ ବାଲିଯାତ୍ରା

କଟକ, ୧୫/୧୧ (ନି.ପ୍ର): ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଲା କଟକ ବାଲିଯାତ୍ରା । କଟକରେ ଆଜି ୨ ହଜାର ୧୨୨ ପିଲା ଭାଗ ନେଇ ଏକାସଙ୍ଗେ ୨୩ ହଜାର ଡଙ୍ଗା ବାଇଛନ୍ତି । ଗିନିଜ୍ ବୁକ୍ ଅଫ୍ ୱର୍ଲଡ୍ ରେକର୍ଡରେ ସ୍ଥାନ ପାଇବା ନେଇ କଟକ ମହାନଗର ନିଗମ ପକ୍ଷରୁ ଏଭଳି ପ୍ରୟାସ କରାଯାଇଥିଲା । ଗିନିଜ୍ ବୁକ୍ ଅଫ୍ ୱର୍ଲଡ୍ ରେକର୍ଡର ଏକ ପ୍ରତିନିଧି ମଣ୍ଡଳୀ ଡଙ୍ଗା ପ୍ରସ୍ତୁତ ବେଳେ ଉପସ୍ଥିତ ଥିଲେ । ବାଲିଯାତ୍ରା ପଡ଼ିଆ ନିକଟରେ ଏହି କାର୍ଯ୍ୟକ୍ରମ ଚାଲିଥିଲା ।

# ହକ୍ ଦାବି କରି ଆନ୍ଦୋଳନ କରୁଥିବା ଲୋକଙ୍କୁ ପୋଲିସ ଅପରାଧୀ ଭାବେ ରାତି ଅଧରେ ଗିରଫ କରି କୋର୍ଟ ଚାଲାଣ କରିବା ନିନ୍ଦନୀୟ

ମାଲକାନଗିରି, ୧୫/୧୧ (ନି.ପ୍ର): ଗତ ୧୦ ତାରିଖ ରାତିରେ ମାଲକାନଗିରି ଜିଲ୍ଲା ସୀମାନ୍ତ ବୈପାରିଗୁଡ଼ା ଥାନା ମାଳିପଦର ଗାଁରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ପୋଲିସର ଏନକାଉଂଟରରେ ମାଥିଲି ଅଂଚଳର ଜଣେ ନିରୀହ ଦିନମଜୁରିଆଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ସହ ମୃତଦେହ ଫେରାଇବା ଓ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ରବିବାର ସକାଳୁ ରାତି ପର୍ଯ୍ୟନ୍ତ ମୃତକଙ୍କ ପରିବାର ଓ ଗ୍ରାମବାସୀ କତାମେଟା ମୁଖ୍ୟରାସ୍ତାରେ ଧାରଣାରେ ବସିଥିଲେ। ଫଳରେ ୩୨୬ ନମ୍ବର ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାରୋକ ଅଭିଯୋଗରେ ମାଲକାନଗିରି ପୋଲିସ ରବିବାର ମଧ୍ୟରାତ୍ରୀରେ କତାମେଟା ଧାରଣସ୍ଥଳରୁ ୨୩ ଜଣଙ୍କୁ ଉଠାଇନେଇ ଥାନାରେ ଅଟକ ରଖିଥିଲା।ପୁଣି ସୋମବାର ସକାଳେ ଆନ୍ଦୋଳନର ନେତୃତ୍ୱ ନେଉଥିବା ସାମାଜିକ କର୍ମୀ ଶରତ ଚନ୍ଦ୍ର ବୁରୁଦା, ଧନ ଧର୍ମା, ସନ୍ତୋଷ କାଲାକର, ବନମଳି କାଲା କାରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଅନ୍ୟ ୧୯ ଜଣଙ୍କୁ ପଚରାଉଚୁରା କରିବା ପରେ ଛାଡି ଦିଆଯିବ ବୋଲି ପୋଲିସ କହିଛି। ଆନ୍ଦୋଳନକାରୀଙ୍କୁ ଗିରଫ କରିବା ପରେ କତାମେଟା ରାସ୍ତାରୋକ ପ୍ରତ୍ୟାହାର ହୋଇଛି। ମାଲକାନଗିରି ଜୟପୁର ୩୨୬ ନମ୍ବର ଜାତୀୟ ରାଜପଥରେ ଆଜିଠାରୁ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଛି। ଏନେଇ ମାଲକାନଗିରି ଥାନା ଆଇଆଇସି ରିଗନ କିଣ୍ଡୋ ସୂଚନା ଦେଇଛନ୍ତି। ତେବେ ପୋଲିସର ଗିରଫଦାରି ପରେ ରାସ୍ତାରୁ ଧାରଣା ପ୍ରତ୍ୟହର ହୋଇଥିଲେ ମଧ ମହିଳାମାନେ କତାମେଟା ରାସ୍ତା ପାର୍ଶ୍ୱରେ ବସିରହିଥିବା ଜଣାପଡିଛି। ୪ ଆନ୍ଦୋଳନକାରୀଙ୍କୁ ପୋଲିସ କୋର୍ଟ ଚାଲାଣ କରିବା ଘଟଣାକୁ ଜିଲ୍ଲା କଂଗ୍ରେସ ଘୋର ନିନ୍ଦା କରିଛି। ସୋମବାର ସକାଳେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ ଦଳର ନେତା ଓ କର୍ମୀମାନେ ମାଲକାନଗିରି ଥାନାକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। କଂଗ୍ରେସ କହିଛି ଯେ, ଗିରଫ ହୋଇଥିବା ବ୍ୟକ୍ତିମାନେ ଶାନ୍ତିପୂର୍ଣ୍ଣ ଭାବେ ସେମାନଙ୍କ ଦାବିନେଇ ଧାରଣା ଦେଇଥିଲେ। ହକ୍ ଦାବି କରି ଗଣତନ୍ତ୍ର ରାଷ୍ଟ୍ରରେ ରାସ୍ତାରୋକ ଓ ଧାରଣା ଦେବା କିଛି ଅପରାଧ ନୁହଁ। ପୋଲିସ ସେମାନଙ୍କୁ ଅପରାଧୀ ଭାବେ ରାତି ଅଧରେ ଗିରଫ କରି କୋର୍ଟ ଚାଲାଣ କରିବା ଏକ ନିନ୍ଦନୀୟ ଘଟଣା। ପୋଲିସର ଗୁଣ୍ଡାଗିରିକୁ ଉଚିତ୍ ଜବାବ ଦିଆଯିବ। ଆଗାମୀ ଦିନରେ ଏହାକୁ ନେଇ ଏକ ବଡ଼ ଧରଣ ଆନ୍ଦୋଳନ ହେବ ବୋଲି କଂଗ୍ରେସ କମିଟି ସଭାପତି ସୂଚନା ଦେଇଛନ୍ତି।ସୂଚନା ଯୋଗ୍ୟ ଯେ, ଗତ ଗୁରୁବାର ରାତିରେ ବୈପାରିଗୁଡା ଥାନା ମାଳିପଦର ଜଙ୍ଗଲରେ କୋରାପୁଟ ପୋଲିସର କମ୍ବିଂ ଅପରେସନ ବେଳେ ଏନକାଉଂଟରରେ ୨ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁଇ ଜଣ ଦିନ ମଜୁରିଆ ହୋଇଥିବା ଦାବି କରି ଗ୍ରାମବାସୀମାନେ ରବିବାର ସକାଳେ କତାମେଟା ରାସ୍ତାରେ ଧାରଣା ଦେଇଥିଲେ।

# ବଲାଙ୍ଗିର ଜିଲ୍ଲାର ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଶିକ୍ଷଣ ବିକାଶ ନିମନ୍ତେ ଡିଜିଟାଲ ଇ –କଣ୍ଟେଣ୍ଟର ଶୁଭାରମ୍ଭ

ବଲାଙ୍ଗିର , ୧୫/୧୧ (ନି.ପ୍ର): ଓଡିଶା ଆଦର୍ଶ ବିଦ୍ୟାଳୟ ପଥରଚେପା ଠାରେ ଆଜି ଶିଶୁ ଦିବସ ପାଳନ ଅବସରରେ ଜିଲ୍ଲାର ସମସ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ଶିକ୍ଷଣ ବିକାଶ ନିମନ୍ତେ ଡିଜିଟାଲ ଇ –କଂଟେଂଟ ର ଶୁଭାରମ୍ଭ ହୋଇଯାଇଛି । ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଜିଟାଲ ଇ –କଂଟେଂଟ ର ଶୁଭାରମ୍ଭ କରିଛନ୍ତି । ଏହି ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ସଭା ରେ ଜିଲ୍ଲାପାଳ ଛାତ୍ର ଛାତ୍ରୀ ମାନଙ୍କୁ ଶିଶୁ ଦିବସ ର ଶୁଭେଚ୍ଛା ଜଣାଇ ଜିଲ୍ଲା ର ସମସ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ଗୁଣାତ୍ମକ ଶିକ୍ଷା ନିମନ୍ତେ ଏକ୍ସଟ୍ରା ମାର୍କ୍ସ ଏଜୁକେଶନ ପ୍ରାଇଭେଟ ଲିମିଟେଡ ଦ୍ୱାରା ପ୍ରସ୍ତୁତ ଡିଜିଟାଲ ଇ –କଂଟେଂଟ ବେଶ ସହାୟକ ହେବ ବୋଲି ପ୍ରକାଶ କରିବା ସହ ଛାତ୍ର ଛାତ୍ରୀ ମାନେ ପାଠ୍ୟକ୍ରମ କୁ ସହଜ ଭାବେ ବୁଝିପାରିବେ ବୋଲି କହିଥିଲେ । ନବମ ଓ ଦଶମ ଶ୍ରେଣୀ ର ଛାତ୍ର ଛାତ୍ରୀ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଏହି ଡିଜିଟାଲ ଇ –କଂଟେଂଟ ସମ୍ପର୍କରେ ଛାତ୍ର ଛାତ୍ରୀ ଙ୍କୁ ଶିକ୍ଷାଦାନ କରିବା ନିମନ୍ତେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ର ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପାଠପଢା ସହ ଛାତ୍ରଛାତ୍ରୀ ମାନଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା ପ୍ରାରମ୍ଭିକ ସୂଚନା ଦେଇ ଡିଜିଟାଲ ଇ –କଂଟେଂଟ ଛାତ୍ର ଛାତ୍ରୀ ଙ୍କ ଗୁଣାତ୍ମକ ଶିକ୍ଷା ନିମନ୍ତେ ଫଳପ୍ରଦ ହେବ ବୋଲି ପ୍ରକାଶ କରିଥିଲେ । ଏକ୍ସଟ୍ରା ମାର୍କ୍ସ ଏଜୁକେଶନ ପ୍ରାଇଭେଟ ଲିମିଟେଡ ର ଆଂଚଳିକ ମୁଖ୍ୟ ପିୟୁଷ ପ୍ରଶାନ୍ତ ଡିଜିଟାଲ ଇ –କଂଟେଂଟ ମାଧ୍ୟମରେ ଶିକ୍ଷାଦାନ କିପରି ଫଳପ୍ରଦ ହେବ ସେ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଓଡିଶା ଆଦର୍ଶ ବିଦ୍ୟାଳୟ ପଥରଚେପା ର ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର ,ଜିଲ୍ଲା ର ସମସ୍ତ ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ, ଭାରପ୍ରାପ୍ତ ଅଧ୍ୟକ୍ଷ, ଏକ୍ସଟ୍ରା ମାର୍କ୍ସ ଏଜୁକେଶନ ପ୍ରାଇଭେଟ ଲିମିଟେଡ ର ଦିବ୍ୟକାନ୍ତ ପୃଷ୍ଟି ,ନେହା ସାହୁ ଙ୍କ ସମେତ ଓଡିଶା ଆଦର୍ଶ ବିଦ୍ୟାଳୟ ପଥରଚେପା ର ଶିକ୍ଷକ ଶିକ୍ଷୟତ୍ରୀ, , ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ । ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାସ୍ତା ସଫେଇ ଆଳରେ ବିଭାଗୀୟ କର୍ମଚାରୀ ଓ ରାଜନେତା ମାଲାମାଲ : ଉଚ୍ଚ ସ୍ତରୀୟ ତଦନ୍ତ ଦାବି

ସାଲେପୁର , ୧୫/୧୧ (ନି.ପ୍ର): ସରକାରଙ୍କ ପକ୍ଷରୁ ରାସ୍ତାଘାଟ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ରାସ୍ତା ଖରାପ ହେଲେ ମରାମତି ପାଇଁ ଠିକାଦାରଙ୍କ ପକ୍ଷରୁ ୫% ଅର୍ଥ କାଟି ରଖାଯାଇଥାଏ । ଏହି ରାସ୍ତା ଖରାପ ହେବା ପରେ ଠିକାଦାରଙ୍କ ଦ୍ୱାରା ହେଉ କି ବିଭାଗୀୟ କର୍ମଚାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନାରେ ରାସ୍ତା ମରାମତି କରାଯାଏ । ହେଲେ ଠିକାଦାରଙ୍କ ପକ୍ଷରୁ ଅର୍ଥକାଟ୍ କରାଯାଇଥିଲେ ମଧ ଖରାପ ହୋଇଥିବା ରାସ୍ତାର ମରାମତି ଓ ସଫେଇ ଦିଗରେ ଅହେତୁକ ବିଳମ୍ବ କରାଯିବା ସହ ନିମ୍ନମାନର କାମ କରାଯାଉଥିବାରୁ ଗ୍ରାମବାସୀମାନେ କାମକୁ ବିରୋଧ କରିବା ସହ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି । ସୂଚନାଯୋଗ୍ୟଯେ ସାଲେପୁର ଆର.ଆଣ୍ଡ. ବି. ବିଭାଗ ଅଧିନରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକର ନଗସପୁର-ବରକୋଳିଆ ରାସ୍ତା, କଟକ-ଚାନ୍ଦବାଲି ରାସ୍ତାର ଜଗତପୁର ପାଖରୁ ସୁକରପଡା, ନିଶ୍ଚିନ୍ତକୋଇଲି ବ୍ଲକ ଛକରୁ ହାଟଛକ, ପୁନ୍ଦାଳ କେନାଲର ମଣ୍ଡନ ପାଖରୁ ନରେନ୍ଦ୍ରପୁର ରାସ୍ତାର ମରାମତି ଓ ସଫେଇ ପାଇଁ ବିଭାଗୀୟ କର୍ମଚାରୀ ଠିକାଦାର ଚୟନ କରିଛନ୍ତି । ଏହି ଠିକାଦାର ରାଜନୈତିକ ବ୍ୟକ୍ତିଙ୍କ ଚିଠାରେ ହେଉ କି ଅଫିସରଙ୍କୁ ହାତ କରିକି ହେଉ କାମର ଦାୟିତ୍ୱ ନେଇଥିଲା ବେଳେ କାମ ଠିକଣା ଭାବରେ ହେଉନଥିବାରୁ ଦାଉଦପୁର ପଂଚାୟତରେ ସ୍ଥାନୀୟ ଲୋକମାନେ ଏହି ସଫେଇ କାର୍ଯ୍ୟକୁ ତୀବ୍ର ବିରୋଧ କରିବା ସହ କାମ ବନ୍ଦ୍ କରିଥିବା ଜଣାପଡିଛି । କାମ ବନ୍ଦ୍ ସଂପର୍କରେ ଆମ ପ୍ରତିନିଧି ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଇବା ପରେ କାମ ଉପରେ ନଜର ଦିଆଯାଇଛି । ସରକାରୀ ନୀତି ନିୟମାନୁସାରେ କାମ ନହେଲେ ଅର୍ଥ ପଇଠ କରାଯିବନି ବୋଲି ପ୍ରକାଶ କରିଛନ୍ତି । ବେଳହୁଁ ବିଭାଗୀୟ କର୍ମଚାରୀ ସଜାଗ ନହେଲେ ସଫେଇ ଆଳରେ ଲକ୍ଷାଧିକ ଟଙ୍କା ଚଲୁ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ଆମ ଓଡିଶା ଓ ସମ୍ବାଦ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ

ଭବାନୀପାଟଣା ,୧୫/୧୧ (ନି.ପ୍ର): ଆଜି ଆମ ଓଡିଶା ତଥା ସମ୍ବାଦ ତରଫରୁ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ତ୍ରିଶକ୍ତି ଉଚ୍ଚ ବିଦ୍ୟାଳୟ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ରୂପେ ଗୋଲାମୁଣ୍ଡା ବିଡ଼ିଓ ଶ୍ରୀଧର ପଣ୍ଡା,ଲେତେର ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ଦମୟନ୍ତୀ ଭୋଇ, ଲେତେର ସମିତି ସଭ୍ୟା ସପୁରି ଭୋଇ,ଖଲିଆପାଲି ସରପଞ୍ଚ ଜିମୂତ ବାହାନ ହରପାଳ,ସମାଜସେବୀ ମୁଷିକ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ରକ୍ତଦାନ ଶିବିରରେ ସଭାପତିତ୍ୱ କରିଥିଲେ ତ୍ରିଶକ୍ତି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକଦ୍ରୋଣ କୁମାର ତାଣ୍ଡି । ଏହି ରକ୍ତଦାନ ଶିବିରରେ ମୋଟ ୨୯ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଉକ୍ତ ରକ୍ତଦାନ ଶିବିରକୁ ଗୋଲାମୁଣ୍ଡା ସମ୍ବାଦ ପ୍ରତିନିଧି ସୁଧୀର ପ୍ରସାଦ ସାହୁ ପରିଚାଳନା କରିଥିବା ବେଳେ ସାମ୍ବାଦିକ ବାଳକୃଷ୍ଣ ନାଏକ, ଆଶୁତୋଷ ରାଉତ, ସୁଶାନ୍ତ ଦଳେଇ, ସୋମ୍ୟରଞ୍ଜନ ଅଗସ୍ତି, ବଟକୃଷ୍ଣ ପଣ୍ଡା, ଲବଜି ପଟେଲ,ମହେଶ ଦାସ, ସମାଜସେବୀ ଜୟରାମ ସାହୁ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ଏହି ରକ୍ତଦାନ ଶିବିରରେ ନବୀନ ପଟେଲ, ଦୁଷ୍ମନ୍ତ ପଟେଲ,ମହେନ୍ଦ୍ର ଦାସ, ଆତ୍ମାରାମ ଭୋଇ, ରାଜିନ୍ଦ୍ର ପଟେଲ,ନରୋତ୍ତମ ଦାସ ବହୁଜଣ ବ୍ୟକ୍ତି ଆସି ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ଧର୍ମଗଡ଼ ରକ୍ତଭଣ୍ଡାରର ଭରତ କାଣ୍ଡ, ତିରୁପତି ମୁଣ୍ଡ, ପରମେଶ୍ୱର ସୁନାନି, ଡମ୍ବରୁଧର ମେହେର ରକ୍ତ ସଂଗ୍ରହ କରିଥିବା ବେଳେ ବୋର୍ଡି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ଡାକ୍ତର ସତ୍ୟନାରାୟଣ ମଲ୍ଲିକ ରକ୍ତ ସଂଗ୍ରହରେ ସାହାଯ୍ୟ କରିଥିଲେ।

# ରାଜ୍ୟସ୍ତରୀୟ ଦୁର୍ଘଟଣା ଅନୁସନ୍ଧାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ପୁରୀ ,୧୫/୧୧ (ନି.ପ୍ର): ପ୍ରତ୍ୟେକ ଜୀବନ ମୂଲ୍ୟବାନ। ତେଣୁ ସଡକ ସୁରକ୍ଷା ସହ ଜୀବନ ରକ୍ଷା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଗୁରୁତ୍ୱ ଦେଇଛନ୍ତି। ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ପରିସରରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଓ ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ପୋଲିସ ଓ ପରିବହନ ଅଧିକାରୀ ମାନଙ୍କର ଦୁଇ ଦିନିଆ ରାଜ୍ୟ ସ୍ତରୀୟ ଦୁର୍ଘଟଣା ଅନୁସନ୍ଧାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏଥିରେ ଯୋଗ ଦେଇ ଶ୍ରୀ ସାହୁ ଦୁର୍ଘଟଣା ପାଇଁ ବୈଷୟିକ ତୃଟି ଓ ମଣିଷକୃତ ତୃଟି ଦାୟୀ ହୋଇଥାଏ ବୋଲି କହିଥିଲେ। ବିଶେଷ ଭାବେ ରାସ୍ତା ନିର୍ମାଣ ସମୟରେ ବୈଷୟିକ ତୃଟିକୁ ସଂଶୋଧନ କରାଯାଇ ପାରେ, କିନ୍ତୁ ମାଦକ ଦ୍ରବ୍ୟ ସେବନ କରି ଡ୍ରାଇଭିଂ, ଡ୍ରାଇଭିଂ ସମୟରେ ମୋବାଇଲ ବ୍ୟବହାର, ହେଲମେଟ, ସିଟବେଲ୍ଟ ବ୍ୟବହାର ନ କରିବା, ଭୁଲ ରୁଟରେ ଗାଡି ଚାଳନା, ଓଭର ଲୋଡିଂ ଇତ୍ୟାଦି ପାଇଁ ହେଉଥିବା ଦୁର୍ଘଟଣା ପାଇଁ ବ୍ୟାପକ ସଚେତନତା ବା ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି କହିଥିଲେ। ଦୁର୍ଘଟଣା ର କାରଣ ଓ ନିରାକରଣର ଅନୁସନ୍ଧାନ ପାଇଁ ଏହି ପ୍ରଶିକ୍ଷଣ ବେଶ ଉପାଦେୟ ହୋଇ ପାରିବ ବୋଲି ଶ୍ରୀ ସାହୁ କହିଥିଲେ।ପରିବହନ ବିଭାଗ ର ଯୁଗ୍ମ ସଚିବ ଶ୍ରୀ ସଂଜୟ କୁମାର ବିଶ୍ୱାଳ ବର୍ତ୍ତମାନ ଉନ୍ନତ ମାନର ରାସ୍ତା ନିର୍ମାଣ ସହ ଦୁର୍ଘଟଣା କୁ ବୈଜ୍ଞାନିକ ଓ ବୈଷୟିକ ଭାବେ ଅନୁସନ୍ଧାନ କରାଯାଉଛି। ଉଦ୍ଧାର କର୍ତ୍ତା ଙ୍କୁ ଆର୍ଥିକ ପ୍ରୋତ୍ସାହନ ସହ ଗୋଲଡ୍ଡେନ ସମୟ ବା ଦୁର୍ଘଟଣା ପରେ ପରେ ଯଥା ଶୀଘ୍ର ଚିକିତ୍ସା ପାଇଁ ନାଗରିକ ମାନଙ୍କୁ ସଚେତନ କରାଯାଉଛି ବୋଲି କହିଥିଲେ। ଅତିରିକ୍ତ ଏସପି ପ୍ରଫୁଲ୍ଲ ଚନ୍ଦ୍ର ବଡଜେନା ବର୍ତ୍ତମାନ ରାସ୍ତା ନିର୍ମାଣରେ ବୈଷୟିକ ଓ ବୈଜ୍ଞାନିକ ପଦ୍ଧତି ଯୋଗୁଁ ଦୁର୍ଘଟଣାକୁ ହ୍ରାସ କରାଯାଉଥିଲେ ମଧ ମାନବକୃତ ତୃଟିର ସୁଧାର ପାଇଁ ବ୍ୟାପକ ସଚେତନତା ଜରୁରୀ ବୋଲି କହିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଟ୍ରାଫିକ ଡିଏସପି ମନୋବ୍ରତା ଶତପଥୀ, ଆର ଟି ଓ ରବିନ ପଟ୍ଟନାୟକ ସଡ଼କ ସୁରକ୍ଷା ଓ ଦୁର୍ଘଟଣା ରୋକିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଏହି ପ୍ରଶିକ୍ଷଣ ତାହାକୁ ଅଧିକ କ୍ରିୟାଶୀଳ କରିବ ବୋଲି କହିଥିଲେ। ବିଷୟ ବିଶାରଦ ଭାବେ ଗୁଜରାଟ ର ଜିଗର ସୋନି ଓ ମହାରାଷ୍ଟ୍ରର ରବି ଶଙ୍କର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏମ ଭି ଆଇ ବାମଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଲାଙ୍ଗିର ବ୍ଲକ କୁମ୍ଭାର ସମାଜର ସାଂଗଠନିକ ସଭା

ବଲାଙ୍ଗିର , ୧୫/୧୧ (ନି.ପ୍ର): ଜିଲ୍ଲା ସଭାପତି ଭିକାରୀ ରଣାଙ୍କ ସଭାପତିତ୍ୱରେ କୁଟୁମଡୋଲା ଠାରେ ବଲାଙ୍ଗିର ବ୍ଲକ କୁମ୍ଭାର ସମାଜର ବୈଠକ ଅନୁଷ୍ଠିତ ହୋଇଥିଲା । ସର୍ବ ସମ୍ମତି କ୍ରମେ ସମାଜର ଉନ୍ନତି ପାଇଁ ସଭାପତି ଭାବେ ପ୍ରମୋଦ ରଣା, ସମ୍ପାଦକ ବରୁଣ ରଣା, ଉପ-ସଭାପତି ଯୁଗଳ ରଣା, ସୁରେନ୍ଦ୍ର ରଣା, ସହ ସଂପାଦକ ରୂପେ ମନୋରଞ୍ଜନ ରଣାଙ୍କୁ ଆଗାମୀ ତିନି ବର୍ଷ ପାଇଁ ମନୋନୀତ କରାଯାଇଥିଲା । ଏହି ସଭାରେ ସମ୍ମାନିତ ଅତିଥି ଭାବେ ରଘୁରାଜ ରଣା, ଅରୁଣ ରଣା (ପଶ୍ଚିମ ଓଡିଶା କୁମ୍ଭାର ସମାଜ ର ମହାସଚିବ), ନୃପରାଜ ରଣା, ଶଶି ଭୂଷଣ ରଣା, ଟଙ୍କଧର ରଣା ଉପସ୍ଥିତ ଥିଲେ। ଚନ୍ଦ୍ରମଣି ରଣା ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ଗ୍ରାମ ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ ।

# ବଲାଙ୍ଗିର ଜିଲ୍ଲା କରାଟେ ସଂଘର ସଫଳତା

ବଲାଙ୍ଗିର, ୧୫/୧୧ (ନି.ପ୍ର): ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲ ପ୍ରାଙ୍ଗଣରେ ୩୪ ତମ ଓଡିଶା ରାଜ୍ୟ ସ୍ତରୀୟ ସବ୍ ଜୁନିୟର ୧୩ ବର୍ଷରୁ କମ୍ ବାଳିକା ବାଳକ ବିଭାଗରେ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା ରେ ୪୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବଲାଙ୍ଗିର ଜିଲ୍ଲାରୁ ୧୧ ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରି ୧ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୨ଟି ତାମ୍ର ମୋଟ ୮ଟି ପଦକ ହାସଲ କରିଛନ୍ତି। ବାଳିକା ବିଭାଗରେ ୫୫ କେଜି ଅଭିପସା ହୋତା ସ୍ୱର୍ଣ୍ଣ , ତମନ୍ନ ମେହେର ୪୦ କେଜି ରୌପ୍ୟ, ଆୟୁସି ସିଂ ବାରିକ ୩୫ କେଜି ରୌପ୍ୟ, ତନିସ୍କା ଶର୍ମା ୩୫ କେଜି ରୌପ୍ୟ ଓ ସେହି ପରି ବାଳକ ବିଭାଗରେ ୪୦ କେଜି ବର୍ଗରେ ରାଜୁ ସାହୁ ରୌପ୍ୟ, ଅଂଶୁମାନ ସୃଷ୍ଟି ୪୦ କେଜି ବର୍ଗରେ ରୌପ୍ୟ, ଲୋକେଶ ବାଗ ୩୦ କେଜି ତାମ୍ର, ପ୍ରତାପ ସାହୁ ତାମ୍ର ପଦକ । ଏହି ପ୍ରତିଯୋଗିମାନେ କୁମିତେ (ଫାଇଟ) ରେ ପଦକ ହାସଲ କରି ବଲାଙ୍ଗିର ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । ୯ ଓ ୧୦ ନଭେମ୍ବର ୨ ଦିନ ଧରି ଅନ୍ତଃ ରାଜ୍ୟ କରାଟେ ଜଜ୍ ଓ ରେଫରି ପରିକ୍ଷା ହୋଇଥିଲା । ଏଥିରେ ସେନ୍‌ସାଇ ସୁରେଶ ଜାଲ ଏ ଗ୍ରେଡ ରେଫରି, ଗୋପାଳ ଦୀପ ରେଫରି ବି ଓ ବୈମକେଶ ବେହେରା ଜଜ୍ ବି ପରୀକ୍ଷାରେ ପାସ କରି ଏହି ପ୍ରତିଯୋଗିତାରେ ଭାର ତୁଲାଇଥିବା ବେଳେ ହୃଦୟ ଶବର ଓ ଚନ୍ଦ୍ର ଶେଖର ସେଠ ଅଫିସିଅଲ ବାବେ ଭାର ତୁଲାଇଥିଲେ । ଉଦ୍ ?ଯାପନି ଉତ୍ସବରେ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି ଏବଂ ଦୂରଦର୍ଶୀ ପତ୍ରିକାର ସଂପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ ଓ ଓଡିଶା ସିପକ୍ ଟାକ୍ରୋ ସଂଘର ସଂପାଦକ ପୃଥ୍ୱୀରାଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କରାଟେ ସଂଘର ସଭାପତି ଡ.ହରିପ୍ରସାଦ ପଟ୍ଟନାୟକ, ସଂପାଦକ ଗୌରୀ ମହାନ୍ତି ମଞ୍ଚାସିନ ଥିଲେ । ଏହି ପଦକ ହାସଲ କରିଥିବା ବାଳକ ଓ ବାଳିକାଙ୍କୁ ରେଫରି ଜଜ୍ ଓ ଅଫିସିଆଲମାନଙ୍କ ସଫଳତାରେ ବଲାଙ୍ଗିର ଜିଲ୍ଲା କରାଟେ ସଂଘ, ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଟ୍ୱିଟର ମ୍ୟାନ ରାଜେଶଙ୍କ ନିଆରା ଦେଶ ସେବା

କନ୍ଧମାଳ ,୧୫/୧୧ (ନି.ପ୍ର): ଘରେ ବସି ସାମାଜିକ ସେବା କରିବା ଓ ନିଜ ଅଂଚଳ ସମସ୍ୟା ଏବଂ ଜିଲ୍ଲାରେ ଥିବା ଦୁର୍ଗମ ଅଂଚଳର ରହିଥିବା ସମସ୍ୟାକୁ କିଭଳି ସରକାରଙ୍କ ପାଖରେ ପହଁଚିବା ପ୍ରୟାସ କରୁଛନ୍ତି ରାଜେଶ। ଆଦିବାସୀ ଅଧ୍ୟୁଷିତ ଅଂଚଳ ଏବଂ ଅନ୍ୟାନ୍ୟ ଜିଲ୍ଲା ଗୁଡ଼ିକର ବିଭିନ୍ନ ଗ୍ରାମଗୁଡିକରେ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ପାଇଁ ୪୦ ହଜାର ଟୁଇଟ୍ ଏବଂ ୫ ହଜାର ୫୦୦ ଚିଠି ପତ୍ର ଲେଖି ରେକର୍ଡ଼ ୫୦୦ରୁ ଉର୍ଦ୍ଧ୍ୱ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଗ୍ରାମ ଗୁଡିକରେ ବି.ଏସ.ଏନ୍.ଏଲ୍ ଏବଂ ଜିଓ ଟାୱାର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ୩୦୦୦ରୁ ଉର୍ଦ୍ଧ୍ୱ ଗାଁକୁ ସବୁ ଦିନିଆ ରାସ୍ତା ନିର୍ମାଣ ହୋଇପାରିଛି । ୪୦ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ଯୁବ ଗବେଷକ ରାଜେଶ କୁମାର ବଗର୍ତ୍ତୀଙ୍କ ନିଆରା ଉଦ୍ୟମ । ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ପିଏଚଡ଼ି ଗବେଷଣା କରୁଥିବା ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବ୍ଲକ୍ ଅନ୍ତର୍ଗତ ତଲାରିମାହା ଗ୍ରାମ ପଂଚାୟତର ଦୁର୍ଗମ ଗଟାମାହା ଗ୍ରାମର ରାଜେଶ କୁମାର ବଗର୍ତ୍ତୀ ଏବେ ଚର୍ଚ୍ଚାରେ। ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ସହ ଅନ୍ୟାନ୍ୟ ଜିଲ୍ଲା ଗୁଡ଼ିକର ବିଭିନ୍ନ ଗ୍ରାମରେ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜେଶ ଗତ ୨୦୧୫ ମସିହା ଠାରୁ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ରାଜ୍ୟପାଳ ଓ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ଚିଠି ପତ୍ର ଲେଖି ଅବଗତ କରାଇବା ସହ ଗତ ୨୦୧୭ ମସିହା ଠାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଟୁଇଟର ସୋସିଆଲ ମିଡ଼ିଆ ଅଭିଯୋଗ ପ୍ରକୋଷ୍ଠକୁ ଟୁଇଟ୍ କରି ବିଭିନ୍ନ ସମସ୍ୟାର ସମାଧାନ କରିଛନ୍ତି। ଆଜି ତାଙ୍କ ଟୁଇଟ୍ ସଂଖ୍ୟା ୪୦ ହଜାର ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ଲେଖିଥିବା ଚିଠି ପତ୍ର ସଂଖ୍ୟା ୫ ହଜାର ୫୦୦ରେ ପହଂଚିଥିବା ବେଳେ ଉଭୟ ମିଶି ୪୫ ହଜାର ୫୦୦ ଅତିକ୍ରମ କରିଛି। କେବଳ ସେତିକିରେ ସୀମିତ ନୁହେଁ ତାଙ୍କ ପ୍ରୟାସ । ତାଙ୍କ ଟୁଇଟ୍ ଏବଂ ଚିଠିର ପ୍ରଭାବରେ ଆଜି ସୁଦ୍ଧା ସାରା ରାଜ୍ୟର ବିଭିନ୍ନ କ୍ଷେତ୍ରରେ ୪୦ ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟକ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିଛି । ତାଙ୍କରି ଉଦ୍ୟମରେ ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଏବଂ ଅନ୍ୟାନ୍ୟ ଜିଲ୍ଲା ଗୁଡ଼ିକର ବିଭିନ୍ନ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ପକ୍କା ରାସ୍ତା ନିର୍ମାଣ, ବିଦ୍ୟୁତ୍ ସଂଯୋଗ, ମନରେଗା ଯୋଜନାରେ ମାଧ୍ୟମରେ ରାସ୍ତା ନିର୍ମାଣ, ଟାୱାର ନିର୍ମାଣ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା, ଗ୍ରାମୀଣ ଆଲୋକିକରଣ, ଗୋଷ୍ଠୀ ଗୃହ ନିର୍ମାଣ, ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ, ଜଙ୍ଗଲ ସୁରକ୍ଷା ନିମନ୍ତେ ବନ ସଂରକ୍ଷଣ ସମିତି ଗଠନ, ଆଦିବାସୀ ମାନଙ୍କର କଳା, ସଂସ୍କୃତି, ପରମ୍ପରା ସଂରକ୍ଷଣ ନିମନ୍ତେ ଉଦ୍ୟମ, ଗରିବ ଜନସାଧାରଣଙ୍କୁ ଗ୍ରାମୀଣ ଗୃହ ଯୋଜନାରେ ଗୃହ ଯୋଗାଣ, ଲୋକଙ୍କୁ ଭତ୍ତା ଯୋଗାଣ ଜନସାଧାରଣଙ୍କୁ ଖାଉଟି କାର୍ଡ ଯୋଗାଣ ହୋଇପାରିଛି। ପ୍ରତିଦିନ ରାଜ୍ୟର ବିଭିନ୍ନ ଖବରକାଗଜକୁ ପଢ଼ି ସେଇଥିରୁ ବିଭିନ୍ନ ଅଂଚଳର ଭିନ୍ନ ଭିନ୍ନ ସମସ୍ୟା ବିଷୟରେ ଅବଗତ ହେବା ପରେ ସେ ସେହି ଗୁଡ଼ିକର ତ୍ୱରିତ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀଙ୍କ ଟୁଇଟର ସୋସିଆଲ ମିଡ଼ିଆ ଅଭିଯୋଗ ପ୍ରକୋଷ୍ଠ ସହ ବିଭିନ୍ନ ବିଭାଗକୁ ଟୁଇଟର ମାଧ୍ୟମରେ ଟୁଇଟ୍ କରି ଅବଗତ କରାଇଥାନ୍ତି। ଏହା ବ୍ୟତୀତ କରୋନା ମହାମାରୀ ଯୋଗୁଁ ସମଗ୍ର ଦେଶରେ ଲକଡାଉନ୍ ଯୋଗୁଁ ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ହୋଇଥିଲା। ସେହି ସମୟରେ ଗ୍ରାମୀଣ ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷା କ୍ଷେତ୍ରରେ ଅବନତି ସୃଷ୍ଟି ହେବ ଏହାକୁ ହୃଦବୋଧ କରି ସେ ସେହି ସମୟ ଠାରୁ ଆଜି ପର୍ଯ୍ୟନ୍ତ ଗ୍ରାମର ପ୍ରଥମ ଠାରୁ +୨ ଶ୍ରେଣୀର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପ୍ରତିଦିନ ନିଜ ଘର ପିଣ୍ଡାରେ ନିଶୁଳ୍କରେ ଶିକ୍ଷା ଦାନ କରିବା ସହ ସେ ଛାତ୍ରବୃତ୍ତି ବାବଦରେ ଯେଉଁ ଟଙ୍କା ପାଆନ୍ତି ସେହି ଟଙ୍କାରେ ଗ୍ରାମର ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ କିଣି ଯୋଗାଇ ଦେଇଥାନ୍ତି। ଉଚ୍ଚ ଶିକ୍ଷା ସହ ସାରା ରାଜ୍ୟର କୋଣ ଅନୁକୋଣର ଖବର ସମସ୍ୟାକୁ ରାଜ୍ୟ ସରକାରଙ୍କ ନିକଟରେ ପହଂଚାଇବା ଭଳି କାର୍ଯ୍ୟ ଏବେ ତାଙ୍କର ନିଶା ପାଲଟି ଯାଇଛି । ତାହା ସହ ଫୁଲବାଣୀର ସ୍ୱୟଂଚାଳିତ ମହାବିଦ୍ୟାଳୟରେ ସେ ଅତିଥି ଶିକ୍ଷକ ଭାବେ କାର୍ଯ୍ୟରତ ରହି ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରୁଛନ୍ତି ।

# ଯୁବ ସାହିତ୍ୟିକ ସୃଷ୍ଟି ପ୍ରୟାସରେ ବ୍ୟାସକବି ସାହିତ୍ୟ ସଂସଦ

ମାଲକାନଗିରି ,୧୫/୧୧ (ନି.ପ୍ର): ବ୍ୟାସକବି ସାହିତ୍ୟ ସଂସଦ, ଶୂଳ, ନୀଳଗିରି, ବାଲେଶ୍ୱର ଆନୁକୂଲ୍ୟରେ ମାଲକାନଗିରି ଜିଲ୍ଲା ସଦରମହକୁମା ସ୍ଥିତ ଘଡାଇ ଆବସିକ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ରବିବାର ଅପରାହ୍ନ ରେ ସାରସ୍ୱତ ଯୁବ ମହୋତ୍ସବ, ବ୍ୟାସକଳିକା ଶିଶୁ ପତ୍ରିକା, ଯୁବ କବି ଯଚିନ୍ଦ୍ର ସ୍ୱାଇଁଙ୍କ କବିତା ସଙ୍କଳନ ଂଚବିଶ୍ୱବିଜୟିନୀଂଚ ଲୋକାର୍ପଣ, ସମ୍ବର୍ଦ୍ଧନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। ପରିବେଶ ସଚେତନତା ଓ ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ଓ ବିକାଶରେ କାର୍ଯ୍ୟ କରୁଥିବା ବ୍ୟାସକବି ସାହିତ୍ୟ ସଂସଦ ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଯୋଜନା ବୋର୍ଡ ସଭ୍ୟ ତଥା ପୂର୍ବତନ ସାଂସଦ ଭୁବନେଶ୍ୱର ପ୍ରୋଫେସର ଡଃ ପ୍ରସନ୍ନ କୁମାର ପାଟ୍ଟଶାଣୀ କାର୍ଯ୍ୟକ୍ରମକୁ ଉଦ୍ ଘାଟନ କରିଥିଲେ ।ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ କବି ଯଚିନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଶ୍ରୀ ପଦ୍ମନାଭ ତ୍ରିପାଠୀ ବରେଣ୍ୟ ଅତିଥି ଭାବେ, ଡଃ ପ୍ରଭାତ କୁମାର ମହାରଣା ଅଧ୍ୟାପକ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଭୁବନେଶ୍ୱର, ମୁଖ୍ୟ ବକ୍ତା ଭାବେ ଡଃ ବାହାଦୁର ପାଟ୍ଟଶାଣୀ, ଓଡିଶା ସାହିତ୍ୟ ଏକାଡେମୀ ସଭ୍ୟ ଓ ସାଧାରଣ ସମ୍ପାଦକ ଉଫୁନା, ବରେଣ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ଘଡାଇ ଏମ୍. ଡି. ଘଡାଇ ଆବସିକ ବିଜ୍ଞାନ ମହାବିଦ୍ୟାଳୟ, , ବାଗ୍ମୀ, ଭୁବନେଶ୍ୱର, ଶ୍ରୀ ଚକ୍ରଧର ତ୍ରିପାଠୀ, ସଭାପତି, ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନ ଖୋର୍ଦ୍ଧା, ଶ୍ରୀଯୁକ୍ତ କରୁଣାକର ମଲ୍ଲିକ, ଉପ ସଭାପତି, ବ୍ୟାସକବି ସାହିତ୍ୟ ସଂସଦ, ଶ୍ରୀଯୁକ୍ତ ବଲରାମ ତରାଇ, ପ୍ରତିଷ୍ଠାତା, ନିଶିଗନ୍ଧା ଭାଷା ପ୍ରତିଷ୍ଠାନ, ଖୋର୍ଦ୍ଧା, ଶ୍ରୀ ସନ୍ତୋଷ ବାରିକ, ନିର୍ଦ୍ଦେଶକ, ସ୍ୱାବଲମ୍ବନ ପବ୍ଲିଶର୍ସ, ଶ୍ରୀଯୁକ୍ତ ବିଦେଶୀ ନାୟକ, ସମ୍ପାଦକ ଓଡ଼ିଆ ଯୁବ ଲେଖକ ସମ୍ମିଳନୀ ଆଦି ଯୋଗ ଦେଇ ଯୁବ ସାହିତ୍ୟିକ ସୃଷ୍ଟି ରେ ତଥା ଓଡିଆ ବାଣୀ ଭଣ୍ଡାର ସମୃଦ୍ଧିରେ ବ୍ୟାସକବି ସାହିତ୍ୟ ସଂସଦର ଅବଦାନକୁ ପ୍ରସଂସା କରିବା ସହ ଅନୁଷ୍ଠାନ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଯୁବ ପ୍ରତିଭା ମାନଙ୍କୁ ସଙ୍ଗୀତ, କବିତା, ପ୍ରବନ୍ଧ, ନୃତ୍ୟକଳା, ଚିତ୍ରାଙ୍କନ ତଥା ସର୍ବୋଚ୍ଚ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା ।ମାଲକାନଗିରି ବନାଂଚଳ ଅଧିକାରୀ ଶ୍ରୀଜଗନ୍ନାଥ ବିଶୋଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ବଂଶୀଧର ମହାରଣା, ପ୍ରଦୀପ ସରକାର, କରୁଣାକର ମଲ୍ଲିକ, ଗୋଦାବରିଶ ଦାସଙ୍କୁ ବାଣୀ ସୌରଭ ସମ୍ମାନ,ବଲରାମ ତରାଇ, ସୁରେଶ ଚନ୍ଦ୍ର ଘଡାଇଙ୍କୁ ଶ୍ରେଷ୍ଠ ସଂଗଠକ ସମ୍ମାନ, ରବିନ୍ଦ୍ର ହାୱାଲାଦାରଙ୍କୁ ଆଦର୍ଶ ଶିକ୍ଷକ ଓ ଚିତ୍ତରଞ୍ଜନ ମହାରଣାଙ୍କୁ ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଘଡାଇ ଆବସିକ ବିଜ୍ଞାନ ମହାବିଦ୍ୟାଳୟ ତରଫରୁ କବି ଯଚିନ୍ଦ୍ର ସ୍ୱାଇଁଙ୍କୁ ସାହିତ୍ୟ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ବ୍ୟାସକବି ସାହିତ୍ୟ ସଂସଦର ଉପ ସଭାପତି ଗୋଦାବରିଶ ଦାସ ମଂଚ ପରିଚାଳନା କରିଥିଲେ ଓ ଘଡାଇ ଆବସିକ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସତ୍ୟବ୍ରତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବଲାଙ୍ଗିର ଦୈନିକ ବଜାରରେ ଉଚ୍ଛେଦ କାମ ଆରମ୍ଭ କଲା ମୁନିସିପାଲଟି

ବଲାଙ୍ଗିର ,୧୫/୧୧ (ନି.ପ୍ର): ବଲାଙ୍ଗିର ମୁନିସିପାଲଟି ପକ୍ଷରୁ ଆଜି ସକାଳୁ ଦୈନିକ ବଜାର ଅଞ୍ଚଳରେ ସାରଦେଶ୍ୱରୀ ଆୟୁର୍ବେଦ ଚିକିତ୍ସାଳୟ ଆଗରେ ଥିବା ମୁନିସିପାଲଟି ଦୋକାନ ଘର ଗୁଡିକ ଆଗକୁ ଡ୍ରେନ୍ ଉପରକୁ ମାଡି ବସି ବେଆଇନ ନିର୍ମାଣ ସହିତ ସିନେମା ହଲ ଠାରୁ ଦୈନିକ ବଜାର ରାସ୍ତା କଡରେ ହୋଇଥିବା ଦୋକାନୀ ମାନଙ୍କୁ ଉଚ୍ଛେଦ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ପୂର୍ବରୁ ସୂଚନା ପାଇ ଦୋକାନୀ ମାନେ ନିଜର ଦୋକାନ ଆଗକୁ ଖାଲି କରିଥିଲେ ଯେଉଁମାନେ ଖାଲି କରିନଥିଲେ ତାହାକୁ ପୋଲିସ୍ ଓ ମାଜିଷ୍ଟ୍ରେଟ ଉପସ୍ଥିତି ରେ ମୁନିସିପାଲଟି କର୍ମଚାରୀ ମାନେ ଜେସିପି ଲଗାଇ ଭାଙ୍ଗିବା କାର୍ଯ୍ୟ ଜାରି ରଖିଥିଲେ।

# ଛୋଟ ଘର ତଥାପି ସୁନ୍ଦର

ଘର ଛୋଟ ହୋଇଥିବାରୁ ମନପସନ୍ଦର ଫର୍ନିଚରରେ ଘରର ସାଜସଜ୍ଜା କରିପାରନ୍ତି ନାହିଁ ବୋଲି ଅନେକ ଲୋକ ମନଦୁଃଖ କରନ୍ତି । ତେବେ ଏମିତି କିଛି ଫର୍ନିଚର ଅଛି ଯାହା ଛୋଟ ଘରରର ଲୁକ୍ ବଦଳାଇ ପାରିବ । ଏହିସବୁ ଫର୍ନିଚର ଘରକୁ ଟ୍ରେଣ୍ଡି ଲୁକ୍ ଦେବାରେ ଏକଦମ୍ ବଢ଼ିଆ ।





**ଡେ ବେଡ୍ :**
ଏହାକୁ ସୋପା କମ୍ ବେଡ୍ କୁହାଯାଏ । ତେବେ ଆଜିକାଲି ଡେ ବେଡ୍ ନାମରେ ଏହା ବେଶି ପରିଚିତ । ଦିନବେଳା ଏହାକୁ ବସିବା ପାଇଁ ସୋଫା ଭାବେ ବ୍ୟବହାର କରାଯାଇପାରିବ । ରାତି ହେଲେ ଏହା ଆରାମଦାୟକ ବେଡ୍ ହୋଇପାରିବ । ଆପଣଙ୍କ ଘର ମଧ୍ୟ ସୁନ୍ଦର ଦେଖାଯିବ । ଲିଭିଂ ରୁମ୍ କିମ୍ବା ପିଲାଙ୍କ ରୁମ୍‌ରେ ଏହାକୁ ପକାଇ ପାରିବେ ।

**ଡ୍ରୟାର୍ ସେଣ୍ଟର ଟେବଲ୍ :**
ଆଗରୁ ଯେମିତି ସେଣ୍ଟର ଟେବଲ୍ କିଣୁଥିଲେ ସେଥିରେ ଡ୍ରୟାର୍ ନଥିଲା । ତେଣୁ କିଛି ଦରକାରୀ ଜିନିଷ କି ଖବରକାଗଜ ବା ବହି ଆଦି ରଖିଲା ବେଳେ ଅସୁବିଧା ହେଉଥିଲା । ଆଜିକାଲି ବଜାରରେ ଡ୍ରୟାର ସେଣ୍ଟର ଟେବଲ୍ ମିଳୁଛି । ଏଥିରେ ଆପଣ ଟିଭି ରିମୋଟ୍‌ରୁ ନେଇ ଲିଭିଂ ରୁମ୍‌ରେ ବ୍ୟବହୃତ ହେଉଥିବା ଛୋଟ ଛୋଟ ଜିନିଷ ଷ୍ଟୋର କରିପାରିବେ ।



**ଫୋଲ୍ଡିଂ ଡାଇନିଂ ଟେବଲ :**
ଆଜିକାଲି ବଜାରରେ ଫୋଲ୍ଡିଂ ଡାଇନିଂ ମିଳୁଛି । ବିଶେଷ କରି ମେଟ୍ରୋ ସହରଗୁଡ଼ିକର ଛୋଟ ଛୋଟ ଆପାର୍ଟମେଣ୍ଟ ପାଇଁ ଏହିଭଳି ଡାଇନିଂ ଟେବଲ୍ ଭଲ । ଯଦି ଆପଣଙ୍କ ଘରେ ଡାଇନିଂ ହଲ୍ ନାହିଁ ତେବେ ଫୋଲ୍ଡିଂ ଡାଇନିଂ ଟେବଲ୍ ପକାଇ ପାରିବେ । ଏହା ସହିତ କଷ୍ଟମାଇଜଡ୍ ଚେୟାରର ଏବଂ ସେଲ୍ଫ ମଧ୍ୟ ମିଳୁଛି । ପୂରା କାନ୍ଥରେ ଲଗାଇ ରଖିପାରିବେ । ଅଳ୍ପ ଜାଗାରେ ଫିଟ୍ ହୋଇପାରିବ ।



**ଷ୍ଟୋରେଜ୍ ସିଟିଂ :**
ଲିଭିଂ ରୁମ୍‌ରେ ବସିବା ପାଇଁ ସୋଫା ଖୋଜୁଛନ୍ତି । ହେଲେ ରଖିବା ପାଇଁ ସେତେ ଜାଗା ନାହିଁ । ପୁଣି ସେହି ଘରେ କୌଣସି ସେଲ୍ଫ ନାହିଁ । ଭଲ ଫର୍ନିଚର୍ ଶୋ ରୁମ୍‌ରୁ ଷ୍ଟୋରେଜ୍ ବ୍ୟବସ୍ଥା ଥିବା ବାଲା ସିଟିଂ ଆର୍ଟିକିଲ୍ସ କିଣିପାରିବେ । ଯେମିତିକି ଷ୍ଟୋରେଜ୍ ଅଟୋମେନ୍ସ, ପୁଫ୍, ସୋଫା ଇତ୍ୟାଦି ଆଣିପାରିବେ । ଏହାଦ୍ୱାରା ଆପଣ ନିଜ ଘରର କିଛି ଜିନିଷ ଷ୍ଟୋର କରି ରଖିପାରିବେ । ସେଥିପାଇଁ ଆପଣଙ୍କୁ ଅଲଗା ଆଲମିରା ଦରକାର ପଡ଼ିବ ନାହିଁ ।



# ସିଝା ମାଛ ଝୋଳ



**ସାମଗ୍ରୀ :**
୭୦୦ ଗ୍ରାମ ଭାକୁର ମାଛ, ଦୁଇଟି କଟା ପିଆଜ, ଦୁଇଟି କଟା ଟମାଟୋ, ୩ରୁ ୪ଟି କଟା କଞ୍ଚା ଲଙ୍କା, ଡାଲଚିନି ଏକ ଖଣ୍ଡ, ଗୁଜରାତି ୩ରୁ ୪ଟି, ଅଳେଇଚ ୩ରୁ ୪ଟି, ଗୋଲମରିଚ ଅଧା ଛୋଟ ଚାମଚ, ଅନାସୀଫୁଲ ଓ ଜାୟତ୍ରୀ ଗୋଟିଏ, ୧ ଚାମଚ ଲଙ୍କା ଗୁଣ୍ଡ, ଦୁଇଟି କଟା ପିଆଜ ସଣ୍ଢା, ତେଲ ୩ରୁ ୪ ଚାମଚ, କଟା ଧନିଆପତ୍ର ୧ କପ୍, ଅଦା ରୁସୁଣ ବଟା ୧ ଚାମଚ, ୧ ଇଞ୍ଚ କଟା ଅଦା ଓ ସ୍ୱାଦ ଅନୁସାରେ ଲୁଣ ।

ମାଛ ଖାଇବାକୁ ସାଧାରଣତଃ ସମସ୍ତେ ଭଲ ପାଆନ୍ତି । ଏହାକୁ କିଏ ତରକାରୀ କରି ଖାଏ ତ ଆଉ କିଏ ଭଜା କରି । ସେହିପରି କିଏ କିଏ ଏହାକୁ ପକୋଡା କରି ମଧ୍ୟ ଖାଇଥା'ନ୍ତି । ମାଛରୁ ବିଭିନ୍ନ ପ୍ରକାରରେ ଫ୍ୟୁଜନ ଓ କଣ୍ଟିନେଣ୍ଟାଲ ରେସିପି ମଧ୍ୟ ତିଆରି ହୁଏ । ତେବେ ଆମେ ଏଠାରେ ଆପଣଙ୍କୁ ମାଛର ଏକ ଖଣ୍ଟି ଦେଶୀ ରେସିପି ବିଷୟର କହିବାକୁ ଯାଉଛି ଯାହାର ନାଁ ହେଲା ସିଝା ମାଛ ଝୋଳ । ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳୀ ।

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ଭାକୁର ମାଛକୁ କାଟି ଭଲ ଭାବେ ଧୋଇ ଦିଅନ୍ତୁ । ଏହାପରେ କଡ଼େଇରେ ତେଲ ପକାଇ ମାଛକୁ ସେଥିରେ ରଖନ୍ତୁ । ମାଛରେ କଟା ପିଆଜ, କଟା କଞ୍ଚାଲଙ୍କା, ଟମାଟୋ, ଡାଲଚିନି, ଗୁଜରାତି, ଅଳେଇଚ, ଗୋଲମରିଚ, ଅନାସୀଫୁଲ, ଜାୟତ୍ରୀ, ଲଙ୍କାଗୁଣ୍ଡ, ପିଆଜ ସଣ୍ଢା, ସ୍ୱାଦ ଅନୁସାରେ ଲୁଣ ଓ ଅଳ୍ପ ପାଣି ଦେଇ ୧୦ ମିନିଟ୍ ପାଇଁ ଘୋଡାଇ ଦିଅନ୍ତୁ । ଏହାପରେ କଡ଼େଇକୁ ଚୁଲିରେ ବସାଇ ମାଛକୁ ସିଝିବାକୁ ଦିଅନ୍ତୁ । କିଛି ସମୟ ପରେ ଘୋଡଣି ବାହାର କରି ସେଥିରେ ଅଦା ରସୁଣ ବଟା ଗୋଳାନ୍ତୁ ଓ ଆଉ କିଛି ସମୟ ସିଝିବାକୁ ଦିଅନ୍ତୁ । ପରେ ସେଥିରେ କଟା ଅଦା, ଧନିଆ ପତ୍ର ଓ ଅଳ୍ପ ଲଙ୍କାଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ । ଅନ୍ୟ ଏକ ପାତ୍ରରେ ତେଲ ଗରମ କରି ଏହି ମାଛ ଉପରେ ପକାନ୍ତୁ । ଏହାପରେ ପ୍ରସ୍ତୁତ ହୋଇଯିବା ସିଝା ମାଛ ଝୋଳ ।

# ମଲା ମାଛରୁ ମିଳିବ ଇନ୍ଧନ !



ମୃତ-ମାଛ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ପରେ ମାଛର ଅବଶିଷ୍ଟାଂଶକୁ ବାୟୋଗ୍ୟାସରେ ପରିଣତ କରି, ତାହାକୁ ଜାହାଜର ଇନ୍ଧନ ଶକ୍ତି ଭାବେ ବ୍ୟବହାର କରିହେବ । ଏହି ପଦ୍ଧତିରେ ଜାହାଜ ଚଳାଇବା ଲାଗି ନରୱେର ପ୍ରସିଦ୍ଧ ଜାହାଜ ପରିଚାଳନା କମ୍ପାନୀ 'ହୁର୍ଟିଗୁଟେନ' ଯୋଜନା କରୁଛି । ଏହି ଜୈବ ଗ୍ୟାସ୍ ଜୀବାଶ୍ମ ଇନ୍ଧନ ଠାରୁ ସ୍ୱଚ୍ଛା ଅଧିକ ଅଙ୍ଗାରକାମ୍ଳ ନିର୍ଗମନ ହେଉ ନ ଥିବାରୁ ସାମୁଦ୍ରିକ ବାୟୁ ପ୍ରଦୂଷଣ କମିପାରିବା ପ୍ରାରମ୍ଭିକ ପର୍ଯ୍ୟାୟରେ ଛଅଟି ଜୈବ ଗ୍ୟାସ୍ -ଚାଳିତ ଜାହାଜ ଚଳାଇବା ଲାଗି କମ୍ପାନୀ ଲକ୍ଷ୍ୟ ରଖିଛି । ସମ୍ଭବ ହେଲେ ତାହା ବିଶ୍ୱର ପ୍ରଥମ ଜେହବଗ୍ୟାସ୍ ଚାଳିତ ଜାହାଜର ମାନ୍ୟତା ପାଇବ । ଉଲ୍ଲେଖଯୋଗ୍ୟ, ସ୍ଥଳପଥରେ ଚାଲୁଥିବା ଯାନବାହାନ ଠାରୁ ଜାହାଜ ପାଇଁ ବହୁ ଅଧିକ ପରିମାଣର ଜୀବାଶ୍ମ ଇନ୍ଧନ ଶକ୍ତି ଆବଶ୍ୟକ ହୁଏ । ସାମୁଦ୍ରିକ ବାୟୁ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଏହା ଏକ ବଡ଼ କାରଣ । ଏଥିରେ ରୋକ୍ ଲଗାଇବା ଉଦ୍ଦେଶ୍ୟରେ କମ୍ପାନୀ ଏପରି ପଦକ୍ଷେପ ନେଇଥିବା ପ୍ରକାଶ ।

# ଲଙ୍ଗ୍ ସ୍ରଗ୍ ଟ୍ରେଣ୍ଡ

ଲଙ୍ଗ୍ ସ୍ରଗ୍ ଟ୍ରେଣ୍ଡରେ ରହିଛି । ଏଥନିକ୍ ଏବଂ କାଜୁଆଲ୍ ଉଭୟ ଆଉଟଫିଟ୍ ସହିତ ଲଙ୍ଗ୍ ସ୍ରଗ୍ ପିନ୍ଧିପାରିବେ । ଏଥିରେ ଏକ ଫ୍ୟୁଜନ କମ୍ବିନେସନ ମଧ୍ୟ ବନେଇ ପାରିବେ । କଲରଫୁଲ, ଫ୍ଲେନ୍, ଫ୍ଲୋରାଲ ଏବଂ ଡବଲ ସାଇଡେଡ୍ ସ୍ରଗ୍ ଖୁବ୍ ଷ୍ଟାଇଲିଶ୍ ଲାଗିଥାଏ ।



**ସିଜନ୍ ଅନୁସାରେ ଷ୍ଟାଇଲ ବନାନ୍ତୁ :**
ଏବେ ବଲିଉଡ୍ ଅଭିନେତ୍ରୀମାନେ ବଡିକନ୍ ଡ୍ରେସ୍, ସର୍ଟସ୍ ଏବଂ ଟୁ ପିସ୍ ଉପରେ ଲଙ୍ଗ୍ ସ୍ରଗ୍ ପିନ୍ଧିବାର ନଜର ଆସୁଛନ୍ତି । ଜିନ୍ସ, ସ୍କର୍ଟ, ମ୍ୟାକ୍ସି ଡ୍ରେସ୍, ଗାଇନ୍, କୁର୍ତ୍ତା ଏବଂ ସର୍ଟସ୍ ସହିତ ଲଙ୍ଗ୍ ସ୍ରଗ୍ ଭଲ ମାନିଥାଏ । ଏହାର ସ୍ଲିଭଲେସ୍ ଏବଂ ଫୁଲ କିମ୍ବା ଥ୍ରି ଫୋର୍ଥ ସ୍ଲିଭସ୍ ପରି ଅନେକ ଭେରାଇଟି ମିଳୁଛି । ତେବେ ହେଭି, ବୋଲ୍ଡ ଏବଂ ଲାଇଟ୍ ପ୍ରିଣ୍ଟ ଲଙ୍ଗ୍ ସ୍ରଗ୍‌କୁ ସବୁ ସିଜନ୍ ଅନୁସାରେ ଡ୍ରେସ୍ ସହିତ ଷ୍ଟାଇଲ୍ କରିପାରିବେ ।

**ଦିଅନ୍ତୁ ଷ୍ଟାଇଲିଶ୍ ଟଚ୍ :**
♦ ଇଣ୍ଡୋ- ୱେଷ୍ଟର୍ଣ୍ଣ ଲୁକ୍ ପାଇଁ ମ୍ୟାକ୍ସି ଡ୍ରେସ୍ ବା କୁର୍ତ୍ତା ସହିତ ଟିମ୍ ଅପ୍ କରିପାରିବେ ଲଙ୍ଗ୍ ସ୍ରଗ୍ । ଏଥିରେ ଆପଣ ପରଫେକ୍ଟ ଫ୍ୟୁଜନ୍ ଲୁକ୍ ପାଇପାରିବେ । କ୍ରପ୍ ଟପ୍ ଏବଂ ସ୍କର୍ଟ ସହିତ ପିନ୍ଧନ୍ତୁ । ପାଲାଜୋ ପିନ୍ଧୁଥିଲେ ହାଇ-ଲୋ କିମ୍ବା ଫ୍ରଣ୍ଟ ଓପନ୍ ଲଙ୍ଗ୍ ସ୍ରଗ୍ ଲେୟାରିଙ୍ଗ୍ ଭଲ ଅପସନ୍ ହେବ ।

♦ ପାର୍ଟିରେ ସ୍ଲିମ୍ ସର୍ଟ ଡ୍ରେସ୍ ପିନ୍ଧିବାକୁ ଚାହୁଁଥିଲେ, ଲଙ୍ଗ୍ ସ୍ରଗ୍ କାମରେ ଆସିଥାଏ । ସେହିପରି ହଟ୍ ପ୍ୟାଣ୍ଟ, ସର୍ଟ ସ୍କର୍ଟ ସହିତ ମଧ୍ୟ ପେୟାର କରିପାରିବେ ।

♦ ବଡିକନ୍ ଡ୍ରେସ୍, ଟି ସାର୍ଟ, ସର୍ଟସ୍ ଏବଂ ଜମ୍ପସୁଟ୍‌ରେ ଲଙ୍ଗ୍ ସ୍ରଗ୍ ଟ୍ରାଏ କରନ୍ତୁ । ଯଦି ଆପଣଙ୍କ ଉଚ୍ଚତା ଛୋଟ ତା'ହେଲେ ଚିନ୍ତା କରିବାର ନାହିଁ, ସର୍ଟସ୍ ସହିତ ଏହାକୁ ପିନ୍ଧିପାରିବେ । ତା' ସହିତ ହାଇ ହିଲ୍ ପିନ୍ଧିବାକୁ ଭୁଲିବେ ନାହିଁ । ହେୟାର ଷ୍ଟାଇଲରେ ଅପର ବନ୍ ବନାନ୍ତୁ । ଏଥିରେ ଆପଣ ଲମ୍ବା ଦେଖାଯିବେ ।

♦ କାଜୁଆଲ ଲୁକ୍ ପାଇଁ ସର୍ଟସ୍ ସହିତ ଲଙ୍ଗ୍ ସ୍ରଗ୍ ଟିମ୍ ଅପ୍ କରନ୍ତୁ । ଏହାକୁ ଆପଣ ବିଚ୍ ୱିୟର ରୂପେ ମଧ୍ୟ ପିନ୍ଧିପାରିବେ । ସେମି ଫର୍ମାଲ୍ ଲୁକ୍ ପାଇଁ ଜିନ୍ସ ଏବଂ କୁର୍ତ୍ତା ସହିତ ପିନ୍ଧିପାରିବେ । ସାଲୱାର କମିଜ ଏବଂ ଗାଉନରେର ଲଙ୍ଗ୍ ଫ୍ଲାଟ୍ କଲର୍ଡ ସ୍ରଗ୍‌ର କମ୍ବିନେସନ ସ୍ୱତନ୍ତ୍ର ଅବସରରେ କ୍ଲାସି ଲୁକ୍ ଦେଇଥାଏ ।

♦ ଏହା ସହିତ ଲଙ୍ଗ୍ ଚେନ୍ ପେଣ୍ଡେଣ୍ଟ ଭଲ ମାନିଥାଏ । ଯଦି ବଡିକନ୍ ଡ୍ରେସ୍ ସହିତ ଲଙ୍ଗ୍ ସ୍ରଗ୍ ପିନ୍ଧୁଛନ୍ତି, ଚୋକର କିମ୍ବା ଟ୍ରାଇବାଲ ଜୁଏଲାରୀ କ୍ୟାରି କରନ୍ତୁ । ସର୍ଟସ୍ ଏବଂ ଅଫ୍ ସୋଲ୍ଡର ଟପ୍‌ରେ ଚୋକର ଏବଂ ନେକପିସ୍ ସୁନ୍ଦର ଲାଗିଥାଏ । ଚାହିଁଲେ କେବଳ ଷ୍ଟାଇଲ ଷ୍ଟେଟମେଣ୍ଟ ଇଅରରିଙ୍ଗ୍ ମଧ୍ୟ ପିନ୍ଧିପାରିବେ ।

♦ ପାର୍ଟି ଏବଂ ଆଉଟିଙ୍ଗରେ ବ୍ରାଇଟ୍ କଲର୍‌ର ସ୍ରଗ୍ ନିଅନ୍ତୁ । ଅରେଞ୍ଜ ସେଡ୍ ଟ୍ରେଣ୍ଡରେ ରହିଛି । ପ୍ରିଣ୍ଟେଡ୍ ଏବଂ ଚେକ୍ସ ସ୍ରଗ୍ ପିନ୍ଧିପାରିବେ । ନାଇଟ୍ ପାର୍ଟି ପାଇଁ ମେଟାଲିକ୍ କଲର ଭଲ ମାନିଥାଏ ।



# ଏହି କାରଣ ପାଇଁ ହୋଇଥାଏ ଡାର୍କ ସର୍କଲ୍



ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ । ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇବା ପାଇଁ ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରୀମ୍ ବ୍ୟବହାର କରିଥା'ନ୍ତି । ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ । ତା'ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇବା ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ ।

୧. ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡ଼ିବାକୁ ଲାଗିଥାଏ । ଏଥିପାଇଁ ନିୟମିତ ଭାବରେ ଭଲ ସନସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ ।

୨. ପୋଷଣ ଅଭାବରୁ ମଧ୍ୟ ଡାର୍କ ସର୍କଲ ହୋଇଥାଏ । ଶରୀରରେ ଆଇରନ୍‌ର ଅଭାବ ଥିଲେ ଏହାର ଯାଞ୍ଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ । ଡିହାଇଡ୍ରେସନ କାରଣରୁ ମଧ୍ୟ ଡାର୍କ ସର୍କଲ୍ ସମସ୍ୟା ଦେଖାଦେଇଥାଏ ।

୩. ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ । ଏଥିପାଇଁ ଉଚିତ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ ।

୪. ଆଲର୍ଜି ବା ଔଷଧ ଯୋଗୁଁ ମଧ୍ୟ ଡାର୍କ ସର୍କଲ ହୋଇଥାଏ । ଉଚ୍ଚ ରକ୍ତଚାପ, ମଧୁମେହ ଓ ହାର୍ଟ ରୋଗୀ ଅଧିକ ମାତ୍ରାରେ ମେଡିସିନ୍ ଖାଇଥା'ନ୍ତି । ଡାର୍କ ସର୍କଲ ଏହାର ସାଇଡ୍ ଇଫେକ୍ଟ ଭାବରେ ଦେଖାଦେଇଥାଏ ।

୫. ଡାର୍କ ସର୍କଲକୁ ଭଲ କରିବା ପାଇଁ ଓଜନ କମାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ । ଏଥିପାଇଁ ପୋଷ୍ଟିକ ଖାଦ୍ୟ ଖାଆନ୍ତୁ ଏବଂ ସ୍ୱାସ୍ଥ୍ୟ ସହିତ ତ୍ୱଚାର ଯତ୍ନ ନିଅନ୍ତୁ ।

# ଚେକ୍ସରେ ପାଆନ୍ତୁ ଟ୍ରେଣ୍ଡି ଲୁକ୍

ଅନେକ ଭାବନ୍ତି ଚେକ୍ସ କେବଳ ପୁରୁଷଙ୍କ ଫ୍ୟାଶନ୍ । ସାର୍ଟ କି ପ୍ୟାଣ୍ଟରେ ହିଁ ଚେକ୍ସ ଭଲ ମାନିବ । ମହିଳାମାନଙ୍କ ପୋଷାକରେ କ'ଣ ଚେକ୍ସ ଭଲ ଦେଖାଯିବ । ଏଭଳି ଧାରଣାକୁ ବଦଳାଇ ଦେଇଛନ୍ତି । ଆଜିର ଫ୍ୟାଶନିଷ୍ଟାମାନେ । ଆସନ୍ତୁ ନଜର ପକାଇବା ଚେକ୍ସର ବିଭିନ୍ନ ପୋଷାକ ଉପରେ ଯାହା ଆପଣଙ୍କୁ ଟ୍ରେଣ୍ଡି ଲୁକ୍ ଦେଇପାରିବ ।



**ଚେକ୍ ଶାଢ଼ି :**
ଆଜିକାଲି ଅନେକ ଡିଜାଇନର ଚେକ୍ ପ୍ରିଣ୍ଟର ଶାଢ଼ି ପ୍ରସ୍ତୁତ କରୁଛନ୍ତି । ଡିଜାଇନର୍‌ମାନଙ୍କୁ ଅନୁସରଣ କରି ଶାଢ଼ି ପ୍ରସ୍ତୁତ କରୁଥିବା ଅନେକ ସଂସ୍ଥା ଏହି ପ୍ରିଣ୍ଟ ଶାଢ଼ି ତିଆରି କରୁଛନ୍ତି । ବିବାହ ବା ସେହିଭଳି କୌଣସି ଅନୁଷ୍ଠାନରେ ଯୋଗ ଦେବାକୁ ଥିଲେ ପାରମ୍ପାରିକ କାଞ୍ଚିପୁରମ ଶାଢ଼ିରେ ଟିକେ ଟ୍ୱିଷ୍ଟ ଆଣିପାରିବେ । ଚେକ୍ ପ୍ରିଣ୍ଟର ବ୍ଲାଉଜ ଏହାସହିତ ପେୟାର ଅପ୍ କରନ୍ତୁ । ଅଫିସ ଯାଉଥିଲେ । ଚେକ୍ ପ୍ରିଣ୍ଟର ସିଫନ୍ ଶାଢ଼ି ବଢ଼ିଆ ଅପସନ୍ ରହିବ । ଏହା ସହିତ ସ୍ଲିଭ୍ ଲେସ୍ ସଲିଡ୍ କଲର୍ ବ୍ଲାଉଜ ଟିମ୍ ଅପ୍ କରନ୍ତୁ । ସମସ୍ତଙ୍କ ଠାରୁ ଆପଣ ନିଶ୍ଚିତ ଭାବେ ଭିନ୍ନ ଲାଗିବେ ।

**ଚେକ୍ସ ସ୍କର୍ଟ :**
ଏତେଦିନ ଧରି ଫ୍ଲୋରାଲ୍ ସ୍କର୍ଟ ତ ପିନ୍ଧିଥିବେ । ଏଥର ଚେକ୍ ସ୍କର୍ଟ ଟ୍ରାଏ କରନ୍ତୁ । ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ଚେକ୍ ସ୍କର୍ଟ ସବୁବେଳେ ଫ୍ୟାଶନେବଲ୍ । ଏହା ସହିତ କ୍ରପ ଟପ୍ ଟ୍ରାଏ କରନ୍ତୁ । ବ୍ଲାକ୍ ଆଣ୍ଡ ରେଡ୍ ଚେକ୍ ସ୍କର୍ଟ ସହିତ ବ୍ଲାକ୍ ଟ୍ୟାଙ୍କ ଟପ୍ ପିନ୍ଧିଲେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ । ଅଫିସ ୱିୟର ଭାବେ ହ୍ୱାଇଟ୍ ଆଣ୍ଡ ବ୍ଲୁ ଚେକ୍ ଲଙ୍ଗ ସ୍କର୍ଟ ବ୍ଲାକ୍ ଟ୍ୟାଙ୍କ ଟପ୍ ପିନ୍ଧିଲେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ । ଅଫିସ ୱିୟର ଭାବେ ହ୍ୱାଇଟ୍ ଆଣ୍ଡ ବ୍ଲୁ ଚେକ୍ ଲଙ୍ଗ ସ୍କର୍ଟ ସହିତ ଧଳା କିମ୍ବା ହାଲୁକା ନୀଳ ରଙ୍ଗର ଟପ୍ ପେୟାର ଅପ୍ କରନ୍ତୁ ।



**ଚେକ୍ ପ୍ୟାଣ୍ଟ :**
ଜିନ୍ସ ଏବଂ କାଜୁଆଲ୍ ପ୍ୟାଣ୍ଟ ତ ସବୁବେଳେ ପିନ୍ଧୁଥିବେ । ଏଥର ଚେକ୍ ପ୍ୟାଣ୍ଟ ଟ୍ରାଏ କରି ଦେଖନ୍ତୁ । ଟିକେ ବଡ଼ ଚେକ୍ ହୋଇଥିଲେ ଆହୁରି ଭଲ । ଏହା ସହିତ ଆପଣ ଜିନ୍ସ ସାର୍ଟ ପେୟାର ଅପ୍ କରନ୍ତୁ । ସାଙ୍ଗରେ ବିଡ୍ସ ଜୁଏଲାରୀ କ୍ୟାରି କରନ୍ତୁ । ଏତିକି ଟିକେ ସାଜସଜ୍ଜା ବୋହୋ ଲୁକ୍ ଦେବାରେ ଯଥେଷ୍ଟ ।

**ଚେକ୍ ବ୍ୟାଗ୍ :**
ପୋଷାକରେ ଚେକ୍ସ ଇନ୍ କରିବା ଆପଣଙ୍କ ଇଚ୍ଛା ନୁହେଁ । ଚିନ୍ତା ନାହିଁ । ବ୍ୟାଗ ତ ଅଛି । ଏବେ ଚେକ୍ ପାଟର୍ନର ଖୁବ ସୁନ୍ଦର ସୁନ୍ଦର ବ୍ୟାଗ ବଜାରରେ ଉପଲବ୍ଧ । କେବଳ ଯେ ବ୍ରାଣ୍ଡେଡ କମ୍ପାନିରେ ଏଭଳି ବ୍ୟାଗ ମିଳୁଛି ତାହା ନୁହେଁ । ସାଧାରଣ ଦୋକାନରେ ମଧ୍ୟ ଚେକ୍ ବ୍ୟାଗ୍ ମିଳିଯାଉଛି । ୱେଷ୍ଟର୍ଣ୍ଣ ଆଉଟଫିଟ୍ ସହିତ ଚେକ୍ ବ୍ୟାଗ ବଢ଼ିଆ କମ୍ବିନେସନ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅର୍ଥନୀତିର ସଂକଟ !...

ଦେଶ ତଥା ବିଶ୍ୱ ଏଭଳି ବିଷମ ସ୍ଥିତି ଦେଇ ଚାଲିଥିବାର ଦୃଷ୍ଟାନ୍ତ ନଥିଲା । କରୋନା ସଂକ୍ରମଣ ବେଳରୁ ଏବେ ଦୁଇବର୍ଷ ଅତିକ୍ରାନ୍ତ ହେଲାଣି, ତମାମ ବିଶ୍ୱର ଦୁଇଶହରୁ ଅଧିକ ଦେଶର ସାମାଜିକ, ଅର୍ଥନୈତିକ ସ୍ଥିତି କରୋନା ସଂକ୍ରମଣ କବଳରୁ ପୂରା ମାତ୍ରାରେ ମୁକୁଳିଥିବାର ସୂଚନା ନାହିଁ । କେଉଁ ଦେଶରେ କରୋନା ପ୍ରକୋପ ସାମାନ୍ୟ ଊଣା ତ' ଆଉ କେଉଁଠି ଅଧିକ, ସାଧାରଣ ଭାବରେ ଦେଖାଗଲେ ସ୍ଥିତି ଶତପ୍ରତିଶତ ସ୍ୱାଭାବିକ୍ ହୋଇପାରି ନାହିଁ । ତିନିରୁ ଅଧିକ କିସମର ପ୍ରତିଷେଧକ ଟିକା ବିକଶିତ ହୋଇଛି, କୋଟି କୋଟି ହିତାଧିକାରୀଙ୍କ ଠାରେ ପ୍ରୟୋଗ ହୋଇଛି । ଆଶାଜନକ ସୁଫଳ ଆଦୌ ନମିଳିଛି ତାହା ନୁହେଁ । ଦୁଇଟି ଲହର ଅତିକ୍ରାନ୍ତ ହେବା ପରେ ତୃତୀୟର ଡର ଏବେ ସୁଦ୍ଧା ଲୋକମାନଙ୍କ ଭିତରୁ ଚାଲିଯାଉଛି । କରୋନା ମହାମାରୀ ପାଇଁ ଗୋଟିଏ ଅଧେ ନୁହେଁ, ସାରା ବିଶ୍ୱର ସବୁ ଦେଶର ସ୍ୱାଭାବିକ୍ ଜୀବନଯାତ୍ରା ପୂରା ବିଗିଡ଼ି ଯାଇଛି । ସାମାନ୍ୟ ଅସାବଧାନତା କେତେବଡ଼ ବିପଦକୁ ସମସ୍ତଙ୍କ ଜୀବନକୁ ଗ୍ରାସ କରିଦେଇଛି, ତାହା ସମସ୍ତଙ୍କର ଅଙ୍ଗେନିଭା ଅଭିଜ୍ଞତା । ଏମିତି ଗୋଟିଏ ଦେଶ କିମ୍ବା ମହାଦେଶ ନାହିଁ, ଯାହାର କି ଅର୍ଥନୀତି ପରୋକ୍ଷ ନୁହେଁ, ପ୍ରତ୍ୟକ୍ଷ ଭାବେ କ୍ଷତିଗ୍ରସ୍ତ ନହୋଇଛି । ନିର୍ମାଣ ଶିଳ୍ପଠାରୁ ଆରମ୍ଭ କରି କଳକାରଖାନାର ଉତ୍ପାଦନ ଠପ୍ ହୋଇସାରିବାରୁ ଅସଂଖ୍ୟ ଶ୍ରମିକ- କର୍ମଚାରୀ ବେକାର ହୋଇ ହାତବାନ୍ଧି ବସିବାକୁ ପଡ଼ିଛି । ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ନହେଲେ ମଧ୍ୟ ପଞ୍ଚସ୍ତରି ଭାଗ ବ୍ୟାହତ ହୋଇଛି । କରୋନା ସଂକ୍ରମଣକୁ ଏଡ଼ାଯିବା ଉଦ୍ଦେଶ୍ୟରେ ଯେତିକି ନୁହେଁ, ତତୋଧିକ ହୋଇଛି ତୈଳ ଉତ୍ତୋଳନ ଭଳି ବିଭିନ୍ନ କାର୍ଯ୍ୟବନ୍ଦଜନିତ । ଏହି ପ୍ରକ୍ରିୟାରେ ସଂଶ୍ଳିଷ୍ଟ କୋଟି କୋଟି ଶ୍ରମିକଙ୍କ ପାଇଁ ଅବାଞ୍ଛିତ ସ୍ଥିତି ଡାକିଆଣିଲା କରୋନା । ଏମିତିରେ ଯେଉଁମାନେ କାମରେ ଥିଲେ ସେମାନେ କର୍ମଚ୍ୟୁତ ହେଲେ, ନୂଆ ନିଯୁକ୍ତିର ରାସ୍ତା ପୂରା ବନ୍ଦ ହୋଇଗଲା । ଆୟ ପନ୍ଥା ବନ୍ଦ ହେବାର ପ୍ରକାରାନ୍ତ ପ୍ରଭାବ ସାମଗ୍ରୀଗୁଡ଼ିକର, ବିଶେଷ କରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ଉପରେ ପଡ଼ିଲା । ରନ୍ଧା ଗ୍ୟାସ, ପେଟ୍ରୋଲ-ଡିଜେଲ୍ ଭଳି ନିତିଦିନିଆ ବ୍ୟବହାରରେ ଲାଗୁଥିବା ଚିଜର କିଭଳି ଅହେତୁକ ମୂଲ୍ୟବୃଦ୍ଧି ଘଟିଚାଲିଛି, ତାହା ସାମୂହିକ ଭାବରେ କରୋନାଜନିତ ବିଷମ ସ୍ଥିତିର ପରିଣତି । ଆଳୁ-ପିଆଜ, ଖାଇବା ତେଲର ଦର ବଢ଼ିଲେ ଖାଲି କରୋନା ଉପରେ ଦୋଷ ଲଦି ଦେଇ ଖସି ଯାଇହେବ । ହୋଇପାରେ କରୋନାଜନିତ ଜଟିଳତା ମୁଖ୍ୟ କାରଣ, କିନ୍ତୁ ମୁନାଫାଖୋର ଶିଳ୍ପପତି ଓ ଅସାଧୁ ବ୍ୟବସାୟୀମାନଙ୍କ ପାଇଁ ଏହା ଆଣିଦେଇଛି ଅପାର ସୁଯୋଗ । କେନ୍ଦ୍ର ସରକାର ଅନ୍ୟ ଦେଶଗୁଡ଼ିକର ଉପାୟ ଉପରେ ନଜର ରଖି ତାହାର ଅନୁସରଣ ପୂର୍ବକ ଦୋହଲି ଯାଉଥିବା ଅର୍ଥନୀତିରେ ସୁଧାର ଆଣିବା ଲକ୍ଷ୍ୟରେ ସମୟାନ୍ତରରେ ଆଣୁଛନ୍ତି ଗୋଟିକ ପରେ ଗୋଟିଏ ପ୍ୟାକେଜ୍ । ବ୍ୟାଙ୍କିଙ୍ଗ୍ ସେବାରେ ଯେମିତି ଅନାଦାୟ ଋଣ ବଢ଼ିଚାଲିଛି, ତାହା ସହିତ ବଢ଼ିଚାଲିଛି କର୍ତ୍ତୃପକ୍ଷଙ୍କ ଚିନ୍ତା । ସେଥିପାଇଁ ଅର୍ଥ ମନ୍ତ୍ରଣାଳୟ ଓ ରିଜର୍ଭ ବ୍ୟାଙ୍କ ଏକାଧିକ ସହାୟତା ପ୍ୟାକେଜ୍ ଦେଉଥିବା ଭିତରେ ଆଶାଜନକ ସୁଫଳ ମିଳିବାରେ ପୂର୍ବ ସମସ୍ୟା ଲୋପ ହେବାର ନାମ ନେଉନାହିଁ । ବଜାରରେ ସବୁ ଜିନିଷ ମହଙ୍ଗା ହେବା ସାଙ୍ଗକୁ କରୋନା କୋରେଇ ନେଇସାରିଲାଣି ଖାଉଟିମାନଙ୍କ କ୍ରୟଶକ୍ତି । ନିଯୁକ୍ତି ରାସ୍ତା ବନ୍ଦ, ପୁରୁଣା କାମଧନ୍ଦା ବିଲୁପ୍ତ । ମହଙ୍ଗା ସହଣି ଅର୍ଥନୀତିକୁ ଆପାତତଃ ଚଳାଇ ରଖିବା ସରକାରଙ୍କ ପାଇଁ ବହୁତ ବଡ଼ ଆହ୍ୱାନ ହେବ । ଏଥିରେ ଦ୍ୱିରୁକ୍ତି ନଥାଇପାରେ, ହେଲେ ଦୂରଗାମୀ ସୁପ୍ରଭାବକୁ ସୁନିଶ୍ଚିତ କରିବାକୁ ହେଲେ କେଉଁ ରଣକୌଶଳକୁ ଆପଣାଇବାକୁ ହେବ, ତାହା ତଦ୍‌ବିଦ ଅନୁଭବୀ ମହଲର ସୁଚିନ୍ତିତ ପରାମର୍ଶ ଆଧାରରେ ନହେଲେ, ଖେଳାଯାଇଥିବା ଗାତ ପୋତା ଭଳି ନ୍ୟାୟରେ ପୁରୁଣା କସରତ୍ ଦୋହରାଇବା ସାର ହୋଇପାରେ ।

# ଆଧୁନିକ ସମାଜରେ ଔଦ୍ଧତ୍ୟ ସୀମା ଲଙ୍ଘି ଗଲାଣି



### ବିଷ୍ଣୁ ପ୍ରସାଦ ଦାସ

ସମ୍ପ୍ରତି ଆଜିକାଲି ସମ୍ବାଦ ପତ୍ର ତଥା ବୈଦ୍ୟୁତିକ ମିଡିଆରେ ପ୍ରତିଦିନ ଏକାଧିକ ଅପରାଧ ବିଷୟରେ ଚର୍ଚ୍ଚା ହେଉଛି, ଏହି ଚର୍ଚ୍ଚା ବା ଖବରର ତୃଣମୂଳକୁ ଯଦି ଯାଇ ଅନୁସନ୍ଧାନ କରିବେ ତବେ ଦେଖିବେ ସାମାନ୍ୟ କଥାକୁ ନେଇ ନିଜର ଔଦ୍ଧତ୍ୟ ବଳରେ ବିଷୟଟିକୁ 'ତିଳରୁ ତାଳ' କରି ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି, ପ୍ରତିକଥାରେ ଆଇନ୍କୁ ସାଧାରଣ ଜନତା ହାତକୁ ନେଇ ନିଜର ପ୍ରତିପତ୍ତି ଜାହିର କରିବାକୁ ଚେଷ୍ଟା କରନ୍ତି ଓ କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ସମୟ ସମୟରେ ନିଜର ସର୍ବନାଶ କରିବା ସହିତ ଅନ୍ୟମାନଙ୍କୁ ମଧ ଏଥିରେ ଜଡିତ କରିବାକୁ ପଛାଉ ନାହାନ୍ତି ଓ ଆଧୁନିକ ସମାଜର ଯୁବ ପିଢ଼ି (ଯୁବକ, ଯୁବତୀ ଉଭୟ) ଛୋଟ ଛୋଟ କଥାରେ ସ୍ଥାନ, କାଳ , ପାତ୍ର, ଏବଂ ନିଜର ସଂସ୍କାର ଭୁଲି ବୀଚ ରାସ୍ତା ଠାରୁ ଆରମ୍ଭ କରି ସର୍ବସାଧାରଣ ସ୍ଥାନରେ ହାତା ହାତି ହେବା ଏବଂ ଜୋତା ଚପଲରେ ଉଭୟ ଉଭୟଙ୍କୁ ପିଟିବା, ଜିନିଷ ପତ୍ର ନଷ୍ଟ କରିବା ଏକ ସାଧାରଣ ବିଷୟ ଯାହା ପରମୁହୂର୍ତ୍ତରେ ଭାଇରଲ ଭିଡିଓ ହୋଇ ସର୍ବସାଧାରଣରେ ଘୁରିବୁଲେ ଓ ଉଚ୍ଚଶିକ୍ଷିତ, ସେଲିବ୍ରେଟି, ଉଚ୍ଚ ପଦାଧିକାରୀ ହୋଇମଧ ନିଜର ଔଦ୍ଧତ୍ୟ, ପ୍ରତିପତ୍ତି, କ୍ଷମତାର ଅପବ୍ୟବହାର କିମ୍ବା ଆଇନ ବିଷୟରେ ଧାରଣା ନଥିବା ବ୍ୟକ୍ତି ବିଶେଷ ଏହିପରି କାର୍ଯ୍ୟ କରୁଛନ୍ତି ଓ ପ୍ରତି ଗଳି, କନ୍ଦି, ସାହି ବସ୍ତି, ଗ୍ରାମ, ସହର, ରାସ୍ତା, ଘାଟ, ଅଫିସ, କଚେରୀ, ବିଦ୍ୟାଳୟ, ମେଡିକାଲ ଯେଉଁଠି ଦେଖିବେ କେହିନା' କେହି ଆଇନକୁ ହାତକୁ ନେଇ ଅନ୍ୟର କ୍ଷତି କରୁଛନ୍ତି ବା କଙ୍ଗାରୁ କୋର୍ଟ କରି ତା'ଙ୍କ ନଜରରେ ସାବ୍ୟସ୍ତ ହୋଇଥିବା ଦୋଷୀକୁ ଦଣ୍ଡ ବିଧାନ କରୁଛନ୍ତି, ସେହି କ୍ଷେତ୍ରରେ ସେମାନେ ଭୁଲି ଯାଉଛନ୍ତି କି ସେମାନେ ମଧ ଆଇନର ପରିଧି ମଧରେ ଅଛନ୍ତି ଏବଂ ଅନ୍ୟାୟ ଭାବେ ଆଇନ୍କୁ ହାତକୁ ନେଇ ଘଟାଉଥିବା ଅପରାଧ ପାଇଁ ଦଣ୍ଡିତ ହେବାର ପ୍ରାବଧାନ ମଧ ଆଇନରେ ଅଛି ଓ ଆରକ୍ଷୀ ବିଭାଗ ବା ପୋଲିସ ପାଖକୁ କେଶଟି ଆସିବାବେଳକୁ ସର୍ବସାଧାରଣ ପ୍ରାୟ ଅର୍ଦ୍ଧାଧିକ ବେଆଇନ କାର୍ଯ୍ୟାନୁଷ୍ଠାନ ନେଇସାରଥାନ୍ତି, ବେଳେବେଳେ ପୋଲିସ ପହଁଚିଲା ବେଳକୁ ବ୍ୟକ୍ତିଟି ଆରପାରିକୁ ଚାଲିଯାଇଥାଏ ଓ ଏହା କ'ଣ ମାନବିକତା ? ଆମେ ଯଦି ସବୁ କଥା ବୁଝିବା ତେବେ ଆଇନ କାହିଁକି ଅଛି ? ବିଭିନ୍ନ ବିଭାଗ କାହିଁକି ଅଛନ୍ତି? ନ୍ୟାୟାଳୟ କାହିଁକି ଅଛି ? କିଏ ଛୋଟ ଚୋରି କଲା, କିଏ କମେଣ୍ଟ ମାରିଲା, କିଏ ଗାଡି ସାଇଡ ଦେଲାନାହିଁ, କିଏ ଭୁଲ ଜାଗାରେ ଗାଡି ରଖିଦେଲା, ଡାକ୍ତର ଖାନରେ ଗୁଣ୍ଡା ଗର୍ଦ୍ଦି, ଜାତୀୟ ସମ୍ପତ୍ତି ନଷ୍ଟ, ରେଳଗାଡ଼ି ପୋଡି ଏହିପରି ଅନେକ ଦୃଷ୍ଟାନ୍ତ ଦିଆଯାଇପାରେ, ଏହା ଆଜିକାଲି ସମାଜର ଔଦ୍ଧତ୍ୟ ନା ଆଉକିଛି ?

ସମାଜରେ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ଜୀବନଯାପନ ପାଇଁ ପୃଥିବୀର ପ୍ରତିଟି ଦେଶରେ ନିଜସ୍ୱ 'ଆଇନ' ବ୍ୟବସ୍ଥା ଅଛି। ଦେଶର ସମ୍ବିଧାନରେ ଏହା ପଞ୍ଜିକୃତ ଥାଏ। କିଛି ଦେଶରେ ଲିଖିତ ସମ୍ବିଧାନ ଥିବାବେଳେ କିଛି ଦେଶର ଅଲିଖିତ ସମ୍ବିଧାନ ଅଛି। ସମ୍ବିଧାନ ସଂଶୋଧନର ବ୍ୟବସ୍ଥା ମଧ ଲୋକପ୍ରତିନିଧିଙ୍କ ଦ୍ୱାରା ସମ୍ଭବ। ସ୍କୁଲରେ ପଢ଼ାଯାଉଥିବା 'ସାମାଜିକ ବିଜ୍ଞାନ' ବିଷୟରେ ଛାତ୍ର ଛାତ୍ରୀଙ୍କୁ ଆଇନ କିଛି ଧାରଣା ଦିଆ ଯାଇଥାଏ, କିନ୍ତୁ 'ଆଇନ' ବିଷୟ ଯଦି ଅଷ୍ଟମ ଶ୍ରେଣୀର ସିଲଓବସରୁ ଆରମ୍ଭ କରାଯାଇ ପାରନ୍ତା ତେବେ ଆମ ପିଲାମାନେ ଆଇନ ବିଷୟରେ ସଚେତନ ହେବା ସହିତ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ହୋଇପରନ୍ତେ। ଭାରତୀୟ ଦଣ୍ଡ ସଂହିତାର ଦୈନନ୍ଦିନ କାର୍ଯ୍ୟରେ ଲାଗୁଥିବା କିଛି ଧାରା ଜାଣିବା ଦ୍ୱାରା କିଶୋର ଓ କୋମଳମତି ବାଳକ ବାଳିକାଙ୍କ ଜୀବନରେ ଆଇନ ପ୍ରତି ସମ୍ମାନ ଆସିବା ସହିତ କିଛିମାତ୍ରାରେ ଅପରାଧ ବି କମିଯିବ। ସ୍କୁଲ, କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ଆଇନ ପାଠ୍ୟକ୍ରମ ଆମ ଶିକ୍ଷିତ ସମାଜକୁ ଅପରାଧଠାରୁ ନିଶ୍ଚିତ ଦୁରେଇ ରଖିବ। କୋମଳମତି ଛାତ୍ର ଛାତ୍ରୀ ମାନେ ଆଇନ ଏବଂ ଦଣ୍ଡ ବ୍ୟବସ୍ଥା ବିଷୟରେ ଜାଣିବା ଭବିଷ୍ୟତ ପାଇଁ ଶୁଭଙ୍କର। ଆଇନର ପରିଧି ଭିତରେ ରହି ନିଜକୁ ସୁରକ୍ଷିତ ରଖିବା ସହିତ ସମାଜର ସୁରକ୍ଷାକୁ ବି ନଜର ଦେବା ଆମ ମାନଙ୍କ କର୍ତ୍ତବ୍ୟ, ପିଲାଟି ପ୍ରଥମେ ନିଜ ଘରୁ, ତାହା ପରେ ବିଦ୍ୟାଳୟ ଓ ପରେ ସମାଜରୁ ନିଜ ଦେଶର ଆଇନ କାନୁନ ବିଷୟରେ ଜାଣିଥାଏ ଓ ଅଧା ବା କିଂଚିତ ଜ୍ଞାନ ତା'କୁ ଆଇନ ବିଷୟରେ ସଚେତନ କରିବାରେ ଏତେଟା ସହାୟକ ହୁଏ ନାହିଁ ଓ ସ୍କୁଲ ଶିକ୍ଷାରେ ସ୍ୱତନ୍ତ୍ର ଭାବେ ଆଇନ ବିଷୟକୁ ଯଦି ସାମିଲ କରାଯାଇ ପାରନ୍ତା ଏବଂ ଏହାର ଦୁରୁପଯୋଗ କଲେ କି, କି ଶାସ୍ତି ନ୍ୟାୟାଳୟ ଦେବେ ତାହା ମଧ ଶିକ୍ଷା ଦିଆ ହୁଅନ୍ତା, ତେବେ ପିଲାଳିଆମୀ ବା ଜୋଶ ଦେଖାଇ ଯୁବକ ଯୁବତୀ ମାନେ ଧର୍ତ୍ତବ୍ୟ ଅପରାଧ କରିବାକୁ ଟିକେ କୁଣ୍ଠାବୋଧ କରନ୍ତେ ଓ ଏଠି ପରିବାରର ମଧ ଅନେକ ଦାୟିତ୍ୱ ଅଛି, ସେମାନେ ବି ଆଇନକୁ ସମ୍ମାନ ଦେଇ ଶିଖିବା ଉଚିତ ଆଉ ନିଜ ସନ୍ତାନ ମାନଙ୍କୁ ବୁଝାଇବା ଉଚିତ ଓ କିନ୍ତୁ ଆଜିକାଲି ଆଇନକୁ ସମ୍ମାନ ଦେବା ଲୋକ ଖୁବ ବିରଳ, ସମସ୍ତେ ନିଜର ବାହୁବଳ, ଚୌକି ବଳ, ସରକାରୀ ବଳରେ ବଳିୟାନ, ଦୁଃଖ କେବଳ ନିରୀହ ବ୍ୟକ୍ତି ଭୋଗ କରେ, ଏହି ଅଧୋପତନ ପାଇଁ କିଏ ଦାୟୀ ??

ଏବେବି ସମୟ ଅଛି ଅପରାଧର ମୁଳୋତ୍ପାଟନ ନ' ହେଲେ ବି ଅନେକାଂଶରେ ଜନ ସଚେତନତା, ଶିକ୍ଷା ଓ ପ୍ରଚାର ପ୍ରସାର ଦ୍ୱାରା କମାଇଦେବା ସମ୍ଭବ ହୋଇପାରେ ଓ ବିଭିନ୍ନ ଛକ ଜାଗା ଗୁଡିକରେ ବଡ଼ ବିଜ୍ଞାପନ ବୋର୍ଡ ନ ' ଲଗାଇ ନୀତିଦିନ ଜନତାଙ୍କ ଦ୍ୱାରା ଉଲଂଘନ ହେଉଥିବା ଆଇନର ଧାରା ଏବଂ ଧର୍ତ୍ତବ୍ୟ ଅପରରାଧ ବିଷୟରେ ସମ୍ୟକ ଧାରଣା ଦିଆଯାଇ ପାରନ୍ତା ଓ ଔଷଧ ନ' ଦେଇ ରୋଗ କିପରି ନ' ହେବ ସେଇ ଉପାୟ କରିବା ବରଂ ଭଲ ଓ ତୃଣମୂଳ ସ୍ତରରୁ ଶୃଙ୍ଖଳା, ସୁଶିକ୍ଷା ହିଁ ଆମକୁ ସଚେତନ କରିବ ଓ ସେଇ ବ୍ରିଟିଶ ଯୁଗରୁ ଚାଲିଆସିଥିବା ନିୟମ ଆଉ ପଦ୍ଧତିକୁ ବଦଳାଇବାର ସମୟ ଉପସ୍ଥିତ , ଆଜିର ସମାଜ ଆଉ ସମୟ ସହିତ ତାଳ ଦେଇ ଦେଶର ଆଗାମୀ ପିଢ଼ିର ନାଗରିକ ମାନଙ୍କୁ ଆମେ ପୃଥିବୀର ଅନ୍ୟ ବିକଶିତ ରାଷ୍ଟ୍ରର ନାଗରିକ ମାନଙ୍କ ସହିତ ସମକକ୍ଷ କରିବା ଉଚିତ ଓ ଦେଶର ଆଇନକୁ ସମ୍ମାନ ଦେଇ ଶୃଙ୍ଖଳିତ ସମାଜ ଆଉ ଶାନ୍ତିରେ ସହାବସ୍ଥାନ ଆମର କାମ୍ୟ ଓ ଗୁଣି, ଜ୍ଞାନୀ, ଏବଂ ସମାଜକୁ ନେତୃତ୍ୱ ଦେଉଥିବା ନେତା , ମନ୍ତ୍ରୀ ସମସ୍ତଙ୍କ ସହଯୋଗ ଦ୍ୱାରା ସମାଜରେ ଏକ ପରିବର୍ତ୍ତନ ଭାରତବର୍ଷକୁ ସାରା ବିଶ୍ୱରେ ନିଜର ଗୌରବ ଗାରିମା ବଜାୟ ରଖିବାକୁ ସକ୍ଷମ କରାଇ ପାରିବ ଓ ଅସମ୍ଭବକୁ ସମ୍ଭବ କରିବା ପାଇଁ ଦୃଢ ମନୋବଳ ଆଉ ଇଛା ଶକ୍ତିର ଆବଶ୍ୟକତା ଅଛି, ଛାତିକୁ ପଥର କରି ଅପରାଧକୁ ଦୃଢ ହସ୍ତରେ ଦମନ ତଥା ସମ୍ବିଧାନକୁ ସମ୍ମାନ ଦେବା ପାଇଁ ଅନେକ କିଛି କାର୍ଯ୍ୟ ଜନତାଙ୍କ ସହଯୋଗରେ ସରକାରଙ୍କ ଦ୍ୱାରା ସମ୍ଭବ ହୋଇପାରିବ ଓ ଆସନ୍ତୁ ଆମେ ଭାରତବର୍ଷକୁ ପୃଥିବୀର ଶ୍ରେଷ୍ଠ ଶୃଙ୍ଖଳିତ ରାଷ୍ଟ୍ର ଭାବେ ପରିଚୟ ଦେବା ।


+ବରିଷ୍ଠ ନାଗରିକ
ସ୍ନେହ କୁଟୀର,
ଝାଞ୍ଜିରୀ ମଙ୍ଗଳା, କଟକ-
୭୫୩୦୦୯
ମୋ: ୯୯୩୭୧୭୪୦୯୭


# ଗଣମାଧ୍ୟମର ସ୍ୱାଧୀନତା

### ବିପିନ ବିହାରୀ ମହାନ୍ତି

ଗଣତାନ୍ତ୍ରିକ ଶାସନରେ ବିଶେଷକରି ଭାରତପରି ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାସନ ବିକେନ୍ଦ୍ରୀକରଣରେ ତିନୋଟି ବିଭାଗ ଅଛି; ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା। ପ୍ରଥମଟିର କାମ ହେଲା ଶାସନ ପାଇଁ ଆଇନ ପ୍ରଣୟନ ଏବଂ ସଂଶୋଧନ ଇତ୍ୟାଦି। ଦ୍ୱିତୟଟି ହେଲା ଏହାକୁ କାର୍ଯ୍ୟକାରୀ କରିବା। ପ୍ରଥମଟି ସଂସଦର ଏବଂ ୨ୟଟି ମନ୍ତ୍ରୀମଣ୍ଡଳର। ଏ ଦୁହେଁ ସମ୍ପର୍କିତ ବା ନିର୍ଭରଶୀଳ। ମାତ୍ର ନ୍ୟାୟ ପାଳିକା ଏ ଦୁଇଟିଯାକ ପ୍ରଭାବରୁ ମୁକ୍ତ। ଏହା ଏକ ସ୍ୱାଧୀନ ଏବଂ ନିରପେକ୍ଷ ଅନୁଷ୍ଠାନ। ଏତିନି ବିଭାଗକୁ ସଂବିଧାନର ତିନୋଟି ସ୍ତମ୍ଭ ବୋଲି କୁହାଯାଏ। ପ୍ରଥମ ଦୁଇଟିର ନିୟନ୍ତ୍ରକ ହେଉଛି ନ୍ୟାୟପାଳିକା। ସେମାନଙ୍କର ଭୁଲ ଭଟକା ବିଚାର କରି ରାୟଦେବା ତାହାର କାମ। ଏହା ରାଜନୈତିକ ପ୍ରଭାବମୁକ୍ତ। କିନ୍ତୁ ଅଧୁନା ଏହା ମଧ ଦୁର୍ନୀତିମୁକ୍ତ ନୁହେଁ।

ଏ ସମସ୍ତଙ୍କୁ ନିୟନ୍ତ୍ରିତ କରି ଦେଶର ସୁପରିଚାଳନା ଦାୟିତ୍ୱ ତୁଲାଇବାରେ ଆଉ ଏକ ମାଧ୍ୟମ ଅଛି। ତାହାହିଁ ଗଣ ମାଧ୍ୟମ : ଲୋକଙ୍କ ମାଧ୍ୟମ। ଗଣ ମାଧ୍ୟମର କାମ ହେଲା ସଂବାଦ ସଂଗ୍ରହ କରିବା ଏବଂ ତାକୁ ବିତରଣ ବା ପରିବେଷଣ କରେ ଯାହା ଫଳରେ କି ଗଣମାନେ ଏହାକୁ ଜାଣିପାରିବେ ଏବଂ ତଦନୁଯାୟୀ ସେମାନଙ୍କର କ୍ରିୟା ବା ପ୍ରତିକ୍ରିୟା ପ୍ରକାଶ କରିବେ। ଭିନ୍ନ ଭାଷାରେ କହିଲେ : ପ୍ରେସ ବା ଗଣମାଧ୍ୟମ ଏଭଳି ଏକ ବ୍ୟବସ୍ଥା ଯାହା ରାଷ୍ଟ୍ର, ସମାଜ ଓ ବ୍ୟକ୍ତିକୁ ସମ୍ପର୍କିତ ଓ ସମୃଦ୍ଧିତ କରିବ ଏବଂ ଏପରି ଭାବେ ସାମାଜିକ ଓ ରାଷ୍ଟ୍ରୀୟ ବ୍ୟବସ୍ଥା କଥା ବ୍ୟକ୍ତିଗତ ଜୀବନର ବିକାଶ ଓ କଲ୍ୟାଣ ନିମନ୍ତେ ସହାୟକ ହୋଇଥାଏ। ଏହା ବ୍ୟକ୍ତି ବା ସମାଜର ଚିତ୍ର, ଆଶା, ଆକାଙ୍କ୍ଷା ଇତ୍ୟାଦି ସମୂହକୁ ଶାସନକଳ ପାଖରେ ପହଞ୍ଚାଏ ଏବଂ ଅନ୍ୟ ପକ୍ଷରେ ସେମାନଙ୍କର ଦୁର୍ନୀତି ଓ ସୁନୀତିକୁ ଲୋକ ଲୋଚନକୁ ଆଣି ଏକ ସୁନିୟନ୍ତ୍ରିତ ଏବଂ ସୁଚାଳିତ ଶାସନ ଓ ସମାଜ ଗଠନରେ ସହାୟକ ହୋଇଥାଏ।

ଗଣମାଧ୍ୟମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କେବଳ ସତ୍ୟକୁ ଆବିଷ୍କାର କରିବା ଏବଂ ଉକ୍ତ ସତ୍ୟ ଭିନ୍ନ ଅନ୍ୟ କିଛି ପରିବେଷଣ ନକରିବା ତଥା ଏହି ସତ୍ୟ ମାଧ୍ୟମରେ 'ସାଧୁ ସାବଧାନ' ବାଣୀ ଶୁଣାଇବା। ସମାଜକୁ ସଜାଡ଼ିବା ତଥା ସମାଜ ଓ ବ୍ୟକ୍ତି ଚରିତ୍ର ସଂଶୋଧନ ଓ ଗଠନ କରିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ଏହା ଏକ ପୁରାତନ ବ୍ୟବସ୍ଥା ଯାହାର ପ୍ରବର୍ତ୍ତା ଥିଲେ ଦେବର୍ଷି ନାରଦ ଯିଏକି ଅପ୍ରିୟ ସତ୍ୟ ପରିବେଷଣ କରୁଥିଲେ ତିନିଲୋକ : ସ୍ୱର୍ଗ,ମର୍ତ୍ତ୍ୟ ଓ ପାତାଳପୁରୀରେ। ସତ୍ୟ ପରିବେଷଣ କରିବାରେ ସେଥିଲେ ନିର୍ଭୀକ ଓ ନିରପେକ୍ଷ। ସେହିପରି ସତ୍ୟ ସଂଗ୍ରହରେ ଥିଲେ ଦୁଃସାହାସିକ। ସେ ଯୁଗରେ ସେ ଜଣେ, ଯିଏକି ଗଣକୁ ନିୟନ୍ତ୍ରଣ କରୁଥିଲେ ଅଥଚ ଆଜି 'ଗଣ' 'ଗଣ'କୁ ବା 'ଜଣ'କୁ ନିୟନ୍ତ୍ରଣ କରୁଛି।

ଏବେ ଯୁଗର ପରିବର୍ତ୍ତନ ତଥା ବିଜ୍ଞାନର ପ୍ରଭାବକ୍ରମେ ଗଣମାଧ୍ୟମର ରୂପ ଅନେକ ପ୍ରକାର : ପ୍ରିଣ୍ଟମିଡ଼ିଆ ଅର୍ଥାତ୍ ସମ୍ବାଦପତ୍ର, ପତ୍ରପତ୍ରିକା, ଇଲୋକଟ୍ରୋନିକ୍ ମିଡ଼ିଆ ଅର୍ଥାତ୍ ଆକାଶବାଣୀ ଦୂରଦର୍ଶନ, ଇଣ୍ଟରନେଟ୍, ୱେବସାଇଟ୍ ଏବଂ ମାସ୍‌ମିଡ଼ିଆ ଯେମିତି ଯାତ୍ରା, ସିନେମା, ଦାସକାଠିଆ, ପ୍ରାଚୀର ପତ୍ର, ସଭା, ସମିତି... ଇତ୍ୟାଦି ଇତ୍ୟାଦି॥

ଏବେ ଗଣମାଧ୍ୟମର ବିଶ୍ୱସନୀୟତା ଏବଂ ସ୍ୱାଧୀନତା ନେଇ ପ୍ରଶ୍ନ ଉଠିଲାଣି? ଏ ମାଧ୍ୟମଗୁଡ଼ିକ ଅନ୍ୟର ଯେମିତି ନୟନ୍ତ୍ରକ, ଏମାନଙ୍କର କେହି ନିୟନ୍ତ୍ରକ ନାହାଁନ୍ତି ତ? ଗଣମାଧ୍ୟମର ସାଂବାଦିକମାନେ ତଥା ସେମାନଙ୍କର ସଂସ୍ଥା, ନିର୍ଭୀକ, ନିରପେକ୍ଷ ଓ ନିର୍ଲୋଭ ତଥା ନିର୍ଲିପ୍ତ , ନିର୍ବିକାର ଅଟନ୍ତିତ? ସେମାନଙ୍କର ନିଜସ୍ୱ ସ୍ୱାଧୀନତା ଅଛି ନା' କାହାଦ୍ୱାରା ପରିଚାଳିତ? ସେମାନେ ସବୁରୁ ମୁକ୍ତ, ନା କ୍ରିତ? ସେମାନେ କାହା ପ୍ରତି ଭୟକାରକ ଅଥବା କାହା ପ୍ରତି ଭୟଭୀତ? ଏମିତି ଅନେକ ପ୍ରଶ୍ନ। ସଂକ୍ଷେପରେ କୌଣସି କାରଣରୁ ନିଜ କର୍ତ୍ତବ୍ୟପ୍ରତି ପରାଧୀନ ନା ସ୍ୱାଧୀନ!

ଏ ସଂପର୍କରେ ଏତିକି କୁହାଯାଇପାରେ ଯେ ଅଧିକାଂଶ ଗଣମାଧ୍ୟମ କେତେକ ଶାସନର ରାଜଦଣ୍ଡଧାରୀଙ୍କ ଦ୍ୱାରା ପରିଚାଳିତ, ଯାହାକୁ ସେମାନେ ନିଜର ସ୍ୱାର୍ଥ ହାସଲପାଇଁ ହାତ ବାରିସି କରିଥାଆନ୍ତି। ଅନେକ କିଛିଟା ଅସତ୍ୟ ପାଇଁ ଚାପଗ୍ରସ୍ତ, କେହି ପ୍ରଲୋଭନର ବଶୀଭୂତ, କେହି ସତ୍ୟପାଇଁ ପ୍ରାଣବଳି ଦେବାକୁ ପଡ଼େ ବୋଲି ଅତ୍ୟନ୍ତ ଭୟଭୀତ। ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ଦେଖାଯାଇଛି ଯେ ଯେଉଁ ସାଂବାଦିକମାନେ ସ୍ୱାଧୀନଚେତା ଏବଂ କୌଣସି ଚାପର ବଶବର୍ତ୍ତୀ ହୋଇନାହାଁନ୍ତି ଏବଂ କାହାର କାର୍ଯ୍ୟ ହାସଲରେ ଅନ୍ତରାୟ ହୋଇଛନ୍ତି, ସେମାନଙ୍କୁ ସେମାନେ ଗୁଳି ବା ହତ୍ୟାକରି ମାରିଛନ୍ତି ଅଥବା ଅପହରଣ କରି ଚିରଦିନ ନିଖୋଜ ରଖୁଛନ୍ତି। ଏଣୁ ସତ୍ୟଟି ଦିଶୁଥିଲେ ମଧ ତାକୁ ଗଣଙ୍କୁ ଦେଖାଇବାର କେହି ସାହସ କରୁନାହାଁନ୍ତି କାରଣ ସେମାନଙ୍କର ସଂସାର ଅଛି।

କେତେଜଣ ସ୍ୱାଧୀନଚେତା ସାଂବାଦିକ ବା ଗଣମାଧ୍ୟମ ଅଛନ୍ତି ଯିଏକି ସତ୍ୟପାଇଁ ଗାନ୍ଧିପରି ଗୁଳି ଖାଇବା, ଅଥବା ନିର୍ଯ୍ୟାତିତ କି କାହାପରି ଅତ୍ୟାଚାରିତ ହେବାକୁ ଚାହାନ୍ତି? ଏବେ ଆନ୍ତର୍ଜାତିକ ସ୍ତରରେ ପ୍ରତିବର୍ଷ ମେ' ୩ ତାରିଖ ବିଶ୍ୱ ଗଣମାଧ୍ୟମ ଦିବସରେ ସ୍ୱାଧୀନଚେତା ସାଂବାଦିକ ଯିଏକି ତାଙ୍କ ବୃତ୍ତିପାଇଁ ନିର୍ଯାତିତ, ଅତ୍ୟାଚାରିତ ଓ ଯନ୍ତ୍ରଣାଗ୍ରସ୍ଥ ଏମିତି ଜଣକୁ ପୁରସ୍କାର ଦିଆଯାଉଛି। ଏହା ଏକ ଏ ବୃତ୍ତି ପାଇଁ ପ୍ରୋତ୍ସାହନ। ତଥାପି କହିବା ଗଣ ମାଧ୍ୟମର ସ୍ୱାଧୀନତା ଅଙ୍କୁଶ ମୁକ୍ତ ନୁହେଁ, କେବେ ନୁହେଁ।


ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ
ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ
ପାଠାଗାର,ଜଟଣୀ,
(ମୋ) ୯୯୩୮୩୪୪୧୩୮





### ସ୍ମୃତିରେ ପ୍ରଥମାଷ୍ଟମୀ
### ନିରୁପମା ପାଣି

ସଂସ୍କାର ସଂସ୍କୃତି ସମ୍ପୂର୍ଣ୍ଣ ଆମରି
ଓଡିଆ ଚଳଣୀ ପରା
ବାର ମାସେ ତେର ପରବ ପାଳନ୍ତି
ଓଡିଶାର ପରମ୍ପରା ।
ଜ୍ୟେଷ୍ଠ ସନ୍ତାନଟି ମହାଭାଗ୍ୟବାନ
ପଢୁଆଁର ମଜାନିଏ
ପ୍ରଥମାଷ୍ଟମୀରେ ନୂଆ ବସ୍ତ୍ର ପିନ୍ଧି
ବନ୍ଦାପନା ହୋଇଥାଏ ।
ପିଠା ପରମ୍ପରା ଅଷ୍ଟମୀରେ ଆମ
ବିରି ସହ ଚାଉଳରେ
ହଳଦୀ ପତ୍ରରେ ନଡିଆ ପୁରରେ
ପିଠାହୁଏ ଅଥାରରେ ।
ଘର ମହକଇ ଅଷ୍ଟମୀ ବାସ୍ନାରେ
ମନେ ପଡିଯାଏ ଆଜି
ଆଜି ତ ସେସବୁ ଚଳଣୀ କମିଛି
ସଂସ୍କୃତି ଯାଉଛି ହଜି ।
ଇଡଲି ଦୋଷାରେ କାମ ଚଳିଯାଏ
ପିଜା ବରଗର ରଜା
ପୁରି ତରକାରୀ କେହି ବି କରୁଛି
ଏଣ୍ଡୁରି ପଡୁନି ଖୋଜା ।
ମାମୁଁ ଆସୁନାହିଁ ପଢୁଆଁ କରିତେ
ଟଙ୍କା ଆସେ ଫୋଓନରେ
ହସଖୁସି ଆଉ ଆଗ ଭଳି ନାହିଁ
ଅଛି ଯା ଟିକେ ସ୍ମୃତିରେ ।

+ଚାନ୍ଦବାଲି , ବିନତରା
ଭଦ୍ରକ

### ଏମିତି ଏ ପ୍ରଥମାଷ୍ଟମୀ
### ନିରଞ୍ଜନ ସାହୁ

ଆସଇ ପ୍ରଥମାଷ୍ଟମୀ ମଗୁଶୁରେ ଝୁମିଝୁମି
କୃଷ୍ଣ ପକ୍ଷର ଅଷ୍ଟମୀ ତିଥି ଆସିଲେ
ସଭିଙ୍କର ମନ ଖୁସି କିଏ ବସେ ନାହିଁ ରୁଷି
ହଳଦୀ ପତର ମହମହ ବାସିଲେ
ନୂଆ ଧାନ ଚାଉଳ କର
ଚୁନା କୁଟି ବିରି ବାଟି ସଜାଡ ପୁର ।
ନୂତନ ପୋଷାକ କିଣି ବଡ଼ ଶରଧାରେ ଆଣି
ମାମୁଁ ପହଞ୍ଚନ୍ତି ଆସି ଖୁସି ମନରେ
ଭଣଜାଭାଣିଜୀ ପାଇଁ ସରାଗେ ଆସନ୍ତି ଧାଇଁ
ପଢୁଆଁ କରିବେ ପରା ଏଇ ସନରେ
ମାମୁଁଘର ପୋଷାକ ଦେଖି
ଭଣଜାଭାଣିଜୀ ଖୁସି କେ ' ପାରେ ଲେଖି ?
ଘରର ଜ୍ୟେଷ୍ଠ ସନ୍ତାନ ରଖିବ କୁଳର ମାନ
ଦାଇତ୍ୱ ତାହାର ବେଶୀ ଜାଣନ୍ତି ସର୍ବେ
ସେଥିପାଇଁ ତା ସମ୍ମାନ ରଖିଥାନ୍ତି ପରିଜନ
ଅହେତୁକ ଶ୍ରଦ୍ଧା ତାକୁ ଦିଅନ୍ତି ଗର୍ବେ
ଜ୍ୟେଷ୍ଠ ହୁଏ ସବୁଠୁଁ ଶ୍ରେଷ୍ଠ
ଯୁଗେଯୁଗେ ମାନିଥାନ୍ତି ତାକୁ କନିଷ୍ଠ ।

+ନିହଳ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

### ଲାଉ ଖିରୀସାକୁ ଏଣ୍ଡୁରି ପିଠା
### ବାବାଜୀ ଚରଣ ଜେନା

ଲାଉ ଖିରୀସାକୁ ଏଣ୍ଡୁରି ପିଠା
ବଡମ୍ଭା ଗୁଡ ତ' ଲାଗଇ ମିଠା
ସଜନୀ ସଜନୀ ଲାଗିଗଲେ ଥରେ
ଛାଡିବନି ଜମା ପୀରତି ଇଠା
ଲାଉଖିରୀସାକୁ ଏଣ୍ଡୁରି ପିଠା...।୦।

ବୋଉ ଯାଇଥିଲା ମାମୁ ଘରକୁ ଲୋ
ମାଇଁ ଦେଇଥିଲେ ଶାଢୀ
କମକୁଟା ସେଇ ବଡବାଗ ବୁଣା
ନାଲିରଙ୍ଗ ଯାର ପାଢ଼ୀ
ଅସଲି ବନ୍ଧୁଯେ ବିପଦେ ଠିଆଲୋ
ନକଲି ବାଟରେ କାଟଇ ଚିତା
କହି ମିଠା ମିଠା କଥା....।୧।

ବାପା ଯାଇଥିଲେ ନୂଆବଜାର ଲୋ
ଆଣିଥିଲେ କାନଫୁଲ
ମଝି ମଝିକା ଯା' ପିନ୍ଧି ପାରିବେନି
ସୁନା ତ'ଅମୂଲ ମୂଲ
ଭାଗବତ ପଦେ ପଢିନି ଜୀବନେ
ତା'କଥାରେ ନଥାଏ ବାଡକି ବତା
କରେ ଯାହା ହଟହଟା....।୨।

ଅହଲ୍ୟା ନିବାସ
ପୋପରଡା ନୂଆବଜାର, କଟକ-୪
(ମୋ) ୯୪୩୭୮୩୪୭୧୯

### ପଢୁଆଁ ପୂଜା
### ରାମଚନ୍ଦ୍ର ପ୍ରଧାନ

ମାର୍ଗଶୀର ମାସ ଅଷ୍ଟମୀ ତିଥିରେ
ପ୍ରଥମାଷ୍ଟମୀ ପାଳିତ
ଏଇ ଶୁଭଦିନେ ପ୍ରଥମ ସନ୍ତାନ
ଘରେ ହୁଅନ୍ତି ପୂଜିତ ।

ଜ୍ୟେଷ୍ଠ ସନ୍ତାନର ଲମ୍ବା ଆୟୁ ପାଇଁ
ହୋଇଥାଏ ଏଇ ପୂଜା
ନୂତନ ପୋଷାକ ପରିଧାନ କରି
ପଢୁଆଁ କରନ୍ତି ମଜା ।

ଗୁରୁଜନ ମାନେ ଶୁଭ ମନାସନ୍ତି
ଷଠୀ ମା' ଙ୍କୁ ପୂଜା କରି
ଏଣ୍ଡୁରି ପିଠାର ନିଆରା ମହକେ
ଘର ସାରା ଉଠେ ପୁରି ।

ମାଆ ହାତେ ଗଢ଼ା କେତେ
ପିଠାପଣା
ହୋଇଥାଏ ଘରେ ଘରେ
ହଳଦୀ ପତରେ ତିଆରି ଏଣ୍ଡୁରି
ସଭିଙ୍କର ମନ ହରେ ।

ବରଷକୁ ଥରେ ଆସେ ଏ ପରବ
ସେନେହ ଶରଧା ନେଇ
ଧୂପ ଦୀପ ଝୁଣା ଚନ୍ଦନ କର୍ପୂରେ
ଚଉଦିଗ ମହକାଇ ।

ସତରେ ମହାନ ଆମ ଏ ସଂସ୍କୃତି
ପରମ୍ପରା ସାଥେ ଧରି
ସଂସ୍କାର ଛୁଙ୍କରେ ଆଶିଷ ମିଳଇ
ଦିଅଁ ଦରଶନ କରି ।

+ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

### ଫର୍ଦ୍ଦଟିଏ ଅତୀତର
### କ୍ଷୀରୋଦ୍ର କୁମାର ସାହୁ

ଆଜି ପୁଣି ଥରେ ଖୋଜି ବସେ
ମୋର ସେଇ ଅତୀତର
ମିଛ ବାଲିଘର ।
ଆଶ୍ୱିନ ର ଜହ୍ନ ରାତି
ତାରାଫୁଲର ଫୁଆରା ।
ରଙ୍ଗୀନ ସ୍ୱପର ପଟୁଆର
ସାତରଙ୍ଗୀ ଇନ୍ଦ୍ରଧନୁ ।
କାହାର ଆସିବା ବାଟକୁ ଅପେକ୍ଷା
ଅହର୍ନିଶି ଅନବରତ ।
କେବେ କେବେ ଲାଗେ ଯେମିତି ସବୁ
କୁହୁଡି ପହଁରା ।
କିଏ କେବେ କେଉଁଠି
କେମିତି ମିଶି ଥିଲା ଜହ୍ନ ଆଲୁଅରେ ।
ତାରା ଗଣୁଥିଲେ
ଗୁଣୁଗୁଣୁ ଗୀତ ସବୁ ଗାଇ ।
ଏବେ ସେଇ ସମୀକରଣ ସବୁ
ଅର୍ଦ୍ଧ ସମାହିତ ।
ଇତିହାସର ଖ୍ରୀଷ୍ଟପୂର୍ବ ଖ୍ରୀଷ୍ଟାବ୍ଦ
ସବୁ ଲୁଚି ଯାଏ
ଅକ୍ଷାଂଶ ଦ୍ରାଘିମା ଭିତରେ ।
ପଢ଼ାବହି ରଫ ଖାତା
ଏବେ ଫେରିବାଲାର
କବାଡି ଖାନାରେ
ସେଇ ସଜଫୁଟା ଲାଲ ଗୋଲାପ
ଆଉ ପାନ ପତ୍ର ସବୁ
ବୋଧହୁଏ ଝାଉଁଳି ଯାଇଥିବ
କେଉଁ ଖତ ଗଦାରେ
କି ଅଲନ୍ଧୁ ଭିତରେ ।
କେହି କେବେ ଦେଖା ହେଲେ
ସ୍ମୃତି ସବୁ ମନେ ପଡେ
ଝାପସା ଝାପସା ହୋଇ ।

ବରପିଟା, ପାଟଣାଗଡ଼
ବଲାଙ୍ଗିର-୭୬୭୦୪୧
ମୋ-୯୮୬୧୮୫୨୫୮୭

# ଅଷ୍ଟମୀ ପିଠା, ମନର କଥା




ଡ଼ି ଶୁଭମ୍




ଆମେ ଓଡ଼ିଆ, ଭାରି ବଢ଼ିଆ - ଏ ଉକ୍ତିଟି ବୋଧହୁଏ ସମସ୍ତେ କଥାକଥାରେ ବ୍ୟବହାର କରୁଥିବେ। ଓଡ଼ିଆତ୍ୱର ବିଶେଷତା ସାରା ବିଶ୍ୱରେ ଅନନ୍ୟ। ଏ ମାଟିର ବାସ୍ନା ଅଲଗା, ଆମ ରାଇଜର ପବନର ଶିହରଣ ବି ଅଲଗା। ଏଠି ପୂଜା, ପର୍ବଠୁ ଆରମ୍ଭ କରି ପିଠା, ମିଠା ଯାଏଁ ସବୁକିଛି ସ୍ୱତନ୍ତ୍ରତାର ଗାଥା ଗାଏ। ଓଡ଼ିଆ - ଏକ ଜାତିର ଅସ୍ମିତା। ବାର ମାସରେ ତେର ପରବ - ଆମ ଓଡିଆଙ୍କ ମହନତାର ପରିଚୟ। ଓଡ଼ିଶା- ଏକ ରାଜ୍ୟ ନୁହେଁ ବରଂ ସ୍ପନ୍ଦନ ଆଉ ଅନୁଭବର ଏକ ଫେଣ୍ଟାଫେଣ୍ଟି ମିଶ୍ରଣ। ଏ ମାଟି ମାଣବସା ଗୁରୁବାର ହେଉ କି ରଜ ସଂକ୍ରାନ୍ତି ତ ପ୍ରଥମାଅଷ୍ଟମୀ - ଏସବୁରେ ଓଡ଼ିଆ ମନ ଆଉ ପ୍ରାଣର ପ୍ରତିବେଦନ ଖୁବ ନିଆରା। ଆଉ ଆଜି ପ୍ରଥମାଷ୍ଟମୀ। ଓଡ଼ିଆଙ୍କ ପାଇଁ ଏ ପର୍ବ ବେଶ ଗୁରୁତ୍ୱ ବହନ କରେ। ଖାସ କରି ଘରର ବଡ଼ ପୁଅ ଆଉ ଝିଅଙ୍କ ପାଇଁ। ପ୍ରଥମାଷ୍ଟମୀରେ ଓଡ଼ିଆ ଘରର ରୀତିନୀତି ଅନୁଯାୟୀ ଘରର ବଡ଼ ପୁଅ ଆଉ ଝିଅ ନୂଆ ଡ୍ରେସ ପିନ୍ଧି ଏକ ଅହେତୁକ ମାଦକତାରେ ଭରିଯାଆନ୍ତି।

ଶୀର୍ଷକ ଅଷ୍ଟମୀ ପିଠା କେବଳ ମୋ ପାଇଁ ନୁହଁ ମୋ ପରି ଘରର ସବୁ ବଡ଼ ପୁଅ ଝିଅଙ୍କ ପାଇଁ ଅଷ୍ଟମୀ ଦିନର ଏକ ନିତିଦିନିଆ ପ୍ରଥା। ସକାଳ ହେଉ ହେଉ ହଳଦୀ ପତରରେ ତିଆରି ଏଣ୍ଡୁରିପିଠା, ସୁଜି ମଣ୍ଡା, ସୁଜି କାକାରା ଆଉ ତା ସହ ଭଳିକି ଭଳି ମିଠା ଆସି ସକାଳ ଖାଇବାରେ ପରଷାଯାଏ। ଗାଁ ଗହଳିରେ ଏସବୁର ମଜା ଆହୁରି ଅଲଗା। ସହରିଆ ସିନା ଗ୍ୟାସ ଚୁଲାରେ ପିଠା କରୁଛନ୍ତି ହେଲେ ଗାଁର ସେଇ ଚୁଲି ରନ୍ଧା ଖାଇବାଠୁ ପିଠା ଯାଏଁ ସବୁର ସ୍ୱାଦ ନିଆରା। ଚୁଲି ମୁହଁରୁ ଧୂଆଁ ଆଖି ଯାଏ ଭାସିଆସେ ଆଉ ସେପଟୁ ପିଠାର ବାସ୍ନା। ବାସ୍ .. ଏତିକି ତ ମନ ଭିତରେ ପର୍ବପର୍ବାଣୀର ସେ ଦୃଶ୍ୟପଟ୍ଟକୁ ରୋମନ୍ଥନ କରିଦିଏ। ଆଗରୁ ମାମୁଁଘର ଡ୍ରେସକୁ ଅପେକ୍ଷା କରି ରହୁଥିଲେ। ମାମୁଁଘରୁ ଭାର ନେଇ ମାମୁଁ କି ମାମୁଁଘର ଲୋକ ଆସନ୍ତି। କିନ୍ତୁ ଏବେ ସେ ସମୟ ବଦଳିଯାଇଛି। ଆମ ମନୋଭାବ ବି ବଦଳିଛି। ଡ୍ରେସ ପିନ୍ଧିବାର ଢ଼ାଂଚା ବି ବଦଳିଛି। ଏବେ ଡିଜିଟାଲ ଯୁଗ ସହ ତାଳଦେଇ ଆମେ ଗତିକରୁଛେ। ଆଜି ଆଉ ସେ ପିଠାର ମହକ ନାହିଁ। କାଁ ଭାଁ ହଳଦିପତର ବଜାରରେ ଦେଖାଯାଉଛି। ଆଉ କିଏ ହଳଦୀପତରରେ ଏଣ୍ଡୁରିପିଠା କରିବାର କଥା ଭାବିବେ ବା କାହିଁ, ଏବେ ତ ଅନଲାଇନରେ ସ୍ୱିଗି ଆଉ ଜୋମାଟୋ ଅଛି। ଡିଜିଟାଲରେ ବି ଟଙ୍କା ପଠାଇହଉଛି ଆଉ ଅନଲାଇନରେ ଡ୍ରେସ୍। ସବୁକିଛି ଏବେ ଆଧୁନିକତାକୁ ସ୍ପର୍ଶ କରି ସାରିଲାଣି। ଆଉ କାହାରି ସେ ସୁଜି କାକାରା ଖାଇବାକୁ ମନ ନାହିଁ। ସମୟ ସହ ଏ ପ୍ରଥା ବି ଏବେ ଲୋପ ପାଇବାକୁ ବସିଲାଣି।

ସକାଳୁ ଯେବେ ଆଜି ମୋବାଇଲ ଫୋନ ଖୋଲିଛି, ସମସ୍ତଙ୍କ ସୋସିଆଲ ମିଡ଼ିଆରେ ଭଳିକି ଭଳି କ୍ୟାପ୍ସନ୍, ନୂଆ ଡ୍ରେସର ଝଲକ। ଏସବୁ ଦେଖି ପିଲାଦିନର ଅଷ୍ଟମୀ ପାଳନର କଥା ମନେପଡ଼ିଗଲା। ଆଉ ସେ ଦିନ ସବୁ ନାହିଁ। ମୋର ମନେ ଅଛି ମୁଁ ଯେବେ ପିଲା ହୋଇଥିଲି ମାମୁଁଘରେ ସେ ଚୁଲିମୁଣ୍ଡ ପାଖରେ ବସିବାର ସ୍ମୃତି ଏବେ ବି ତାଜା ଅଛି। ଆଖିରୁ ପାଣି ଆସିଯାଉଥିବ ହେଲେ ସେଠୁ ଉଠିବାକୁ ମନ କହୁନଥିବ। ଏଇଟା ହିଁ ତ ଚଲି ଆଉ ଗ୍ୟାସ ଭିତରର ଫରକ। ଅଷ୍ଟମୀ ଆଉ ମାମୁଁଘର ଏ ଦୁଇଟା ଶବ୍ଦ ଘରର ବଡ଼ ପୁଅ ଝିଅଙ୍କ ପାଇଁ ଖୁବ୍ ଜଣାଶୁଣା। କିନ୍ତୁ ଆଉ ଏବେ ପାଠପଢ଼ାର ବ୍ୟସ୍ତତା ତଥା ଅନ୍ୟାନ୍ୟ କାମ ଯୋଗୁଁ ଆଉ ସେ ପିଠାର ସ୍ୱାଦ ପାଇପାରୁନି। ଇଚ୍ଛା ଥିଲେ ବି ବାହାରର ସେ ପିଠା ଆଉ ଗାଁର ପିଠା ଭିତରେ ଅନେକ ଫରକ ଦେଖିବାକୁ ପାଉଛି। ଆଉ ସେ ମହକ ବି ମନରେ ଆସୁନି। ସବୁଦିନ ପରି ଅଷ୍ଟମୀ ବି ଗୋଟେ ସାଧାରଣ ଦିନ ପରି ବିତିଯାଉଛି। ନା ଅଛି ହଳଦୀପତରର ବାସ୍ନା। ଆଧୁନିକତାର ଚାକଚକ୍ୟ ଭିତରେ ଏବେ ଆମ ମନ ଭିତରୁ ଏସବୁ ଲିଭିବାକୁ ଲାଗିଲାଣି। ଆଗିକାଲିର ପିଲାଙ୍କୁ ଏ ପର୍ବର ବିଶେଷତା କଥା ପଚାରିଲେ ବି ଉଣାଅଧିକେଙ୍କ ଛଡ଼ା ଆଉ କେହି ଜାଣିନଥିବେ। ଆଜିର ଦିନରେ ଏ ପ୍ରସଙ୍ଗକୁ ଉଠାଇବାର ଅର୍ଥ ଏହା କି ସାମ୍ପ୍ରତିକ ସମୟରେ ଯୁବଗୋଷ୍ଠୀ ଆଧୁନିକତା ସହ ଆମ ପରମ୍ପରାକୁ ବି ସମ ଭାବରେ ନଜର ଦେବା ଆବଶ୍ୟକ। କାରଣ ପ୍ରଥା ଆଉ ପରମ୍ପରା ହିଁ ଆମ ଓଡ଼ିଆଙ୍କ ଏକ ପ୍ରମୁଖ ଆଧାର। ଆଜି ବି ଗାଁ ମାନଙ୍କରେ ପ୍ରଥମାଷ୍ଟମୀର ଝଲକ ଦେଖିଲେ ମନେ ହୁଏ ଯେ ଆମ ଭିତରୁ ଅନେକ ଏବେ ବି ଏ ପରମ୍ପରାକୁ ମାନୁଛନ୍ତି। ଯୁଗ ଯଦିଓ ଆଧୁନିକତାକୁ ସ୍ପର୍ଶ କରିଛି ତଥାପି ଗାଁ ଗହଳିରେ ଏ ପ୍ରଥା ଏବେ ବି ବେଶ ସୁନ୍ଦର ଭାବରେ ପାଳନ କରାଯାଉଛି। ଘରର ବଡ଼ ପୁଅଙ୍କୁ ନୂଆ ଡ୍ରେସ ଦେବା ହଉ କି ପିଠାପଣା ଆଉ ମିଠାର ସମ୍ଭାର, ଏସବୁକୁ ବେଶ ଆଡ଼ମ୍ବର ସହକାରେ ମନାଯାଉଛି। ଆମେ ଓଡିଆ ବୋଲି ପରିଚୟ ଦେବାକୁ ଆଉ ଅଧିକ କ'ଣ ବା ପ୍ରମାଣ ଦିଆଯାଇପାରେ ?

କହିବା ବାହୁଲ୍ୟ ଯେ କେବଳ ପ୍ରଥମାଷ୍ଟମୀ ନୁହେଁ, ଏମିତି ଅନେକ ପରମ୍ପରାକୁ ଏବେ ଆଗକୁ ଆଣିବାର ସମୟ ଆସିଛି। ଆମେ ଓଡିଆ ବୋଲି ଏକ ସ୍ୱତନ୍ତ୍ର ପରିଚୟ ସମସ୍ତଙ୍କ ଆଗରେ ଦେଖାଇବାର ବେଳ ଆସିଛି। ଆଜି ପ୍ରଥମାଷ୍ଟମୀରେ ଆମେ ଏହାକୁ ପଣ କରିବା। ଆଗକୁ ସବୁ ଓଡ଼ିଆ ପର୍ବପର୍ବାଣିରେ ନିଜକୁ ଓଡିଆ ବୋଲି ପ୍ରମାଣିତ କରିବା। ଆଧୁନିକତା ଭିତରେ ବି ଆମ ପ୍ରଥା ଆଉ ପରମ୍ପରାକୁ ସମ୍ମାନ ଦେବା। ତାହେଲେ ଯାଇ ଗର୍ବରେ କହିପାରିବା - ମୁଁ ଓଡିଆ, ଭାରି ବଢ଼ିଆ।


କୃଷି ସ୍ନାତକୋତ୍ତର, ମୃତ୍ତିକା ବିଜ୍ଞାନ,
ସୋଆ, ଭୁବନେଶ୍ୱର,
ମୋ -୯୪୩୮୪୬୭୦୭୯


# ପଶ୍ଚିମ ଓଡିଶାର ହରିହର ପୀଠ- ହରିଶଙ୍କର, ନୃସିଂହ ନାଥ




ସୁଷମା ପରିଜା




ଓଡିଆ ଭୂଖଣ୍ଡର ପଶ୍ଚିମ ପଟରେ ଗନ୍ଧମାର୍ଦ୍ଦନ ପର୍ବତ ରେ ଥିବା ଶୈବପୀଠ ହରିଶଙ୍କର ଏବଂ ବିଷ୍ଣୁ ପୀଠ ନୃସିଂହନାଥ ହରିହର ପୀଠ ଭାବରେ ସାରା ବିଶ୍ୱରେ ପ୍ରସିଦ୍ଧ। ବିଶାଳ ଗନ୍ଧମାର୍ଦ୍ଦନ ପର୍ବତ ଟିର ମହିମା ତ୍ରେତୟା ଯୁଗର ରାମାୟଣ ରେ ବର୍ଣ୍ଣିତ ରହିଛି। ଏହି ପର୍ବତ ଟିରେ ଭରି ରହିଛି ବିଭିନ୍ନ ପ୍ରକାର ଔଷଧୀୟ ଜଡିବୁଟି ଏବଂ ଔଷଧୀୟ ବୃକ୍ଷ। ରାମ ରାବଣ ଯୁଦ୍ଧ ସମୟରେ ରାବଣର ଶକ୍ତିଭେଦରେ ମୃତପ୍ରାୟ ହୋଇ ଯାଇଥିବା ଲକ୍ଷ୍ମଣଙ୍କ ଜୀବନରକ୍ଷା ପାଇଁ ବୈଦ୍ୟ ଜାମ୍ବବାନଙ୍କ ଉପଦେଶ ଏବଂ ଶ୍ରୀରାମଚନ୍ଦ୍ର ଙ୍କର ଆଦେଶରେ ବୀର ହନୁମାନ ବିଶଲ୍ୟକରଣୀ ଲତା ଆଣିବା ପାଇଁ ଯାଇଥିଲେ। ହେଲେ ବିଶଲ୍ୟକରଣୀ ଲତା ଖୋଜି ଖୋଜି ତାହାକୁ ଚିହ୍ନି ନପାରିବାରୁ ବୀର ହନୁମାନ ହିମାଳୟ ପର୍ବତମାଳାରୁ ଗନ୍ଧମାର୍ଦ୍ଦନ ପର୍ବତକୁ ଓପାଡି ହାତରେ ଧରି ଏଠାକୁ ଆଣିଥିଲେ ବୈଦ୍ୟ ଜାମ୍ବବାନଙ୍କ ନିକଟକୁ ଏବଂ ସେଥିରେ ଲକ୍ଷ୍ମଣଙ୍କ ଜୀବନରକ୍ଷା ହୋଇଥିଲା। ସେହିଦିନଠାରୁ ଗନ୍ଧମାର୍ଦ୍ଦନ ପର୍ବତ ଏଇଠି ହିଁ ରହିଛି। ଏବେ ମଧ ଲକ୍ଷ ଲକ୍ଷ ଔଷଧୀୟ ବୃକ୍ଷ ରହିଛନ୍ତି ସେହି ପର୍ବତଟିରେ। ପର୍ବତ ଉପରେ ବର୍ଷା ହୋଇ ସୃଷ୍ଟି ହୋଇଛି ବିରାଟ ଝରଣା ଟିଏ।

ଏହି ପର୍ବତର ଉତ୍ତରପଟେ ବରଗଡ ଜିଲ୍ଲାର ପାଇକମାଳରେ ପ୍ରସିଦ୍ଧ ନୃସିଂହ ନାଥ ମନ୍ଦିର ଥିବାବେଳେ ଦକ୍ଷିଣରେ ବଲାଙ୍ଗୀର ଜିଲ୍ଲାର ପାଟଣାଗଡ ଉପଖଣ୍ଡରେ ରହିଛି ହରିଶଙ୍କର ମନ୍ଦିର। ଅତ୍ୟନ୍ତ ପବିତ୍ର ଏହି ଧର୍ମ ପୀଠରେ ହରି ଓ ଶଙ୍କର ଏକାଠି ପୂଜା ପାଉଥିବାରୁ ଏହି ପୀଠର ସ୍ୱତନ୍ତ୍ରତା ରହିଛି। ହରିଶଙ୍କର ମନ୍ଦିର ଏବଂ ନୃସିଂହନାଥ ମନ୍ଦିର ମଧ୍ୟଭାଗରେ ଅବସ୍ଥିତ ମାଳଭୂମିରେ ବୌଦ୍ଧ ଧର୍ମାବଲମ୍ବୀଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ଧ୍ୱସ୍ତବିଧ୍ୱସ୍ତ ଏକ ପ୍ରାଚୀନ ପରିମଳ ଗିରି ବିଶ୍ୱବିଦ୍ୟାଳୟ ରହିଥିବାର ଜଣାଯାଏ। ଦୁଇଟି ପୀଠକୁ ସଂଯୋଗ କରୁଥିବା ଜଙ୍ଗଲିଆ ରାସ୍ତା ର ଶୋଭା ମଧ ଖୁବ୍ ମନଲୋଭା। ଛୋଟ ବଡ ପାହାଡ, ନାନା ଜାତି ବୃକ୍ଷ ରାଜିରେ ସମୃଦ୍ଧ ବିସ୍ତୀର୍ଣ୍ଣ ପାର୍ବତ୍ୟାଞ୍ଚଳ,ବନାନୀର ଘନ ସବୁଜିମା ଆଉ ନିର୍ମଳ ଅମ୍ଳଜାନ ଦେହ ମନରେ ସ୍ଫୁର୍ତ୍ତି ଭରିଦିଏ।

**ହରିଶଙ୍କର : ଅଅଅ**

ଐତିହାସିକ ତଥ୍ୟ ଅନୁଯାୟୀ ୧୪ଶହ ଶତାବ୍ଦୀରେ ପଶ୍ଚିମ ଓଡ଼ିଶାର ଚୌହାନ୍ ରାଜବଂଶର ରାଜାଙ୍କୁ ପର୍ବତ ଉପରେ ଘନ ଅରଣ୍ୟ ମଧ୍ୟରେ ଥିବା ହରିଶଙ୍କର ଙ୍କର ପ୍ରତିମୂର୍ତ୍ତି ବିଷୟରେ ସୂଚନା ମିଳିଥିଲା। ଏହା ପରଠାରୁ ସେହି ସ୍ଥାନରେ ହରିଶଙ୍କର ଙ୍କର ପୂଜା ହୋଇଆସୁଛି। ପାହାଡ ର କାନ୍ଥରେ ନୃତ୍ୟ କରୁଥିବା ଏକ ଗଣେଶଙ୍କ ଛବି ମଧ ମିଳିଥିଲା, ଯାହାକି ୧୨ଶହ ଶତାବ୍ଦୀର ପ୍ରାରମ୍ଭର ବୋଲି ଅନୁମାନ କରାଯାଏ। ଏହା ପରେ ମହାରାଜ ବିଜଳ ଦେବ ଚୌହାନଙ୍କର ପତ୍ନୀ ଦୁର୍ଲଭା ଦେବୀଙ୍କ ନିର୍ଦ୍ଦେଶରେ ସେହି ସ୍ଥାନରେ ମନ୍ଦିରଟି ନିର୍ମାଣ ହୋଇଥିଲା। ଏହି ମନ୍ଦିରର ଆକର୍ଷଣୀୟ ରୂପରେଖ ଏବଂ ଉତ୍ତମ ନିର୍ମାଣ ଶୈଳୀ ପର୍ଯ୍ୟଟକ ମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ।

ଲୋକକଥା ଅନୁଯାୟୀ ଆଦିବାସୀ ଅଧ୍ୟୁଷିତ ଏହି ସ୍ଥାନରେ ଯମୁନା ନାମକ ଜଣେ କନ୍ଧ ମହିଳା ହରି-ଶଙ୍କରଙ୍କୁ ଦର୍ଶନ କରିଥିଲେ। ଏଠାରେ ପୂଜକମାନେ ହେଉଛନ୍ତି କନ୍ଧ-ଆଦିବାସୀ ସଂପ୍ରଦାୟର। ଆଦିବାସୀ ସଂସ୍କୃତି ଅନୁଯାୟୀ ଏଠାରେ ପୂଜାର୍ଚ୍ଚନା କରାଯାଏ। ବୈଶାଖ ମାସର ନୃସିଂହ ଚତୁର୍ଦ୍ଦଶୀ ହେଉଛି ହରି-ଶଙ୍କରଙ୍କର ମୁଖ୍ୟ ପର୍ବ। ସେହି ଦିନକ ପାଇଁ ସନ୍ଧ୍ୟା ଆଳତୀରେ ଗନ୍ଧମାର୍ଦ୍ଦନ ପାହାଡ଼ରୁ ସଂଗ୍ରହ କରାଯାଇଥିବା ପିଟକନ୍ଦା ଭୋଗ ଲାଗି ହୁଏ। ଅନ୍ୟାନ୍ୟ ଦିନ ମାନଙ୍କରେ ସ୍ଥାନୀୟ ଫଳ ଲାଗି ହୁଏ। ବିଶେଷକରି ଶ୍ରାବଣ ମାସରେ ଠାକୁରଙ୍କୁ ଜଳଲାଗି କରିବାକୁ ଏଠାରେ ହଜାର ହଜାର ଭକ୍ତ ମାନଙ୍କ ଭିଡ ଲାଗେ। କାହିଁ କେତେ ଦୂରରୁ ମାନସିକଧାରୀ ଭକ୍ତମାନେ ଏଠାକୁ ଜଳଭାର ଧରି ଆସିଥାନ୍ତି। ହରିଶଙ୍କର ପୀଠରେ ଥିବା ପାପନାଶିନୀ ଝରଣାର ଔଷଧୀୟ ଗୁଣ ଯୁକ୍ତ ଜଳରେ ସ୍ନାନ କଲେ ସାତ ଜନ୍ମର ପାପ ସହିତ ସକଳ ରୋଗବ୍ୟାଧି ନାଶ ହୁଏ ବୋଲି ଜନମାନସରେ ବିଶ୍ୱାସ ରହିଛି।

**ନୃସିଂହନାଥ :ଅଅଅଅଅ**

ବରଗଡ଼ ଜିଲ୍ଲାର ପାଇକମାଳର ଏହି ବିଷ୍ଣୁ ମନ୍ଦିରଟି ବୈଷ୍ଣବ ଧର୍ମାବଲମ୍ବୀ ମାନଙ୍କର ଅତି ପ୍ରିୟ। ସ୍ୱୟଂ ବିଷ୍ଣୁ ଏହି ସ୍ଥାନରେ ବିଶ୍ରାମ କରନ୍ତି ବୋଲି ସେମାନେ ବିଶ୍ୱାସ କରନ୍ତି। ଏଠାରେ ପାହାଡ ଖୋଲରୁ ବହୁଥିବା ଝରଣାଟି ବିଷ୍ଣୁଙ୍କ ପାଦରୁ ନିର୍ଗତ ଗଙ୍ଗା ବୋଲି କହନ୍ତି ସମସ୍ତେ। ଏଥିରେ ସ୍ନାନ କଲେ ସକଳ ଜନ୍ମ ର ପାପ କ୍ଷୟ ହୁଏ ଏବଂ ବିଷ୍ଣୁ କୃପା ମିଳେ ବୋଲି ବିଶ୍ୱାସ ରହିଛି। ଏହି ମନ୍ଦିରଟିକୁ ପାଟଣାଗଡ଼ର ରାଜା ବୈଜଳ ସଂହ ଦେବ ୧୩୧୩ ଶତାବ୍ଦୀରେ ନିର୍ମାଣ କରାଇଥିଲେ। ମନ୍ଦିର ଟି ମାତ୍ର ୪୫ ଫୁଟ୍ ଉଚ୍ଚ ଓ ଏହାର ଦୁଇଟି ଭାଗ ରହିଛି। ଆସ୍ଥାନ ରେ ନୃସିଂହନାଥଙ୍କ ବିଗ୍ରହ ପୂଜା ପାଉଥିବା ବେଳେ ଜଗମୋହନ ରେ ପାର୍ଶ୍ୱର। ପରବର୍ତ୍ତୀ ସମୟରେ ଏହି ମନ୍ଦିରର ଉନ୍ନତିକରଣ ହୋଇ ଅନେକ ପରିବର୍ତ୍ତନ କରା ଯାଇଛି ମାତ୍ର ମୂଳ ମୂର୍ତ୍ତିଟି ଅକ୍ଷୁର୍ଣ୍ଣ ରହିଛନ୍ତି। ଓଡିଶା ସରକାରଙ୍କ ପର୍ଯ୍ୟଟନ ମାନଚିତ୍ରରେ ଏହି ସ୍ଥାନର ସ୍ୱାତନ୍ତ୍ର୍ୟ ରହିଛି।

କିମ୍ବଦନ୍ତୀ ଅନୁଯାୟୀ ଏହି ପାର୍ବତ୍ୟ ଅଞ୍ଚଳରେ ଏକଦା ଗୋଟିଏ ଶକ୍ତିଶାଳୀ ଅସୁର ଉପଦ୍ରବ କରୁଥିଲା। ବିଷ୍ଣୁ ତାକୁ ମାରିବାକୁ ଉଦ୍ୟତ ହୁଅନ୍ତେ ସେ ମୂଷା ରୂପ ଧରି ଗୋଟିଏ ଗାତ ଭିତରେ ପଶିଯାଇଥିଲା। ବିଷ୍ଣୁ ସଙ୍ଗେ ସଙ୍ଗେ ବିଡ଼ାଳ ରୂପ ଧାରଣ କରି ତାକୁ ଖାଇବା ପାଇଁ ସେଠାରେ ବସି ରହିଲେ। ମୂଷିକ ଦୈତ୍ୟ କିନ୍ତୁ ସେ ଗାତରୁ ବାହାରିଲା ନାହିଁ। କୁହାଯାଏ ଯେ ସେହି ଦିନଠାରୁ ବିଷ୍ଣୁ ମୂଷିକ ଦୈତ୍ୟର ଆତଙ୍କରୁ ଲୋକମାନଙ୍କୁ ରକ୍ଷା କରିବା ସହ ମୂଷକ ଦୈତ୍ୟକୁ ସେଠାରେ ଜଗି ରହିଛନ୍ତି। ସେହି କିମ୍ବଦନ୍ତୀ ଏବେ ମନ୍ଦିର ସମ୍ମୁଖରେ ବଡ ମୂଷିକ ମୂର୍ତ୍ତି ଟିଏ ଗଢା ହୋଇଛି। ମନ୍ଦିର ହତା ଭିତରେ ମହାଭାରତ କାହାଣୀର କେତେକ ଅଧ୍ୟାୟ ଯଥା କୁରୁସଭା, ଦ୍ରୌପଦୀ ବସ୍ତ୍ର ହରଣ, ଅଭିମନ୍ୟୁ ବଧ ଏବଂ ଭୀଷ୍ମଙ୍କ ଶରଶଯ୍ୟା ଇତ୍ୟାଦିର ମୂର୍ତ୍ତି ଗଢା ହୋଇଛି। ପର୍ଯ୍ୟଟକ ମାନଙ୍କ ରହଣିର ସୁବିଧା ପାଇଁ ପାନ୍ଥନିବାସ, ଯାତ୍ରୀନିବାସ ସହିତ ସ୍ଥାନୀୟ ହୋଟେଲ୍ ଏବଂ ଉଠା ଚାହା ଜଳଖିଆ ଦୋକାନ ସବୁ ରହିଛି। ତା' ସହିତ ରହିଛି ଜଙ୍ଗଲଜାତ ଦ୍ରବ୍ୟମାନଙ୍କର ଅନେକ ଦୋକାନ। ସେଠାରୁ ପର୍ଯ୍ୟଟକ ମାନେ ଝୁଣା, ମହୁ, ରୁଦ୍ରାକ୍ଷଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ର ଆୟୁର୍ବେଦିକ ଜଡିବୁଟି ଅଳ୍ପ ଦରରେ କିଣି ପାରିବେନି। ଟିକିଏ ଆଗକୁ ଗଲେ ମନ୍ଦିର ର ସୁନ୍ଦର ମୁଖ୍ୟ ତୋରଣ। ତୋରଣ ଡେଇଁଲେ ଫୁଲ ଆଉ ଭୋଗ ଦୋକାନ। ସେଠାରେ ପଦ୍ମ ଫୁଲ ଏବଂ ତୁଳସୀ ଦଳ ଠାକୁରଙ୍କୁ ଲାଗି ହୁଏ। ଅଙ୍କାବଙ୍କା ହୋଇ ପାହାଡ ଉପରକୁ ସଂକୀର୍ଣ୍ଣ ପାହାଚ କେତୋଟି ଲମ୍ବିଛି ଯାହା ଉପରେ ଚଢି ଚଢି ପାହାଡର ଶୀର୍ଷ ଦେଶ ରେ ଥିବା ରାମ ମନ୍ଦିର ରେ ପହଞ୍ଚି ହେବ। ମଝିରେ ରହିଛି ପ୍ରଭୁ ନୃସିଂହନାଥ ଙ୍କର ବିଜେ ସ୍ଥଳୀ। ଛୋଟିଆ ଗୁମ୍ଫା ଆକୃତିର ମୁଖଶାଳା ଦେଇ ଭିତରେ ପଶିଲେ ଆସ୍ଥାନରେ ବିଜେ ହୋଇଛନ୍ତି ମହାପ୍ରଭୁ ନୃସିଂହନାଥଙ୍କର ପ୍ରତିମୂର୍ତ୍ତି। ତହିଁରେ ରୂପାର ମୁଖା ଲାଗିଛି। ଶ୍ରାବଣ ମାସରେ ଜଳଲାଗି କରିବାକୁ ଏଠାରେ ପ୍ରବଳ ଭିଡ ହୁଏ। ଦୂରଦୂରାନ୍ତରରୁ ଶହ ଶହ କାଉଡିଆ ଭକ୍ତ ଧାଡି ବାନ୍ଧି ଅପେକ୍ଷା କରି ରହିଥାନ୍ତି ଠାକୁରଙ୍କୁ ଜଳ ଲାଗି କରିବା ନିମନ୍ତେ। ଅନେକ ଭକ୍ତ ସେଠାରେ ଝରଣାରେ ସ୍ନାନ କରି ସେ ଏଠାରୁ ପାଣି ନେଇ ଯାଆନ୍ତି ନୃସିଂହନାଥଙ୍କୁ ଜଳାଭିଷେକ କରିବା ପାଇଁ। ବାଟ ସାରା ଜିଅନ୍ତା ସାପଙ୍କୁ ପେଡି ଭିତରେ ପୁରେଇ ବସିଥାନ୍ତି ଅନେକ ଗେରୁଆ ବସ୍ତ୍ରଧାରୀ ସ୍ଥାନୀୟ ଆଦିବାସୀ। ଭକ୍ତଗଣ ସେଠାରେ ପଇସା ପକାଇ ଆଶୀର୍ବାଦ ନେଇଥାନ୍ତି ସାକ୍ଷାତ ମହାଦେବଙ୍କୁ ଦର୍ଶନ କରି।



ଏହି ଦୁଇଟି ମନ୍ଦିର କୁ ଦୁଇ ପଟରୁ ଯାତାୟାତ କରିବା ପାଇଁ ସୁବିଧା ରହିଛି। ବରଗଡ ପଟରୁ ନୃସିଂହନାଥ ମନ୍ଦିର ଯିବାପାଇଁ ସଡକ ପଥରେ ବସ୍, ଟ୍ୟାକ୍ସି ଇତ୍ୟାଦିର ବ୍ୟବସ୍ଥା ଥିବା ବେଳେ ହରିଶଙ୍କର ପଟରେ ନିକଟବର୍ତ୍ତୀ ରେଳ ଷ୍ଟେସନ୍ ରହିଛି ଯାହାର ନାମ ହରିଶଙ୍କର ଷ୍ଟେସନ୍। ଯାତ୍ରୀଙ୍କ ପାଇଁ ରହଣୀ ର ମଧ ଉତ୍ତମ ବ୍ୟବସ୍ଥା ରହିଛି। ସେଥିପାଇଁ ବର୍ଷ ତମାମ୍ ଏଠାରେ ପର୍ଯ୍ୟଟକ ମାନଙ୍କ ଭିଡ ଲାଗି ରହିଥାଏ।


ଶାରଳା ଭବନ,
ପୋତାପୋଖରୀ,
ନୂଆବଜାର, କଟକ


# ହାଡ ମଜବୁତ କରିବା ସହ ଓଜନ କମାଏ ନାସପାତି, ଜାଣନ୍ତୁ ଏହାର ଅନ୍ୟ ଫାଇଦା



ମୌସୁମୀ ଫଳ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ନାସପାତି ମଧ ଏକ ଋତୁକାଳୀନ ଫଳ। ଏହାକୁ ପିୟର୍ସ ମଧ କୁହାଯାଏ। ନାସପାତି ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ। ଏଥିରେ ଭିଟାମିନ୍ ସି, ଭିଟାମିନ୍ ବି-କମ୍ପ୍ଲେକ୍ସ, କେ, ମିନେରାଲ୍ସ, ପୋଟାସିୟମ୍, ଫୋଲେଟ୍, ଫାଇବର, କପର, ମାଙ୍ଗାନିଜ୍ ଏବଂ ମ୍ୟାଗ୍ନେସିୟମ୍ ରହିଛି। ନାସପାତିରେ କ୍ୟାଲୋରୀ ପରିମାଣ ବହୁତ କମ୍, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏଥିରେ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ହଜମ ଶକ୍ତି ବଢ଼ାଇଥାଏ।

ନାସପାତିରେ ଆଉ କଣ କଣ ଲାଭ ଅଛି ଆସନ୍ତୁ ଜାଣିବା...

ପ୍ରତିରୋଧକ ଶକ୍ତି ବଢାଏ – ନାସପାତିରେ ଭିଟାମିନ୍ ସି ଏବଂ ଅନେକ ପୋଷକ ତତ୍ତ୍ୱ ଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ।

ହାଡ ମଜବୁତ କରେ – ନାସପାତି କ୍ୟାଲସିୟମର ଏକ ଉତ୍ତମ ଉତ୍ସ। ହାଡକୁ ଶକ୍ତିଶାଳୀ କରିବାରେ କ୍ୟାଲସିୟମ ସାହାଯ୍ୟ କରେ। ହାଡର ଦୁର୍ବଳତାକୁ ରୋକିବା ପାଇଁ ନାସପାତି ଖାଇବା ଉଚିତ୍।

ଆୟରନ – ନାସପାତିରେ ବହୁ ପରିମାଣରେ ଆଇରନ୍ ରହିଛି। ଯେଉଁମାନଙ୍କର ହେମୋଗ୍ଲୋବିନ ମାତ୍ରା କମ୍ ସେମାନେ ନାସପାତି ଖାଇବା ଉଚିତ୍। ଏହା ରକ୍ତହୀନତାର ଅଭାବ ପୂରଣ କରିବାରେ ସାହାଯ୍ୟ କରିଥାଏ।

ପାଚନ ତନ୍ତ୍ର – ନାସପାତି ଖାଇବା ଦ୍ୱାରା ହଜମ ପ୍ରକ୍ରିୟାରେ ଉନ୍ନତି ହୋଇଥାଏ। ଯେଉଁମାନଙ୍କର ପାଚନ ସମସ୍ୟା ରହିଛି ସେମାନେ ନାସପାତି ଖାଇବା ଉଚିତ। ଏହା ହିତକର ହୋଇଥାଏ।

ଥକାପଣ – ଥକ୍କାପଣ, ଶରୀରରେ ଦୁର୍ବଳତା ଅନୁଭବ କରୁଥିବା ବ୍ୟକ୍ତି ନାସପାତି ଖାଇବା ଉଚିତ୍। ନାସପାତିରୁ ମିଳୁଥିବା ପୁଷ୍ଟିକର ଶକ୍ତି ବୃଦ୍ଧିରେ ସହାୟକ ହୁଏ। ଏହା ଚର୍ମକୁ ସୁସ୍ଥ ରଖିବାରେ ମଧ ସାହାଯ୍ୟ କରିଥାଏ।

ଓଜନ ହ୍ରାସ – ନାସପାତି ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ନାସପାତିରେ ବହୁତ କମ୍ ମାତ୍ରାରେ କ୍ୟାଲୋରୀ ରହିଥାଏ। ସେଥିପାଇଁ ନିଜ ଆହାରରେ ନାସପାତି ନିଶ୍ଚୟ ସାମିଲ କରନ୍ତୁ।





# ପଦ୍ମପୁର ଉପନିର୍ବାଚନ : କମିଲା ମତଦାନ ସମୟ

ଭୁବନେଶ୍ୱର ,୧୫/୧୧ (ନି.ପ୍ର): ପଦ୍ମପୁର ଉପନିର୍ବାଚନ ପାଇଁ ମତଦାନ ଅବଧି ହ୍ରାସ କରାଯାଇଛି । ଆସନ୍ତା ୫ ତାରିଖରେ ସକାଳ ୭ ଟାରୁ ଅପରାହ୍ନ ୪ ଘଂଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବ । ଶୀତ ଦିନ ଏବଂ ମାଓବାଦୀ ଅଂଚଳ ହୋଇଥିବାରୁ ଭୋଟିଂ ସମୟ ହ୍ରାସ କରାଯାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ ସୂଚନା ଦେଇଛନ୍ତି । ପଦ୍ମପୁର ଉପନିର୍ବାଚନ ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଏହି ନିଷ୍ପତି ହୋଇଥିଲା । ପୂର୍ବରୁ ସକାଳ ୭ ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ କରାଯାଉଥିଲା । ତେବେ ଭାରତୀୟ ଜନତା ପାର୍ଟି ଭୋଟ ଦାନ କରିବା ପାଇଁ ଆଉ ଏକ ଘଂଟା ସମୟ ବଢ଼ାଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ସମୟ ଧାର୍ଯ୍ୟ କରିବା ପାଇଁ ଦାବି କରିଛି । ପଦ୍ମପୁର ଉପନିର୍ବାଚନ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଲୋହାନୀ କହିଥିଲେ ଏଥର ଉପନିର୍ବାଚନରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନେ ସର୍ବମୋଟ ୪୦ ଜଣ ତାରକା ପ୍ରଚାରକ ଏବଂ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ମାନେ ୨୦ ଜଣ ତାରକା ପ୍ରଚାରକଙ୍କୁ ଉପନିର୍ବାଚନ ପ୍ରଚାର କାର୍ଯ୍ୟରେ ନିୟୋଜିତ କରିପାରିବେ । ଏସବୁର ତାଲିକା ବିଜ୍ଞପ୍ତି ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡ଼ିବ । ଏଥର ଉପନିର୍ବାଚନରେ ଜଣେ ବିଧାୟକ ପ୍ରାର୍ଥୀ ସର୍ବାଧିକ ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିର୍ବାଚନୀ ଖର୍ଚ୍ଚ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାର ନିମନ୍ତେ କରୁଥିବା ଖର୍ଚ୍ଚର ହିସାବ ରଖିବା ନିମନ୍ତେ ଏକ ଅଲଗା ରେଜିଷ୍ଟରରେ ସମସ୍ତ ଖର୍ଚ୍ଚର ହିସାବ ରଖିବେ ଓ ଫଳାଫଳ ଘୋଷଣାର ୩୦ ଦିନ ମଧ୍ୟରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଏହାକୁ ଦାଖଲ କରିବେ । ଅପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀମାନେ ସେମାନଙ୍କ ସଂପର୍କରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଅତିକମ୍ ରେ ତିନିଥର ଖବରକାଗଜ ଓ ଟେଲିଭିଜନ୍ ମାଧ୍ୟମରେ ପ୍ରଚାରପ୍ରସାର କରାଇବେ । ସେହିପରି ସଂପୃକ୍ତ ରାଜନୈତିକ ଦଳମାନେ ମଧ୍ୟ ସେମାନଙ୍କ ପ୍ରାର୍ଥୀଙ୍କ ସଂପର୍କରେ ଦଳ ତରଫରୁ ଅତିକମ୍ ?ରେ ତିନିଥର ଖବରକାଗଜ ଓ ଟେଲିଭିଜନ ମାଧ୍ୟମରେ ପ୍ରାର୍ଥୀଙ୍କ ଅପରାଧିକ ପୃଷ୍ଠଭୂମି ସଂପର୍କରେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଚାରପ୍ରସାର କରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ବୈଠକରେ ପ୍ରକାଶ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ନାମାଙ୍କନ ପତ୍ର ପ୍ରତ୍ୟାହାରର ୪ ଦିନ ମଧ୍ୟରେ, ପ୍ରାର୍ଥୀପତ୍ର ପ୍ରତ୍ୟାହାରର ୫ମରୁ ୮ମ ଦିନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ଓ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ୯ମ ଦିନରୁ ପ୍ରଚାରର ଶେଷଦିନ ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟରେ ପ୍ରାର୍ଥୀମାନେ ସେମାନଙ୍କର ଅପରାଧିକ କାର୍ଯ୍ୟକଳାପ ସଂପର୍କରେ ପ୍ରଚାରପ୍ରସାର କରିବେ । ଶାନ୍ତିଶୃଙ୍ଖଳାର ସହ ଉପନିର୍ବାଚନ କାର୍ଯ୍ୟ ପରିଚାଳନା ଲାଗି ୫୦ ପ୍ରତିଶତ ବୁଥ୍ ରେ ୱେବ୍ କାଷ୍ଟିଙ୍ଗ୍ କରାଯିବା ସହ ଉତେଜନାପ୍ରବଣ ବୁଥ୍‌ମାନଙ୍କରେ ୩୫ ଜଣ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଉପନିର୍ବାଚନରେ ଆଇନଶୃଙ୍ଖଳା ରକ୍ଷା ନିମନ୍ତେ ଗୃହ ମନ୍ତ୍ରଣାଳୟ ଦ୍ୱାରା ୫ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳଙ୍କୁ ନିଯୁକ୍ତ କରାଯାଇଛି । ଏତଦ୍‌ବ୍ୟତୀତ ପର୍ଯ୍ୟାପ୍ତ ସଂଖ୍ୟକ ରାଜ୍ୟ ପୋଲିସ ବଳଙ୍କୁ ମଧ୍ୟ ନିୟୋଜିତ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି । ଭୋଟଗ୍ରହଣ ଦିନକୁ ସର୍ବୈତନିକ ଛୁଟି ଦିବସ ଭାବେ ଘୋଷଣା କରାଯାଇଛି ଓ ମତଦାନ ଦିବସ ଓ ମତଗଣନା ଦିବସକୁ 'ଡ୍ରାଏ ଡେ' ଭାବେ ଘୋଷଣା କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ପ୍ରକାଶ କରିଛନ୍ତି । ପଦମ୍‌ପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ୨୫୭୪୭୪ ଜଣ ଭୋଟର ଅଛନ୍ତି, ସେଥି ମଧ୍ୟରୁ ୧୨୯୪୯୭ ଜଣ ପୁରୁଷ ଓ ୧୨୭୯୬୫ ଜଣ ମହିଳା ଭୋଟର ଥିବାବେଳେ ୧୨ ଜଣ ତୃତୀୟଲିଙ୍ଗ ଭୋଟର ଅଛନ୍ତି । ସେହିପରି ସର୍ବମୋଟ ୨୨୩୩ ଜଣ ଦିବ୍ୟାଙ୍ଗ ଭୋଟର ଥିବାବେଳେ ୮୦ ବର୍ଷରୁ ଊର୍ଦ୍ଧ୍ୱ ୪୩୯୩ ଜଣ ଭୋଟର ଓ ୧୯୯ ଜଣ ସର୍ଭିସ ଭୋଟର ରହିଛନ୍ତି । ପଦମ୍‌ପୁର ନିର୍ବାଚନ ମଣ୍ଡଳୀରେ ୨୭୯ ଗୋଟି ବୁଥ୍ ରେ ଭୋଟଗ୍ରହଣ କରାଯିବ ଓ ବୁଥ୍ ରେ ସର୍ବାଧିକ ୧୫୦୦ ଜଣ ମତଦାତା ମତଦାନ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ବୈଠକରେ ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି ସର୍ବଦଳୀୟ ବୈଠକରେ ବହୁଜନ ସମାଜ ପାର୍ଟିର ସାଧାରଣ ସଂପାଦକ ମଧୁସୂଦନ ଯାଦବ, ଭାରତୀୟ ଜନତା ପାର୍ଟିର ରାଜ୍ୟ ସଂପାଦକ ରମାରଞ୍ଜନ ବଳିୟାରସିଂହ ଓ ଲିଗାଲ୍ ସେଲର ଜୟନ୍ତ କୁମାର ଜେନା, ବିଜୁ ଜନତା ଦଳର ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ବିଜୁ ଜନତା ଦଳର ସରିତା ମହାନ୍ତି, ରଞ୍ଜୁଲତା ରାୟ, ଆଶିଷ କୁମାର ପାଠକ, ଅଟଳ ମଲ୍ଲିକ ଓ ଭାରତୀୟ ଜତୀୟ କଂଗ୍ରେସର ଶିବାନନ୍ଦ ରାୟଙ୍କ ସହ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଉପସ୍ଥିତ ଥିଲେ ।

## କେନ୍ଦ୍ରାପଡାରେ ସଂଚୟ ପକ୍ଷ ପାଳିତ

କେନ୍ଦ୍ରାପଡ଼ା ,୧୫/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନର ସ୍ୱଳ୍ପ ସଂଚୟ ବିଭାଗ ପକ୍ଷରୁ ସଂଚୟ ପକ୍ଷ ପାଳନ ଅବସରରେ ଏକ ସାଧାରଣ ସଭା ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୋଜନା କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକମଣ୍ଡଳ ଅଧିକ୍ଷକ ଦେବରାଜ ସେଠୀ, ଏଲଡିଏମ ମଳୟ କୁମାର ମିତ୍ର, ବିଡିଏମ ନାର୍ବାଡ ଅଶୋକ କୁମାର ଆଚାର୍ଯ୍ୟ, ଡେପୁଟି କଲେକ୍ଟର ଆରତୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଜନ ସାଧାରଣଙ୍କ ନରେ ମିତବ୍ୟୟିତା ଓ ସଂଚୟ ପ୍ରଭୃତି ପ୍ରତି ସଚେତନତା ସୃଷ୍ଟିକରିବା ଏହି ପକ୍ଷ ପାଳନର ଉଦ୍ଦେଶ୍ୟ ବୋଲି ଅତିରିକ୍ତ ଜିଲ୍ଲପାଳ ଶ୍ରୀଯୁକ୍ତ ସାମଲ ମତବ୍ୟକ୍ତ କରିଥିଲେ । ବିଶେଷ କରି ଅର୍ଜିତ ଅର୍ଥକୁ ସୁରକ୍ଷିତ ରଖିବା ପାଇଁ ବ୍ୟାଙ୍କ, ପୋଷ୍ଟ ଅଫିସ ଓ ସରକାରୀ ପଞ୍ଜିକୃତ ସଂସ୍ଥା ପ୍ରଭୃତିରେ ସଂଚୟ କରିବା ଅତ୍ୟନ୍ତର ନିରାପଦ ବୋଲି ଆହ୍ୱାନ ଦିଆଯାଇଛି । ସ୍ୱଳ୍ପ ସଂଚୟ ଅଧିକାରୀ ଅମ୍ବରିଶ ସାମଲ କାର୍ଯ୍ୟକ୍ରମର ସୂଚନା, ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠରେ ଶିଶୁ ଦିବସ



ବାସୁଦେବପୁର, ୧୫/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିସ୍ମତ କୃଷ୍ଣପୁର ପଂଚାୟତ ର କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠ ରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଏହି ଦିବସରେ କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠ ର ପ୍ରଧାନ ଶିକ୍ଷକ ରାଜେଶ ବେହେରା ସଭାପତିତ୍ୱ କରିଥିଲେ । କୃଷ୍ଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅବିନାଶ ପ୍ରଧାନ ଓ ସି ଆର ସି ସି ଗଜେନ୍ଦ୍ର ପ୍ରସାଦ ବେହେରା ଅତିଥି ଭାବେ ଯୋଗଦେଇ ଶିଶୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଉଭୟ ବିଦ୍ୟାଳୟ ର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ମଧ୍ୟରେ କୁଇଜ, ଭାଷଣ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଯେଉଁ ମାନେ ସଫଳତା ଲାଭ କରିଛନ୍ତି ସେମାନଙ୍କୁ ଆସନ୍ତା ଜାନୁୟାରୀ ମାସ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଥିଲା । ବିଦ୍ୟାଳୟରେ ବିଭିନ୍ନ ପ୍ରକାର ମୁରୁଜ ଓ ରଙ୍ଗରେ ଚିତ୍ର କରାଯାଇଥିଲା । ବିଦ୍ୟାଳୟ ର ଫୁଲ ବଗିଚା ପରିସରରେ ବିଦ୍ୟାଦାତା ଶ୍ରୀଗଣେଶ ଙ୍କ ପ୍ରତିମୂର୍ତ୍ତି ବସିବା ପାଇଁ ନଡ଼ିଆ ଫଟାଇ ଓ ମାଟିକୁ ପ୍ରଣାମ କରି ଶୁଭ ଉଦଘାଟନ କରାଯାଇଥିଲା । ସମସ୍ତ ଛାତ୍ର ଛାତ୍ରୀଙ୍କୁ ବିସ୍କୁଟ ବଣ୍ଟନ କରାଯାଇଥିଲା । କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠ ର ସହକାରୀ ଶିକ୍ଷକ ରାକେଶ ନାୟକ, ପ୍ରଦୀପ୍ତ ମହାନ୍ତି, ମାନସୀ ନାୟକ, ବଳରାମ ବାରିକ, ପ୍ରତାପ ବାରିକ, ବିଜୟଲକ୍ଷ୍ମୀ ବେହେରା, ସୁନୀଲ ନାୟକ ପ୍ରମୁଖ ଏହି ଉତ୍ସବରେ ସହଯୋଗ କରିଥିଲେ ।

## ସରକାରୀ ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଜୟପୁର ,୧୫/୧୧ (ନି.ପ୍ର): ସରକାରୀ ମହିଳା ମହାବିଦ୍ୟାଳୟ, ଜୟପୁରର ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍ ଆନୁକୁଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି । ଯୁବ ରେଡକ୍ରସ୍ ର କାଉନସିଲର ଡ କନକଲତା ମହାପାତ୍ର ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ଼ ମନୋରଞ୍ଜନ ପ୍ରଧାନ ଓ ଶ୍ରୀମତୀ ସୀମା ମହାପାତ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଅକ୍ଷୟ ସାହୁ, ଟେକନିସିଏନ୍ ବୁଲୁ ଗୌଡ, ଶଶିଭୂଷଣ ସାହୁ ଓ କୁନ୍ତଳା ହରିଜନ,ପ୍ରତିଭା ପାତ୍ର ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ସାମାଜିକ କାର୍ଯ୍ୟକର୍ତା କାର୍ତ୍ତିକ ରାଉତ ଓ ପ୍ରମୋଦ ରାଉଳ ଶିବିରରେ ନିଜର ସେବା ପ୍ରଦାନ କରିଥିଲେ । ଶିବିରରେ ୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । କଲେଜର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନଙ୍କ ସହ ବିକ୍ରମ ଦେବ ସ୍ୱୟଂଚାଳିତ ମହାବିଦ୍ୟାଳୟର କେତେକ ଛାତ୍ରଛାତ୍ରୀ ଓ କିଛି ଯୁବ ସମାଜସେବୀ ରକ୍ତଦାନ କରିଥିଲେ । ଶିବିରକୁ କଲେଜର ଅଧ୍ୟକ୍ଷା ଡ ମନୋରମା ଦେବୀ ଉଦ୍ଘାଟନ କରିଥିବା ବେଳେ ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ ସହଯୋଗ କରିଥିଲେ ।

## ଅନ୍ତର୍ଜାତୀୟସ୍ତରୀୟ ମେଳାରେ ଓଡ଼ିଶା ପୁରସ୍କୃତ

ଭୁବନେଶ୍ୱର ,୧୫/୧୧ (ନି.ପ୍ର): ରାଜସ୍ଥାନର ଜୟପୁରସ୍ଥିତ ସୀତାପୁର ଶିଳ୍ପାଂଚଳରେ ରାଜସ୍ଥାନ ସରକାରଙ୍କ ଦ୍ୱାରା ଏକାଦଶ ଅନ୍ତର୍ଜାତୀୟ ଭାରତ ପ୍ରସ୍ତର ମେଳା-୨୦୨୨ ନଭେମ୍ବର ୧୦ରୁ ଆରମ୍ଭ ହୋଇ ୧୩ ତାରିଖରେ ଉଦ୍‌ଯାପିତ ହୋଇଯାଇଛି । ଏହି ମେଳାରେ ଓଡ଼ିଶାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ତରଫରୁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ଆଠଜଣ ବିଶିଷ୍ଟ ପ୍ରସ୍ତର ଶିଳ୍ପୀଙ୍କୁ ମନୋନୀତ କରାଯାଇ ସେମାନଙ୍କ ସାମଗ୍ରୀ ପ୍ରଦର୍ଶନ ପାଇଁ ପଠାଯାଇଥିଲା । ସରକାରଙ୍କ ତରଫରୁ ସେମାନଙ୍କର ଗସ୍ତ ଖର୍ଚ୍ଚ, ଦୈନିକ ଭତା ପ୍ରଦାନ ସହିତ ମାଗଣା ସାମଗ୍ରୀ ପରିବହନ ବ୍ୟବସ୍ଥା ଇତ୍ୟାଦି ସୁବିଧା କରାଯାଇଥିଲା । ଏହି ମେଳାରେ ମୋଟ ୪୨ ଲକ୍ଷ ଟଙ୍କାର ସାମଗ୍ରୀ ବିକ୍ରି ସହିତ ପ୍ରାୟ ୭୦ ଲକ୍ଷ ଟଙ୍କାର ବ୍ୟବସାୟିକ ଅନୁସନ୍ଧାନ ହୋଇଥିବା ଜଣାପଡ଼ିଛି । ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ରଙ୍କ ତତ୍ୱାବଧାନରେ ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି, ହସ୍ତଶିଳ୍ପ ବିକାଶ ଅଧିକାରୀ ଅଭିଷେକ ଚୌଧୁରୀ ସେଠାରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ଭୁବନେଶ୍ୱର ପକ୍ଷରୁ ଏଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅଭିନବ ପ୍ରଦର୍ଶନ ପାଇଁ ଓଡ଼ିଶା ଷ୍ଟଲକୁ ଦ୍ୱିତୀୟ ପୁରସ୍କାର ପ୍ରାପ୍ତ ହୋଇଛି । ଉଦ୍‌ଯାପନ ସମାରୋହରେ ରାଜସ୍ଥାନର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଶ୍ରୀମତୀ ଶକୁନ୍ତଳା ରାୱତଙ୍କଠାରୁ ଏହି ସମ୍ମାନ ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ମହାନ୍ତି ଗ୍ରହଣ କରିଛନ୍ତି ।

## ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ 'ଇ-ଅରୁଣିମା' ତାଲିମ ବ୍ୟବସ୍ଥା ଲୋକାର୍ପିତ

ଭୁବନେଶ୍ୱର ,୧୫/୧୧ (ନି.ପ୍ର): ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରଥମ କରି ଏକ ସଂପୂର୍ଣ୍ଣ ଆପ୍ ମାଧ୍ୟମରେ ତାଲିମ ବ୍ୟବସ୍ଥାକୁ ସୋମବାର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ୍ ଲୋକାର୍ପଣ କରିଛନ୍ତି ।

ଏହି ଅବସରରେ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ୍ କହିଲେ ଯେ, ମୋ ବିଭାଗର ନୂତନ କାର୍ଯ୍ୟକ୍ରମ କ୍ଷେତ୍ରରେ ଏହା ଏକ ମାଇଲଖୁଂଟ ସାବ୍ୟସ୍ତ ହେବ । କୋଭିଡ୍-୧୯ ସମୟରେ ବିଭିନ୍ନ ଦକ୍ଷତା ବିକାଶ ଶୈଳୀ ମଧ୍ୟରୁ ଡିଜିଟାଲ୍ ସାକ୍ଷରତାକୁ ପ୍ରାଧାନ୍ୟ ଦେଇଆସିଛୁ । ଏହି ଆପ୍ ମାଧ୍ୟମରେ ସମସ୍ତ ଅଙ୍ଗନବାଡ଼ି କର୍ମୀ, କାର୍ଯ୍ୟରତ ସୁପରଭାଇଜର ଓ ଶିଶୁ ବିକାଶ ଅଧିକାରୀମାନେ ଆଦ୍ୟଶୈଶବ ଯତ୍ନ ଓ ଅନନ୍ୟ ଶିକ୍ଷା କାର୍ଯ୍ୟକ୍ରମ 'ଇ-ଅରୁଣିମା' ସମ୍ବନ୍ଧରେ ଉପାଦେୟ ଶିକ୍ଷା ଓ ତାଲିମ ପାଇପାରିବେ ।

ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ କହିଲେ ଯେ ଶୈଶବ ଜୀବନର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ଆଦ୍ୟବର୍ଷଗୁଡ଼ିକରେ ଶିଶୁମାନଙ୍କ ଦ୍ରୁତ ବିକାଶ ଓ ବୃଦ୍ଧି ଘଟୁଥିବାରୁ ଏହି ବର୍ଷଗୁଡ଼ିକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଏହି ସମୟରେ ସେମାନଙ୍କ ଜୀବନର ମୂଳଦୁଆ ପଡ଼ିଥାଏ । ଯଦି ସେମାନଙ୍କ ପ୍ରାରମ୍ଭିକ ସୋପାନ ଦୃଢ଼ ହୋଇଥାଏ, ତେବେ ବିକାଶର ପରବର୍ତୀ ସୋପାନରେ ଉନ୍ନତି ଘଟିଥାଏ । ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଶିଶୁମାନଙ୍କୁ ଗୁଣାତ୍ମକ ମୂଳଦୁଆ ପ୍ରଦାନ କରାଗଲେ ତାହା ପରବର୍ତୀ ସମୟରେ ସର୍ବାଧିକ ସୁଫଳ ଦେଇଥାଏ ।

ଶିଶୁର ବିକାଶ ଓ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପ୍ରଶିକ୍ଷଣକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର 'ଇ-ଅରୁଣିମା' ଆରମ୍ଭ କରିଛନ୍ତି । ପ୍ରତ୍ୟେକ ଶିଶୁ ଅନନ୍ୟ ଓ ସ୍ୱତନ୍ତ୍ର ଏବଂ ତାଙ୍କର ଶିକ୍ଷା ଗ୍ରହଣ କରିବାର ଶକ୍ତି ଓ ଶୈଳୀ ଭିନ୍ନ । ତେଣୁ ଶିଶୁର ମନସ୍ତତ୍ୱର ନମନୀୟତାକୁ ବୁଝି ସହଜ, ସରଳ ଓ ଆନନ୍ଦଦାୟକ ଶିକ୍ଷା ମାତୃଭାଷାରେ ପ୍ରଦାନ କଲେ ଏହା ପ୍ରତ୍ୟେକ ଶିଶୁଙ୍କ ଶିକ୍ଷାଦାନ କ୍ଷେତ୍ରରେ ଅନୁକୂଳ ପରିବେଶ ସୃଷ୍ଟି କରିବ । 'ଇ-ଅରୁଣିମା' ମାଧ୍ୟମରେ ପ୍ରଶିକ୍ଷଣକୁ ସଫଳତାର ସହିତ ଶେଷ କରି ଶିଶୁମାନଙ୍କ ପାଇଁ ନିଆଯାଉଥିବା କାର୍ଯ୍ୟକ୍ରମକୁ ସମସ୍ତ ଅଙ୍ଗନବାଡ଼ି କର୍ମୀ, କାର୍ଯ୍ୟରତ ସୁପରଭାଇଜର ଓ ଶିଶୁ ବିକାଶ ଅଧିକାରୀମାନେ ରାଜ୍ୟରେ ଆହୁରି ସୁଦୃଢ଼ ଓ ବଳିଷ୍ଠ କରିବେ ବୋଲି ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ କାମନା କରିଥିଲେ ।

ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ୟୁନିସେଫ, ଦିଲ୍ଲୀର ପ୍ରତିନିଧି ସୁନିଶା ଆହୁଜା, ୟୁନିସେଫ୍ ରାଜ୍ୟ କାର୍ଯ୍ୟାଳୟର ଅଧିକାରୀ ସୁଗତ ରାୟ, ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ଇସିସିଇର ପରାମର୍ଶଦାତା ଓ ବିଭାଗୀୟ ଉଚ୍ଚ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଶିଶୁ ବିହାରରେ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ବାସୁଦେବପୁର ,୧୫/୧୧ (ନି.ପ୍ର): ବାସୁଦେବପୁର ଶିଶୁ ବିହାରରେ ଶିଶୁ ଦିବସ ଅବସରରେ ପ୍ରତିଭା ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ମହାରଣା ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ବିଶିଷ୍ଟ ସାହିତ୍ୟିକା ଡକ୍ଟର ରାଧାରାଣୀ ମହାପାତ୍ର । ଡକ୍ଟର ମହାପାତ୍ର ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହୋଇ ଦେଶ ସେବା କରିବା ପାଇଁ ପରାମର୍ଶ ଦେଇଥିଲେ । ବାସୁଦେବପୁର ପୌରପାଳିକା ର ଉପାଧ୍ୟକ୍ଷ ଉତ୍ତମ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲା ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ବିଦ୍ୟାଳୟର ଗୁରୁଜୀ ଭରତ ନାୟକ, ରାମଚନ୍ଦ୍ର ନାୟକ ଓ ସମସ୍ତ ଗୁରୁମା ଗୁରୁଜୀ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ ।



## ଦ୍ୱାଦଶ ଦିନରେ କଂଗ୍ରେସର ଭାରତ ଯୋଡ଼ ଯାତ୍ରା

ଭୁବନେଶ୍ୱର ,୧୫/୧୧ (ନି.ପ୍ର): ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ସକାଳେ ଯଶିପୁର ଠାରୁ "ଭାରତ ଯୋଡ଼ – ଓଡ଼ିଶା"ର ଦ୍ୱାଦଶ ଦିନର ଯାତ୍ରା ଆରମ୍ଭ ହୋଇଛି । ଏହି ଯାତ୍ରାକୁ ମୟୁରଭଞ୍ଜ ଜିଲ୍ଲା ସଭାପତି ହେମନ୍ତ ଦାସ ପରିଚାଳନା କରିଥିଲେ । ଭାରତ ଯୋଡ଼ ଯାତ୍ରୀମାନେ ଯଶିପୁର ବଜାର ପରିକ୍ରମା କରିବା ପରେ ମଧ୍ୟାହ୍ନରେ ତଟୋଠାରେ ପଂହଚିଥିଲେ । ତଟୋଠାରେ ମଧ୍ୟାହ୍ନ ବିରତିପରେ ସାରା କରଞ୍ଜିଆ ସହରକୁ ଯାତ୍ରୀମାନେ ପରିକ୍ରମା କରିଥିଲେ । ଏହି ପରିକ୍ରମା ସମୟରେ ମହିଳା ସଂଗଠନ, ବ୍ୟବସାୟୀ, ବେକାର ଯୁବକ ଯୁବତୀ, ଛାତ୍ରଛାତ୍ରୀ, ମାର୍କେଟ କମିଟି ଏବଂ ସାଧାରଣ ଜନତା ରାସ୍ତାକୁ ଆସି ଶ୍ରୀ ପଟ୍ଟନାୟକଙ୍କୁ ସ୍ୱାଗତ କରିବା ସହ ଏଠିକାର ସମସ୍ୟା ସଂପର୍କରେ ଅବଗତ କରାଇଥିଲେ । ଆସନ୍ତା କାଲି ସକାଳୁ ଭାରତଯୋଡ଼ ଯାତ୍ରୀମାନେ କେନ୍ଦୁଝର ସହର ପରିକ୍ରମା କରିବେ ।

ଶ୍ରୀ ପଟ୍ଟନାୟକ ଗଣମାଧ୍ୟମକୁ ସମ୍ବୋର୍ଦ୍ଧିତ କରି କହିଥିଲେ ଯେ ମୁଖ୍ୟମନ୍ତ୍ରୀ ପୁଞ୍ଜି ଯୋଗାଡ଼ ପାଇଁ ବିଭିନ୍ନ ରାଜ୍ୟ ଏବଂ ବିଭିନ୍ନ ଦେଶକୁ ଯାଉଛନ୍ତି କିନ୍ତୁ ଯେତେସବୁ ପୁଞ୍ଜି ବିନିଯୋଗ ପାଇଁ ଦ୍ୱିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି ତାହା କାର୍ଯ୍ୟକ୍ଷମ କାହିଁକି ହେଉନାହିଁ । ମୟୁରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ଉଭୟ ଆଦିବାସୀ ବହୁଳ ଜିଲ୍ଲା । ରକ୍ତହିନତା, ଅପପୃଷ୍ଟି, ଶିଶୁମୃତ୍ୟୁ ହାର, ମାତୃ ମୃତ୍ୟୁହାର ଏ ଜିଲ୍ଲାମାନଙ୍କରେ ବହୁ ମାତ୍ରାରେ ଅଧିକ । ରାଜ୍ୟ ରାଜକୋଷକୁ ଉଭୟ ଜିଲ୍ଲା ହଜାର ହଜାର କୋଟି ଟଙ୍କା ରାଜସ୍ୱ ଦେଉଛନ୍ତି । କିନ୍ତୁ ପ୍ରତିବଦଳରେ ଏ ଜିଲ୍ଲାର ଜନସାଧାରଣଙ୍କ ପାଇଁ ୨୨ ବର୍ଷରେ ଏକ ସରକାର ଏବଂ କେନ୍ଦ୍ରରେ ୮ ବର୍ଷର ମୋଦି ସରକାର ତିଳେମାତ୍ର ଦୃଷ୍ଟି ଦେଉନାହାନ୍ତି । ଏ ଅଂଚଳରେ ଯେତେସବୁ ଶିଳ୍ପ ଗଢ଼ିଉଠିଥିଲା କଂଗ୍ରେସ ସରକାର ସମୟରେ ଆଜି ସବୁତକ ବନ୍ଦ ହୋଇଯାଇଛି ।

ସ୍ୱର୍ଣ୍ଣଗର୍ଭା ମୟୁରଭଞ୍ଜ ଏବଂ କେନ୍ଦୁଝର ଆଜି ଶ୍ରୀହୀନ । ଲକ୍ଷ ଲକ୍ଷ ଆଦିବାସୀମାନେ ପ୍ରତିଦିନ ପ୍ରଦୁଷଣରେ ଘାଂଟି ହେଉଛନ୍ତି । କିନ୍ତୁ ସେମାନଙ୍କ ପାଇଁ ସ୍ୱଚ୍ଛ ପିଇବାପାଣି ମୁଣ୍ଡକୁ ଛାତଟିଏ ଆଜିପର୍ଯ୍ୟନ୍ତ ଯୋଗାଡ଼ ହୋଇପାରିଲା ନାହିଁ । ଏହାକଣ ନବୀନ ବାବୁ ଏବଂ ନରେନ୍ଦ୍ର ମୋଦିଙ୍କର ଏ ଉଭୟ ଜିଲ୍ଲାକୁ ଭଲପାଇବାର ନିଦର୍ଶନକି ବୋଲି ପ୍ରଶ୍ନ ପଚାରିଛନ୍ତି । ଏ ଅଂଚଳର ଜଙ୍ଗଲଜାତ ଦ୍ରବ୍ୟକୁ ନେଇ ବହୁକିଛି କୁଟୀରଶିଳ୍ପ ଓ ଛୋଟ ଶିଳ୍ପ କରାଯାଇ ପାରିଥାନ୍ତା । କିନ୍ତୁ ନବୀନ ସରକାରର ଦୂରଦୃଷ୍ଟି ଅଭାବଯୋଗୁ କେବଳ ଲୋହ ଶିଳ୍ପ ଛଡ଼ା ଏ ରାଜ୍ୟକୁ ଅନ୍ୟକିଛି ଶିଳ୍ପ ହୋଇପାରିଲା ନାହିଁ । ପର୍ଯ୍ୟଟନ କ୍ଷେତ୍ରରେ ଅପାର ସମ୍ଭାବନା ଥାଇ ମଧ୍ୟ ସରକାରୀ ଉଦାସୀନତ ଯୋଗୁଁ ଆଜି ପର୍ଯ୍ୟଟକମାନେ ଏ ଜିଲ୍ଲାକୁ ବହୁଳ ପରିମାଣରେ ଆସୁନାହାନ୍ତି । ଫଳରେ ନିଯୁକ୍ତି ଏବଂ ଆତ୍ମନିଯୁକ୍ତି ଉଭୟ ଏ ଅଂଚଳରେ ଯୁବକ ଯୁବତୀମାନେ ହାତଛଡ଼ା କରୁଛନ୍ତି । ଆଦିବାସୀ ବହୁଳ ଜିଲ୍ଲାର କୃଷକମାନଙ୍କ ଅବସ୍ଥା ଅତ୍ୟନ୍ତ ହୃଦୟ ବିଦାରକ । କଂଗ୍ରେସ ସରକାରକୁ ଫେରିଲେ ଆଦିବାସୀ ବହୁଳ ଜିଲ୍ଲାମାନଙ୍କର ସମସ୍ୟାକୁ ଆଗ୍ରାଧିକାର ଭିତରେ ସମାଧାନ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

## ସମୟ, ଅନୁଭବ ଓ ଆତ୍ମସମୀକ୍ଷା ହିଁ ସ୍ରଷ୍ଟାର ମୂଳ ଉତ୍ସ ହେଉ

ଘଟଗାଁ ,୧୫/୧୧ (ନି.ପ୍ର): ମାନବ ସମାଜକୁ ଏକ ନୂତନ ଦିଗଦର୍ଶନ ଦେବାକୁ ହେଲେ ସମୟକୁ ଉପଲବ୍ଧି କରି ଗୁରୁତ୍ୱ ଦେବା, ସମ୍ପ୍ରତି ସମାଜର ଦୃଶ୍ୟପଟ୍ଟକୁ ଅନୁଭବ କରିବା ସହିତ ଆତ୍ମସମୀକ୍ଷା କରିବା ନିତ୍ୟାନ୍ତ ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଗତକାଲି ସଂଯୋଗୀ ସାହିତ୍ୟ ସଂସଦ କୁଣ୍ଡାପିଠା, କେନ୍ଦୁଝର ତରଫରୁ ରାଧାକୃଷ୍ଣ ବିଦ୍ୟାପୀଠ କୁଣ୍ଡାପିଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଯୁବ ସମାବେଶରେ ସଭାପତି ଉପେନ୍ଦ୍ର ଦାଶଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ କଟରାବେଡା ସୀତା ଠାକୁରାଣୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ କୁମାର ନନ୍ଦ, ମୁଖ୍ୟ ବକ୍ତା ଭାବେ ଘଟଗାଁ ବନ୍ୟାଞ୍ଚଳ ବିଭାଗର କର୍ମଚାରୀ ତଥା ଯୁବ କବି ଦିପକ କୁମାର ସ୍ୱାଇଁ, ବିଶେଷ ଅତିଥି ଭାବେ ବରିଷ୍ଠ ସାହିତ୍ୟିକା ଡ଼ କଳ୍ପନା ମହାନ୍ତି ,ସମ୍ମାନିତ ଅତିଥି ଭାବେ ଭଦ୍ରକରୁ ବିଶିଷ୍ଟ ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ,ବରଗଡ ଜିଲ୍ଲାରୁ ମହେନ୍ଦ୍ର ସେଠ, ଭଣ୍ଡା ରୁ ସମାଜସେବୀ ଡମ୍ବରୁଧର ମହାନ୍ତ, କଳାହାଣ୍ଡି ଜିଲ୍ଲାରୁ ଯୁବ କବି ତପନ କୁମାର ଦାଶ, ଯାଜପୁର ଜିଲ୍ଲାର ମଧୁସୂଦନ ମହାପାତ୍ର, ଢେଙ୍କିକୋଟ ରୁ ଯୁବ ସାମ୍ବାଦିକ, କବି ତଥା ସମାଜସେବୀ ସଞ୍ଜୟ କୁମାର ସା ?ହୁ ଆଦି ପ୍ରମୁଖ ଅତିଥିମାନେ ଯୋଗ ଦେଇ ଏହି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ମା ତାରିଣୀଙ୍କ ଫଟୋ ଚିତ୍ରରେ ଧୂପ ଦୀପ ପ୍ରଜ୍ଜ୍ୱଳନ କରି ଅତିଥି ମାନଙ୍କ ଦ୍ୱାରା ଯୁବ ସମାବେଶ କୁ ଉଦଘାଟିତ କରିଥିଲେ ।ପରେ ପରେ ବରଗଡ଼ ଜିଲ୍ଲାର ଯୁବକବି ଅଲେଖ ମେହେର ନିଜସ୍ୱ ରଚିତ ସଂଯୋଗୀ ସଜଫୁଲ ର ଗୀତିକା ଗାନ, ରାଧାକୃଷ୍ଣ ବିଦ୍ୟାପୀଠ କୁଣ୍ଡାପିଠାର ଛାତ୍ରୀ ଝରଣା ମହାନ୍ତ,ମାନସୀ ମହାନ୍ତ, ପ୍ରୀତି ନାଏକ,ରିତାରାଣୀ ନାଏକ ଓ ଗୌରୀ ନାଏକ ଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ, ସଂପାଦକ ବାବୁଲାଲ ପଲେଇ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ସଂଯୋଗୀ ସଜଫୁଲ କୁ ଲୋକାର୍ପଣ କରାଯିବା ସହିତ ବିଭିନ୍ନ ସମୟରେ ଅନୁଷ୍ଠିତ ହୋଇଥିବା ପ୍ରତିଭା ଅନ୍ୱେଷଣ, ଏକପଦୀ କବିତା ପ୍ରତିଯୋଗିତା ର ବିଜେତା ପୁରୀ ଜିଲ୍ଲାର ନିବେଦିତା ମହାପାତ୍ର, କେନ୍ଦ୍ରାପଡ଼ା ରୁ ପ୍ରିତିରଞ୍ଜନ ନାୟକ, ଅନୁଗୋଳ ରୁ ସୁବ୍ରତ କୁମାର ପ୍ରଧାନ, ବରଗଡ଼ ରୁ ମହେନ୍ଦ୍ର ସେଠ,ପିଙ୍କୁ ରଣବିଡା,ଶିବ ପ୍ରସାଦ ହାତୀ, ପ୍ରହଲ୍ଲାଦ ମେହେର, ବାଲେଶ୍ୱର ରୁ ମାନସ କୁମାର ପାତ୍ର, ସୁନ୍ଦରଗଡ଼ ରୁ ଘନଶ୍ୟାମ ପଲେଇ କେନ୍ଦୁଝର ରୁ ଶରତ ଚନ୍ଦ୍ର ମହାନ୍ତ ଓ ନେତ୍ରାନନ୍ଦ ମହାରଣା ଙ୍କୁ ଅତିଥି ମାନଙ୍କ ଦ୍ୱାରା ଉପଢୌକନ ସହ ମାନପତ୍ର ପ୍ରଦାନ କରି ସଂବର୍ଦ୍ଧିତ କରାଯାଇଥିଲା । ଆନୁଷ୍ଠାନିକ ଭାବେ ସଂଯୋଗୀ ଗୌରବ ସମ୍ମାନ କଟକ ରୁ ସରୋଜ କୁମାର ସେନାପତି, ସଂଯୋଗୀ ସୌରଭ ସମ୍ମାନ ଯାଜପୁର ଜିଲ୍ଲାର ଅଙ୍କିତ କୁମାର ସ୍ୱାଇଁ, ସଂଯୋଗୀ ସୃଜନୀ ସମ୍ମାନ ଡମ୍ବରୁଧର ଦାଶ, ସଂଯୋଗୀ ସଜଫୁଲ ପ୍ରତିଭା ସମ୍ମାନ କେନ୍ଦ୍ରାପଡ଼ା ର ଚାରୁଲତା ଭୂୟାଁ, ପଞ୍ଚାନନ ପଲେଇ ସ୍ମୃତି ସମ୍ମାନ ପାଇଁ ସାମ୍ବାଦିକ ତ୍ରିନାଥ ମହାନ୍ତ, ଅପର୍ତ୍ତି ପଲେଇ ସ୍ମୃତି ସମ୍ମାନ ଢେଙ୍କାନାଳ ଜିଲ୍ଲାର ନିରଞ୍ଜନ ସାହୁ, ଜଗନ୍ନାଥ ଦାଶ ସ୍ମୃତି ସମ୍ମାନ ଯାଜପୁର ଜିଲ୍ଲାର ଗୋକୁଳ ବିହାରୀ ପୃଷ୍ଟି ,ରମେଶ ଚନ୍ଦ୍ର ଚକ୍ରବର୍ତ୍ତୀ ସ୍ମୃତି ସମ୍ମାନ ଦିପକ କୁମାର ସ୍ୱାଇଁ, ଭୀମସେନ ରାଉତ ସ୍ମୃତି ସମ୍ମାନ ଭଦ୍ରକ ଜିଲ୍ଲାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ,ମା ତାରିଣୀ ସମ୍ମାନ ବଲାଙ୍ଗୀର ଜିଲ୍ଲାର ଯୁବକବି ହୃର୍ଷିକେଶ ଦାଶ, ବିପିନ୍ ବିହାରୀ ଦାଶ ସ୍ମୃତି ସମ୍ମାନ ପାଇଁ ଭଣ୍ଡାର ଡମ୍ବରୁଧର ମହାନ୍ତ, ଏବଂ ଅନୁଷ୍ଠାନ ର ଶ୍ରେଷ୍ଠ ସମ୍ମାନ ସଂଯୋଗୀ ସାହିତ୍ୟ ସମ୍ମାନ ପାଇଁ କେନ୍ଦୁଝର ଜିଲ୍ଲାର ବରିଷ୍ଠ କବି ମଙ୍ଗୁଳି ଚରଣ ପୃଷ୍ଟି ଙ୍କୁ ଅତିଥି ମାନଙ୍କ ଦ୍ୱାରା ଉପଢୌକନ ସହ ମାନପତ୍ର ପ୍ରଦାନ କରାଯିବା ସହ ସମ୍ମାନିତ କରାଯାଇଥିଲା ।କବୀ ସନ୍ତୋଷିନୀ ଗିରି ଙ୍କ ସଂଯୋଜନାରେ ଯୁବଶକ୍ତି ବିଷୟ ଉପରେ ବହୁ କବି ଓ କବୀ କବିତା ପାଠ କରିଥିଲେ ।ସଭାଟିକୁ କେନ୍ଦୁଝର ଜିଲ୍ଲାର ବରିଷ୍ଠ କବି ଚିନ୍ତାମଣି ମହାଳିକ ପରିଚାଳନା କରିବା ସହିତ ତାଙ୍କୁ ସହଯୋଗ କରିଥିଲେ ବଲାଙ୍ଗୀର ଜିଲ୍ଲାର ଯୁବକବି, ନାଟ୍ୟକାର ହୃଷୀକେଶ ଦାଶ । ଅନୁଷ୍ଠାନ ର ବରିଷ୍ଠ କବି ସନ୍ତୋଷ କୁମାର ପତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଘଟଗାଁ ବସଷ୍ଟାଣ୍ଡ ରେ ଅତିଥି ମାନଙ୍କୁ ଅନୁଷ୍ଠାନ ତରଫରୁ ସ୍ୱାଗତ ଜଣାଇଥିଲେ ଅଧ୍ୟାପକ ସରୋଜ କୁମାର ସେନାପତି ।

## ଲୋକସ୍ୱରର ବାର୍ଷିକ ଉତ୍ସବ

ଭୁବନେଶ୍ୱର ,୧୫/୧୧ (ନି.ପ୍ର): ସାମାଜିକ ଓ ସାଂସ୍କୃତିକ ସଂଗଠନ 'ଲୋକସ୍ୱର'ର ଏକାଦଶ ବାର୍ଷିକ ଉତ୍ସବ ବରିଷ୍ଠ ଅଧିବକ୍ତା ଅଜିତ ଦାସଙ୍କ ସଭାପତିତ୍ୱରେ ସ୍ଥାନୀୟ ଲୋହିଆ ଏକାଡେ଼ମୀଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସାମ୍ପ୍ରତିକ ସ୍ଥିତିରେ ମହାତ୍ମା ଗାନ୍ଧୀ ଓ ଡଃ ରାମ ମନୋହର ଲୋହିଆଙ୍କ ବିଚାରଧାରାର ପ୍ରାସଙ୍ଗିକତା ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜସେବୀ ପ୍ରଫୁଲ୍ଲ ସମାନ୍ତରାୟ ଗାନ୍ଧୀ ବିଚାର ଓ ଡଃ ଲୋହିଆଙ୍କ ସମାଜବାଦୀ ଚିନ୍ତାଧାରା ପରସ୍ପର ପରିପୂରକ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପରସ୍ପର ପରିପୂରକ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଫେସର ବୀରେନ୍ଦ୍ର ନାୟକ ବିଚାରଧାରାର ପାର୍ଥକ୍ୟ ସତ୍ତ୍ୱେ ଗାନ୍ଧିଜୀ ଓ ଡଃ ଲୋହିଆଙ୍କ ଆବେଗପୂର୍ଣ୍ଣ ବ୍ୟକ୍ତିଗତ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# ଆଧ୍ୟାତ୍ମିକ କବିତା ସଂକଳନ ପୁସ୍ତକ 'ଲଭ ରିପଲ୍ସ' ପ୍ରଥମ କପି ଗ୍ରହଣ କଲେ ରାଷ୍ଟ୍ରପତି



ଭୁବନେଶ୍ୱର,୧୫/୧୧ (ନି.ପ୍ର): ଶ୍ରୀରାଧାକୃଷ୍ଣଙ୍କ ଦିବ୍ୟ ପ୍ରେମ ଉପରେ ଆଧାରିତ ଇଂରାଜୀ କବିତା ସଂକଳନ ପୁସ୍ତକ 'ଲଭ୍ ରିପଲ୍ସ' ପ୍ରଥମ କପିକୁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଗ୍ରହଣ କରିଛନ୍ତି । ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ସମୟରେ ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ରାଜଭବନ ପରିସରରେ ଏହି ପୁସ୍ତକକୁ ଗ୍ରହଣ କରିବା ସହିତ କବିଙ୍କୁ ଅଭିନନ୍ଦନ ଜଣାଇଥିଲେ। 'ଲଭ ରିପଲ୍ସ' ପୁସ୍ତକର ମୂଳ ଲେଖକ ହେଉଛନ୍ତି ଆଧ୍ୟାତ୍ମବାଦୀ ଲେଖକ ତଥା କବି ଡକ୍ଟର ପ୍ରଦୀପ କୁମାର ଚୌଧୁରୀ । ସେ 'ପ୍ରେମ ତରଙ୍ଗ' ନାମରେ ଏହି କବିତା ପୁସ୍ତକକୁ ଓଡ଼ିଆରେ ରଚନା କରିଥିଲେ । ଡକ୍ଟର ନିଶାମଣି କର ଏହି କବିତା ପୁସ୍ତକକୁ ଇଂରାଜୀ ଭାଷାରେ ଅନୁବାଦ କରିଛନ୍ତି । ମୂଳ ପୁସ୍ତକ ୨୦୧୮ ମସିହାରେ ପ୍ରକାଶିତ ହୋଇଥିଲା। ୨୦୧୯ରେ ଏହାର ହିନ୍ଦୀ ସଂସ୍କରଣ ପ୍ରକାଶ ପାଇଥିଲା। ଚଳିତ ବର୍ଷ ଏଥେନା ବୁକ୍ସ ଦ୍ୱାରା ଇଂରାଜୀ ସଂସ୍କରଣ ପ୍ରକାଶ ପାଇଛି । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ପୁସ୍ତକର ସଂକ୍ଷିପ୍ତ ସମୀକ୍ଷା କରିଛନ୍ତି ଯାହାକି ପୁସ୍ତକ ସହିତ ପ୍ରକାଶ ପାଇଛି । ଏହି କବିତା ସଂକଳନର ସ୍ୱାତନ୍ତ୍ର୍ୟ ହେଉଛି ଏଥିରେ ଶ୍ରୀରାଧାକୃଷ୍ଣଙ୍କ ଦିବ୍ୟ ପ୍ରେମ ଉପରେ ଆଧାରିତ ୫୧ଟି କବିତା ସ୍ଥାନିତ ହୋଇଛି । ରାଷ୍ଟ୍ରପତିଙ୍କୁ ପୁସ୍ତକର ପ୍ରଥମ କପି ପ୍ରଦାନ କରାଯିବା ଅବସରରେ ଲେଖକ ଡକ୍ଟର ପ୍ରଦୀପ ଚୌଧୁରୀ, ତାଙ୍କର ସହଧର୍ମିଣୀ ଶ୍ରୀମତୀ ଶର୍ମିଷ୍ଠା ଚୌଧୁରୀ, ପୁସ୍ତକର ଅନୁବାଦକ ଡକ୍ଟର ନିଶାମଣି କର ପ୍ରମୁଖ ଉପସ୍ଥିତ ଥିଲେ। 'ଲଭ ରିପଲ୍ସ' କବିତା ସଂକଳନ ପୁସ୍ତିକାରେ ପ୍ରେମ ମାଧ୍ୟମରେ ଭଗବତପ୍ରାପ୍ତିର ଆନନ୍ଦ ବର୍ଣ୍ଣନା କରାଯାଇଛି । ଶରୀରରୁ ମନ, ମନରୁ ହୃଦୟ ଏବଂ ହୃଦୟରୁ ଆତ୍ମାରେ ପ୍ରକଟ ହେଉଥିବା ଦିବ୍ୟ ଚେତନାର ଅନୁଭବ ଏଥିରେ ପ୍ରକଟିତ ହୋଇଛି । ଶାରୀରିକ ଇଚ୍ଛାକୁ ଶୁଦ୍ଧ କରିବା ଏବଂ ମନ ଓ ଆତ୍ମାର ଅଶୁଦ୍ଧତାକୁ ଦୂର କରିବା, ଅନ୍ତରର ଆଲୋକକୁ ଜଳାଇବା ସହିତ ପରମାନନ୍ଦ ପ୍ରାପ୍ତିର ଭାବନା ଏଥିରେ ଥିବା ଆଧ୍ୟାତ୍ମିକ କବିତାଗୁଡ଼ିକରେ ପ୍ରତିଫଳିତ ହୋଇଛି । ଆଧ୍ୟାତ୍ମିକ ସାହିତ୍ୟ କ୍ଷେତ୍ରରେ ପୁସ୍ତକଟି ବିଶେଷ ଆଦୃତି ଲାଭ କରିବ ବୋଲି ଆଶା କରାଯାଉଛି ।

## ୧୪୭ତମ ବିର୍ସାମୁଣ୍ଡା ଜୟନ୍ତି ପାଳିତ

ନୀଳଗିରି,୧୫/୧୧ (ନି.ପ୍ର): ନୀଳଗିରି ଆଦିବାସୀ ବିକାଶ ମହାସଂଘ ପକ୍ଷରୁ ସଜନାଗଡ଼ ନୂଆସାହି ଖେଳ ପଡ଼ିଆ ପରିସରରେ ସହୀଦ୍ ବିର୍ସାମୁଣ୍ଡାଙ୍କର ୧୪୭ତମ ଜୟନ୍ତି ମହାସମାରୋହରେ ପାଳନ କରାଯାଇଅଛି । ମୁଖ୍ୟ ଅତିଥିଭାବେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ପ୍ରଦୀପ ପ୍ରଜ୍ୱଳନ କରି ଜୟନ୍ତିକୁ ଶୁଭାରମ୍ଭ କରିବା ସହ ବିର୍ସାମୁଣ୍ଡାଙ୍କ ବିଷୟରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ସୁନୀତି ସିଂ, ସୋମନାଥ ଟୁଡୁ, ବିଜୟ ଲେଙ୍କା, ସତ୍ୟଭାମା ସିଂ, ନରୋତମ ଖଣ୍ଡେଇ, ପ୍ରମୁଖ ମଂଚାସୀନ ରହି ସହୀଦ୍ ବିର୍ସାମୁଣ୍ଡାଙ୍କ ଜୀବନୀ କାହାଣୀ ଉପରେ ଆଲୋଚନା କରିଥିଲେ। ରଘୁନାଥ ସିଂ ମଂଚ ପରିଚାଳନା କରିଥିବା ବେଳେ ମଦନ ମୋହନ ମାଝୀ ସଭାପତିତ୍ୱ କରିଥିଲେ । ଆଦିବାସୀମାନଙ୍କର ବିଭିନ୍ନ ସଂପ୍ରଦାୟର ଲୋକମାନେ ଉପସ୍ଥିତ ଥିଲେ ଯଥା : ସାନ୍ତାଳ, ମୁଣ୍ଡା, ତାମୁଲିଆ ଭୂମିଜ, ହୋ, ବାଥୁଡ଼ି ଜାତିର ଲୋକେ ଅଂଶ ଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଦିଲ୍ଲୀ ଶ୍ରଦ୍ଧା ହତ୍ୟାକାଣ୍ଡର ସାଂଘାତିକ....

ଆଉ ସେସବୁକୁ ରେଫ୍ରିଜେରେଟରରେ ରଖିଥିଲା । ଆଉ ପ୍ରତି ରାତିରେ ଅଳ୍ପ ଅଳ୍ପ ଖଣ୍ଡ ନେଇ ଜଙ୍ଗଲରେ ଫିଙ୍ଗି ଦେଉଥିଲା, ନହେଲେ କୁକୁରଙ୍କୁ ଖାଇବାକୁ ଦେଉଥିଲା । ସେହିପରି କିପରି ରକ୍ତଛିଟା ଛଡ଼େଇ ହେବ, ସେଥିପାଇଁ ଗୁଗଲରେ ଉପାୟ ଖୋଜିଥିଲା । ଅଫତାବ "ଡେକ୍ସଟର" ସିରିଜରେ ଯେଉଁସବୁ କ୍ରାଇମ୍ ସିନ୍ ଦେଖିଥିଲେ ତାକୁ ବାସ୍ତବ ଜୀବନରେ କରିଚାଲିଥିଲା ଏହି ହତ୍ୟାକାରୀ । ଅଭିଯୁକ୍ତ ଅଫତାବକୁ ସାଥୀରେ ନେଇ ମେହରୌଲି ଜଙ୍ଗଲରେ ତଦନ୍ତ ଚଳାଇଛି ଦିଲ୍ଲୀ ପୋଲିସ୍ । ସିନ୍ ରିକ୍ରିଏସନ କରି ହତ୍ୟାକାଣ୍ଡର ରହସ୍ୟ ବୁଝିଛି ପୋଲିସ୍ । ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ଏଯାଏଁ ଉଦ୍ଧାର ହୋଇନାହିଁ । ହତ୍ୟାକାଣ୍ଡ ସ୍ଥଳରେ ଫରେନ୍ସିକ ଯାଞ୍ଚ କରାଯାଇ ୧୦ଟି ସାମ୍ପୁଲକୁ ରିପୋର୍ଟ ପାଇଁ ପଠାଯାଇଛି । ଏସବୁ ଭିତରେ ତଦନ୍ତକାରୀ ଦଳ ହାତରେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲାଗିଛି । ହତ୍ୟାକାଣ୍ଡ ଘଟାଇବା ପରେ ଶ୍ରଦ୍ଧାଙ୍କ ସାଙ୍ଗମାନଙ୍କ ସହ ସୋସିଆଲ ମିଡିଆରେ ଲଗାତର ଚାଟ କରୁଥିଲା ଅଫତାବ ଅମିନ । ତଦନ୍ତ ଆଗକୁ ବଢୁଥିବା ବେଳେ ଶ୍ରଦ୍ଧାଙ୍କ ବାପାଙ୍କ ଅଭିଯୋଗ ଏକ ନୂଆ ବିବାଦ ସୃଷ୍ଟି କରିଛି । ସେ କହିଛନ୍ତି ଯେ, ଲଭ୍ ଜିହାଦ ପାଇଁ ଅଫତାବ ଅମିନ ତାଙ୍କ ଝିଅ ଶ୍ରଦ୍ଧାକୁ ହତ୍ୟା କରିଛି । ଏହାସହ ଅଫତାବକୁ ଫାଶୀ ଦଣ୍ଡ ଦିଆଯାଉ ବୋଲି ସେ ଦାବି କରିଛନ୍ତି । ଅଫତାବଙ୍କ ସହ ଶ୍ରଦ୍ଧାଙ୍କ ସମ୍ପର୍କକୁ ପ୍ରଥମରୁ ତାଙ୍କ ପରିବାର ବିରୋଧ କରିଆସୁଥିଲା । ହେଲେ ସେତେବେଳେ ଶ୍ରଦ୍ଧା କହିଥିଲେ, ଯେ ସେ ସାବାଳକ, ଠିକ୍ ଭୁଲର ନିଷ୍ପତି ନିଜେ ନେଇପାରିବେ, ଆଉ ଯାହା ସହ ଚାହିଁବେ ତା ସହ ରହିପାରିବେ ।

## ପୂର୍ବତଟ ରେଳପଥ ପକ୍ଷରୁ ଜନଜାତୀୟ ଗୌରବ ଦିବସ ପାଳିତ

ଭୁବନେଶ୍ୱର, ୧୫/୧୧ (ନି.ପ୍ର): ଭଗବାନ ବୀର୍ସା ମୁଣ୍ଡାଙ୍କ ଜନ୍ମଦିବସକୁ ସ୍ମରଣୀୟ କରିବା ପାଇଁ ମଙ୍ଗଳବାର ପୂର୍ବତଟ ରେଳପଥ ପକ୍ଷରୁ ଏହାର ମୁଖ୍ୟାଳୟ ସହିତ ଏହାର ସମସ୍ତ ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ଼, ୱାଲଟିୟର ଓ ସମ୍ବଲପୁର ଏବଂ ବିଭିନ୍ନ ରେଳ ଷ୍ଟେସନ ମାନଙ୍କରେ ଜନଜାତୀୟ ଗୌରବ ଦିବସ ପାଳନ କରାଯାଇଛି । ଏହି ଦିବସକୁ ଆହୁରି ସ୍ମରଣୀୟ କରିବା ପାଇଁ ମୁଖ୍ୟାଳୟ ସହିତ ରେଳମଣ୍ଡଳ ମାନଙ୍କରେ ରେଳ କର୍ମଚାରୀ ମାନଙ୍କ ମଧ୍ୟରେ କୁଇଜ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗୀତା ଆୟୋଜନ କରାଯାଇଥିବାବେଳେ ବିଭିନ୍ନ କ୍ରୀଡା ଆୟୋଜନ କରଯାଇଥିଲା। ଏହି ଅବସରରେ ସଚେତନତା ପାଇଁ ମୁଖ୍ୟାଳୟ, ରେଳମଣ୍ଡଳ ଓ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମାନଙ୍କରେ ବ୍ୟାନର ଲଗାଯାଇଥିବା ସହିତ ଷ୍ଟେସନ ମାନଙ୍କରେ ଯାତ୍ରୀ ସୂଚନା ଘୋଷଣା ମଧ୍ୟରେ ଜନଜାତୀୟ ଗୌରବ ଦିବସ ସମ୍ବନ୍ଧରେ ଅଡିଓ ବଜାଇ ଯାତ୍ରୀମାନଙ୍କୁ ସଚେତନତା କରଯାଇଥିଲା।

## କଟକ ବାଲିଯାତ୍ରାରେ ସିବିସି ପକ୍ଷରୁ ସ୍ୱତନ୍ତ୍ର ପ୍ରଦର୍ଶନୀ

କଟକ/ଭୁବନେଶ୍ୱର,୧୫/୧୧ (ନି.ପ୍ର): କଟକର ଐତିହାସିକ ବାଲିଯାତ୍ରା ପଡ଼ିଆରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି), ଭୁବନେଶ୍ୱର ପକ୍ଷରୁ ଏକ ପ୍ରଦର୍ଶନୀ ଷ୍ଟଲ୍ ର ବ୍ୟବସ୍ଥା କରାଯାଇଛି । ଏଥିରେ ଭାରତ ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜନ କରାଯାଉଛି । ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବ ବିଷୟବସ୍ତୁକୁ ନେଇ ମଧ୍ୟ ପ୍ରଦର୍ଶନୀ ଆୟୋଜନ କରାଯାଇଛି । ପ୍ରଦର୍ଶନୀରେ ସାଧାରଣ ଦର୍ଶକଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିଯୋଗିତା ଆୟୋଜନ କରାଯାଉଛି । ପ୍ରଦର୍ଶନୀରେ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ପ୍ରଚାର ପ୍ରସାର କରାଯାଉଛି । ଆଜାଦୀ କା ଅମୃତ ମହୋତ୍ସବ ପ୍ରଦର୍ଶନୀରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସ୍ୱତନ୍ତ୍ର ଭାବେ ସ୍ଥାନ ଦିଆଯାଇଛି । ସିବିସି ଷ୍ଟଲରେ ଆୟୋଜିତ ହେଉଥିବା ବିଭିନ୍ନ ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଦେଖିବାକୁ ସନ୍ଧ୍ୟାରେ ବହୁସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଜମୁଛି । ଦର୍ଶକମାନେ ଆଗ୍ରହର ସହିତ ପ୍ରଶ୍ନୋତର ପ୍ରତିଯୋଗିତାରେ ଅଂଶଗ୍ରହଣ ମଧ୍ୟ କରୁଛନ୍ତି । ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି । ବର୍ତମାନ ସୁଦ୍ଧା ୪୫ରୁ ଅଧିକ ବ୍ୟକ୍ତି ପ୍ରତିଯୋଗିତାରେ ବିଜୟୀ ହୋଇ ପୁରସ୍କାର ପାଇସାରିଛନ୍ତି।

## ଖୋର୍ଦ୍ଧା ଅମଲା ସଂଘର ବିଶାଳ ଶୋଭା ଯାତ୍ରା ଓ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଦାବିପତ୍ର




ଖୋର୍ଦ୍ଧା,୧୫/୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ଅମଲାମାନେ ଜିଲ୍ଲା ସଂସ୍କୃତିଭବନ ଠାରୁ ବିଶାଳ ଶୋଭା ଯାତ୍ରାରେ ବାହାରି ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପ୍ରଦାନ କରିବାକୁ ଯାଇଥିଲେ। ଖୋର୍ଦ୍ଧା ଜିଲ୍ଲା ଅମଲାସଙ୍ଘର ସଂପାଦକ ଶ୍ରୀଯୁକ୍ତ ଅଶୋକ କୁମାର ପଣ୍ଡା, ସଭାପତି, ସର୍ବେଶ୍ୱର ସାହୁ, ଆବାହକ ସ୍ୱରୂପ ରଂଜନ ରାୟ, ଉପ ସଭପତି ତ୍ରିଲୋଚନ ବେହେରା, ଶ୍ରେଷ୍ଠର ସାହୁ, ବୟଜ୍ୟେଷ୍ଠ ଅମଲା ନାରାୟଣ ଦାସ, ଆଦି ମୁଖ୍ୟ ନେତୃତ୍ୱ ମାନଙ୍କ ଡାକରାରେ ସମସ୍ତ ଜିଲ୍ଲା ଅମଲାମାନେ ଉକ୍ତ ଶାନ୍ତି ପୂର୍ଣ୍ଣ ଶୋଭା ଯାତ୍ରାରେ ଯାଇ ଜିଲ୍ଲା ପାଳ ଅଫିସରେ ପହଞ୍ଚି ଥିଲେ। ଉପରୋକ୍ତ କର୍ମ କର୍ତ୍ତା ମାନେ ଜିଲ୍ଲାପାଳ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ତାଂକ ନାର୍ଯ୍ୟ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇ ତାଙ୍କୁ ତାଙ୍କର ଦାବି ଉପସ୍ଥାପନ କରିଥଲେ।

## ୪ନଂ ଜୋନରେ ବିଜେଡି ପଦଯାତ୍ରା

ଖଇରା,୧୫/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ୪ନଂ ଜୋନରେ ମଙ୍ଗଳବାର ଦିନ ବିଜେଡି କର୍ମୀଙ୍କର ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ହଜାର ହଜାର କର୍ମୀଙ୍କର ଏକ ଶୋଭାଯାତ୍ରା ତୋରାଣିପଦା ଛକରୁ ବାହାରି ଖଇରା ବଜାର ପରିକ୍ରମା କରି ଦୁର୍ଗାମଣ୍ଡପରେ ପହଞ୍ଚିଥିଲା । ବ୍ଲକ ସଭାପତି ବ୍ରଜ କିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମୀ ସମାବେଶରେ ବିଧାୟକ ପାଣିଗ୍ରାହୀ ଯୋଗ ଦେଇ ୨୫ବର୍ଷ ଶାସନରେ ବିକାଶ ପ୍ରତି ପରିବାର କୁ ସ୍ପର୍ଶ କରିଛି । ଏଣୁ ଏହି ଧାରା ବଜାୟ ରଖିବାକୁ ଓଡିଶାରେ ନବୀନ ବାବୁଙ୍କୁ ୬ଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ଜନସାଧାରଣଙ୍କ ଆଶିର୍ବାଦ ଲୋଡିଥିଲେ । ଜିଲା ପରିଷଦ ସଭ୍ୟ ମାନଶ କୁମାର ଦାଶ, ସଭ୍ୟା ସୁଶମା ମହାପାତ୍ର ଓ ରଶ୍ମିତା ମହାପାତ୍ର,ସମ୍ପଦ ଘଡେଇ, ରମାକାନ୍ତ ମହାନ୍ତି, ଜୟନ୍ତ କୁମାର ରାଉତ, ନର୍ମଦା ଦେଓ, ଜୟନ୍ତୀ ମହଲା, ସୁମିତ୍ରା ମହାପାତ୍ର, ରାଧାକାନ୍ତ ପାତ୍ର, ପୁଷ୍ପଲତା ଘଡେଇ, ଛବିଲତା ମହାପାତ୍ର, ଗୌତମ ରାଉତଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଓ ଦଳିୟ କର୍ମକର୍ତ୍ତା ଯୋଗ ଦେଇ ୨୫ବର୍ଷରେ ପ୍ରଣୟନ ହୋଇଥିବା ଯୋଜନା ଉପରେ ଆଲୋକପାତ କରି ସିମୁଲିଆରେ ଶାନ୍ତିପ୍ରଗତି ଓ ମୈତ୍ରୀର ଧାରା ବଜାୟ ରଖିବାକୁ ବର୍ତ୍ତମାନର ବିଧାୟକଙ୍କୁ ତୃତୀୟ ଥର ବିଜୟୀ କରାଇବାକୁ ନିବେଦନ କରିଥିଲେ ।

## କଂଗ୍ରେସ ଓଡ଼ିଶାରେ ଶାସନକୁ ଫେରିଲେ କେନ୍ଦୁଝରରେ ଲୌହଶିଳ୍ପ ପ୍ରତିଷ୍ଠା ନିଶ୍ଚିତ : ଶରତ

ଭୁବନେଶ୍ୱର,୧୫/୧୧ (ନି.ପ୍ର): ଆଜି ସକାଳୁ କେନ୍ଦୁଝର ସହର ସ୍ଥିତ ଦୈନିକ ବୈଶ୍ୟ ସମାଜ ଠାରୁ ଭାରତଯୋଡ଼ ଯାତ୍ରା- ଓଡ଼ିଶାର ୧୩ତମ ଦିନର ଯାତ୍ରା ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା। ଜିଲ୍ଲା କଂଗ୍ରେସ ସଭାପତିବିପ୍ଳବ ମିଶ୍ର ଏହି ଯାତ୍ରାର କାର୍ଯ୍ୟକ୍ରମ ସବୁ ଆୟୋଜିତ କରିଥିଲେ। ଯାତ୍ରୀମାନେ କେନ୍ଦୁଝର ସହର ପରିକ୍ରମା କରି ମଧ୍ୟାହ୍ନରେ କଂଗ୍ରେସ ଭବନ ଠାରେ ପଂହଚିଥିଲେ। ହଜାର ହଜାର ଜନସାଧାରଣ, ଆଇନଜୀବି, ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ବିଭିନ୍ନ ବର୍ଗର ଲୋକ ଶ୍ରୀ ପଟ୍ଟନାୟକ ଏବଂ ଅନ୍ୟଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ପ୍ରଦେଶ କଂଗ୍ରେସ ସଭାପତି ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସମ୍ବୋଦ୍ଧିତ କରି କହିଲେ ଯେ କେନ୍ଦୁଝର ଜିଲ୍ଲା ଓଡ଼ିଶା ରାଜକୋଷକୁ ସବୁଠାରୁ ଅଧିକ ଅର୍ଥ ପ୍ରଦାନ କରୁଛି। କେବଳ ଖଣି ଏବଂ ଖଣିଜଜାତ ଦ୍ରବ୍ୟରୁ ସିଧାସଳଖ ଭାବରେ ବାର୍ଷିକ ୪୫ ହଜାର କୋଟି ଟଙ୍କାରୁ ଅଧିକ ଆୟ କରୁଛନ୍ତି। ଜିଲ୍ଲା ଖଣିଜ ବିକାଶ ଫଣ୍ଡରେ ପାଖାପାଖି ୧୮ ହଜାର କୋଟି ଟଙ୍କା ଗଚ୍ଛିତ ଅଛି। କିନ୍ତୁ ଏହି ଆୟରୁ ୧୦ ପ୍ରତିଶତ ମଧ୍ୟ ଏ ଜିଲ୍ଲାର ଜନସାଧାରଣଙ୍କ ବିକାଶ ପାଇଁ ଖର୍ଚ୍ଚ କରାଯାଉ ନାହିଁ। ଏ ଅଂଚଳର ଯୁବକ ରାଜ୍ୟ ବାହାରେ ପକ୍କାକାମ କରୁଛନ୍ତି ବା ଦିନ ମଜୁରିଆ ଭାବେ କାମ କରୁଛନ୍ତି। ଏ ଅଂଚଳର ଶିକ୍ଷିତ ଯୁବକ ଯୁବତୀ ମାନେ ବର୍ଷବର୍ଷ ଧରି ରୋଜଗାର ଅପେକ୍ଷାରେ। ୨୨ ବର୍ଷ ଭିତରେ ନବୀନ ସରକାର ଏ ରାଜ୍ୟର ଏକ ଶିଳ୍ପ ପ୍ରତିଷ୍ଠା କରିନାହାନ୍ତି। ଯଦିବା ଏ ଅଂଚଳରୁ ଲୁହା ପଥର ଭାରତ ବର୍ଷର ଏବଂ ଭାରତ ବାହାରେ ବିଭିନ୍ନ ପ୍ରାନ୍ତରକୁ ଯାଉଛି। ଏ ହେଉଛି ନବୀନ ବାବୁଙ୍କର ଏ ରାଜ୍ୟ ଏବଂ ଜିଲ୍ଲା ପ୍ରତି ନିଷ୍ଠା। କେନ୍ଦୁଝର ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା। ଏ ଅଂଚଳର ୬୭% ମହିଳା ରକ୍ତହିନତାରେ ଶିକାର, ଶିଶୁ ମୃତ୍ୟୁହାର ସବୁଠାରୁ ଅଧିକ। ମାତୃ ମୃତ୍ୟୁହାର ମଧ୍ୟ ବହ ଉଚ୍ଚସ୍ତରରେ। ଏ ଅଂଚଳର ସମ୍ପଦକୁ ନିର୍ଦ୍ଦିଷ୍ଟ କିଛି ଗୋଷ୍ଠି ସଂପୂର୍ଣ୍ଣ ଉପଭୋଗ କରନ୍ତି। ଜିଲ୍ଲାର ପ୍ରଶାସନିକ ଅଧିକାରୀ ତଥା ଲୋକସେବା ଭବନରେ ବସିଥିବା ଅଧିକାରୀ ମାନେ ଜନସାଧାରଙ୍କ ପ୍ରତି ଦାୟିତ୍ୱ ଓ କର୍ତବ୍ୟକୁ ସଂପୂର୍ଣ୍ଣ ଭୁଲିଯାଇ କେବଳ ଭାରତୀୟ ଜନତା ପାଟିର ଦଳୀୟ କର୍ମଚାରୀ ଭାବରେ କାର୍ଯ୍ୟକରୁଛନ୍ତି। ଏଥିରୁ ଶୀଘ୍ର ନିବୃତ ରୁହନ୍ତୁ। କଂଗ୍ରେସ ଯଦି ରାଜ୍ୟରେ ସରକାର କରିବ କେନ୍ଦୁଝର ଜିଲ୍ଲାରେ ନିଶ୍ଚିତ ଦୁଇଟି ଲୋହଭିତିକ ବଡ଼ଶିଳ୍ପ କାରଖାନା ପ୍ରତିଷ୍ଠା କରାଯିବ।

## କଂଗ୍ରେସ ନେତାଙ୍କ ଚକଡାପୋକ କ୍ଷତିଗ୍ରସ୍ତ କ୍ଷେତ ପରିଦର୍ଶନ



ଜଳେଶ୍ୱର, ୧୫/୧୧(ନି.ପ୍ର): ଆଜି କଂଗ୍ରେସ ଦଳର ଏକ ପ୍ରତିନିଧି ଦଳ ଜଳେଶ୍ୱର ବ୍ଲକ ଅଧିନସ୍ଥ ଚକଡା ପୋକ କ୍ଷତିଗ୍ରସ୍ତ କ୍ଷେତ ବୁଲି ଦେଖିଛନ୍ତି। ଚମାରଗାଁ, ଗୋବରଘଟା, ନଛିମପୁର ଓ ଖାଲିନା ପଂଚାୟତର କେତେକ ଅଂଚଳ ପରିଦର୍ଶନ କରି ପରିସ୍ଥିତି ଜଟିଳ ସଂପର୍କରେ କଂଗ୍ରେସ ଦଳ ପକ୍ଷରୁ କୁହାଯାଇଛି । କଂଗ୍ରେସ ନେତା ତଥା ଦଳର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ବ୍ଲକ ସଭାପତି ରାଜୀବ ପରିଡା, କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ଜିଲା ସାଧାରଣ ସଂପାଦକ ହେମନ୍ତ ଗିରି, ସରପଂଚ ଚନ୍ଦ୍ରକାନ୍ତ ମଲ୍ଲିକ, ମିହିର ଭୂୟାଁ, ରାମଚନ୍ଦ୍ର ପରିଡା, ସଂଗ୍ରାମ ଜେନା ପ୍ରମୁଖ ଏହି ପରିଦର୍ଶନରେ ଯୋଗ ଦେଇଥିଲେ। କିନ୍ତୁ କୃଷି ବିଭାଗ ଯେପରି ପଦକ୍ଷେପ ନେବା କଥା ତାହା ନେଇନଥିବାରୁ କ୍ଷୋଭ ପ୍ରକାଶ କରାଯାଇଛି । ଯୁଦ୍ଧକାଳୀନ ଭିତ୍ତିରେ ଚକଡାପୋକ କବଳରୁ ଚାଷୀଙ୍କ ଫସଲ ଉଦ୍ଧାର, ପ୍ରଭାବିତ ଜମିର ଆକଳନ, କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ, କ୍ଷତିଗ୍ରସ୍ତ ଚାଷୀଙ୍କୁ ବିମା ପ୍ରଦାନର ବ୍ୟବସ୍ଥା ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ରବିଫସଲ ପାଇଁ ବ୍ୟାପକ ସହାୟତା ଲାଗି ଏହି ପ୍ରତିନିଧି ଦଳ ଜଳେଶ୍ୱର କୃଷିଜିଲା ଅଧିକାରୀ ପ୍ରଦୀପ ମହାନ୍ତିଙ୍କୁ ଭେଟି ଅବଗତ କରାଇଛନ୍ତି । ପଦକ୍ଷେପ ଗ୍ରହଣ କରାନଗଲେ ଭବିଷ୍ୟତରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

## ଜଗଦ୍ଧାତ୍ରୀ ମେଳା କମିଟି ପକ୍ଷରୁ ରକ୍ତଦାନ ଶିବିର



ବାରିପଦା,୧୫/୧୧ (ନି.ପ୍ର): ସ୍ଥାନୀୟ ଭଂଜପୁର ମେଳା ପଡିଆରେ ଜଗଦ୍ଧାତ୍ରୀ ପୂଜା ଓ ମେଳା କମିଟି ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୫ ଜଣ ମହିଳା ସମେତ ମୋଟ ୭୨ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାରିପଦା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି ଏହି ଶିବିରକୁ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, ଇ. ବିପ୍ଳବ ଭୁଗୁଡେଇ, ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ, ସମାଜସେବୀ ଅମର ସେଠି, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି, ପ୍ରିତମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ପୂଜା କମିଟି ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ତଥା ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି ଶିବିର ପରିଦର୍ଶନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ସାମନ୍ତ ଶେଖର ପାଲ, ଅମୁଲ୍ୟ ଦାସ, ବି କେ ସୌରଭ, ପ୍ରିୟବ୍ରତ ଧଳ, ଜିସି ପଓ୍ୱନ କୁମାର, ହ୍ରିତିକ କୁମାର ବେହେରା ଓ ରାକେଶ କୁମାର ନାଥ ଶିବିର ପରିଚାଳନାରେ ସହାୟତା କରିଥିଲେ । ରେଡକ୍ରସ ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡ଼. ସୌମ୍ୟ ରଂଜନ ନାୟକଙ୍କ ନେତୃତ୍ୱରେ ପାର୍ଥ ସାରଥୀ ମହାନ୍ତ, ପୁଣ୍ଡାରୀକକ୍ଷା ଦାସ, ରୁଚିକା ଖୁରାନା ଓ ସବିତା ଶେଜପଡା ରକ୍ତ ସଂଗ୍ରହ କରିଥିଲେ।

## ବାରିପଦାରେ ଭାରତ ଯୋଡ ପରିବର୍ତ୍ତନ ଯାତ୍ରା



ବାରିପଦା,୧୫/୧୧ (ନି.ପ୍ର): ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଭାରତ ଯୋଡ ପରିବର୍ତନ ଯାତ୍ରା ଓଡ଼ିଶା ଆଜି ମୟୁରଭଂଜ ଜିଲ୍ଲାର ସଦର ମହକୁମା ବାରିପଦା ସହର ପରିକ୍ରମା କରିଥିଲା । ପାଲବଣି ଠାରୁ ସକାଳ ୯ଟା ସମୟରେ ଏହି ପଦଯାତ୍ରା ବାହାରି ଷ୍ଟେସନ ବଜାର, କୃଷ୍ଣଚନ୍ଦ୍ର ଗୋଲେଇ ଦେଇ ଜଗନ୍ନାଥ ମନ୍ଦିର ନିକଟରେ ପହଂଚିବା ପରେ ଶ୍ରୀ ପଟ୍ଟନାୟକ ୨ୟ ଶ୍ରୀକ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିର ଦର୍ଶନ କରିଥିଲେ । ପରେ ଏହି ପଦଯାତ୍ରା ଟ୍ରାଫିକ ଛକ ରାସ୍ତାରେ ଯାଇ ଭଂଜପୁର ପହଂଚିବା ପରେ ସେଠାରେ ଉପସ୍ଥିତ ଥିବା କଂଗ୍ରେସ କର୍ମୀ ଓ କର୍ମକର୍ତା ମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରେପରେ ପଦଯାତ୍ରା ମୁର୍ଗାବାଡି ଗୋଲେଇ ପହଂଚି ଥିଲା । ସେଠାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା ଭାରତ ଯୋଡ ଯାତ୍ରାର ଉଦ୍ଦେଶ୍ୟ ସମ୍ବନ୍ଧରେ ଜନସାଧାରଣଙ୍କୁ ଉଦବୋଧନ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ କଟୁ ସମାଲୋଚନା କରିଥିଲେ । ସହର ପରିକ୍ରମା କରିବା ପରେ ଏହି ଯାତ୍ରା ବିଶୋଇ ହୋଇ ରାଇରଙ୍ଗପୁର ଅଭିମୁଖେ ଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ମୟୁରଭଂଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ, ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ , ପୂର୍ବତନ ଏମପି ଶୁଶ୍ରୀ ଶୁଶିଳା ତିରିଆ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ଭାରତ ଯୋଡ ଯାତ୍ରା ଓଡ଼ିଶାର ଆବାହକ ମାନସ ଚୈଧୁରୀ, ଟାଉନ କଂଗ୍ରେସ ସଭାପତି ଶାନ୍ତନୁ ପାଲ, ମହିଳା କଂଗ୍ରେସ ସଭାନେତ୍ରୀ ସୁସ୍ମିତା ଘୋସାଲ, ଯୁବ ସଭାପତି ଅଂଶୁମାନ ଦାସ, ଯୋଗେଶ ଅଗ୍ରଓ୍ୱାଲ, ମୟୁରଭଂଜ ଜିଲ୍ଲା ଯାତ୍ରା ସଂଯୋଜକ ଅରବିନ୍ଦ ଦାସ , ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ଇତିଶ୍ରୀ ମିଶ୍ର, ଶୁଭସ୍ମିତା ଦାସ, ରଶ୍ମିତା ମିଶ୍ର, ସ୍ୱାଗନ ଦାସ, ଆରବ ପଣ୍ଡା, ସେକ ମୁସ୍ତଫା, କାଳିଚରଣ ଧୀର, ଜ୍ୟୋତି ପ୍ରକାଶ ରଥ ପ୍ରମୁଖ ବହୁ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ରହି ବାରିପଦା ସହରରେ ପଦଯାତ୍ରାରେ ସାମିଲ ହୋଇଥିଲେ ।

## ପ୍ରଧାନମନ୍ତ୍ରୀ ଗତିଶକ୍ତି ବହୁ ପ୍ରଣାଳୀ ସାମୁଦ୍ରିକ ଶିଖର ସମ୍ମିଳନୀ ଉଦ୍‌ଘାଟିତ




ପାରାଦୀପ, ୧୫/୧୧ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଆନୁକୂଲ୍ୟରେ ଦୁଇ ଦିନିଆ ପ୍ରଧାନମନ୍ତ୍ରୀ ଗତିଶକ୍ତି ବହୁ ପ୍ରଣାଳୀ ସାମୁଦ୍ରିକ ଶିଖର ବୈଠକ ମଙ୍ଗଳବାର ଦିନ ଭୁବନେଶ୍ୱର ଠାରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ମୁଖ୍ୟଶାସନ ସଚୀବ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃହତ ବନ୍ଦର ପାଇଁ ଓଡିଆ ଉପକୂଳ ବେଶ୍ ଉପଯୋଗୀ ଓ ଏଥି ପାଇଁ ପୂର୍ବ ଭାରତରେ ଓଡିଶା ସାମୁଦ୍ରିକ କାରବାରରେ ଦୃତଗତିରେ ଅଗ୍ରଗତିରେ ବିକାଶ କରିଚାଲିଛି ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ ଗତିଶକ୍ତି ଦ୍ୱାରା ଭାରତରେ ଖଣିଜ ପଣ୍ୟ ପରିବହନ ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଛି ଓ ସାମୁଦ୍ରିକ ପରିବହନ ଯଥେଷ୍ଟ ଭବେ ବୃଦ୍ଧି ପାଇଛି ବୋଲି ଶ୍ରୀ ମହାପାତ୍ର କହିଥିଲେ । ଉଦଘାଟନୀ ଅଧିବେଶନରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବିଭାଗୀୟ ରେଳ ଅଧିକାରୀ ରିଙ୍କେଶ ରୟ କହିଥିଲେ ପାରାଦୀପ ବନ୍ଦର ରେଳ ପଣ୍ୟ ପରିବହନରେ ଦେଶର ଦ୍ୱିତୀୟ ବୃହତ ବନ୍ଦର । ସେହିପରି ଭାରତ ସରକାରଙ୍କ ସାଗର ମେଳା ପ୍ରକଳ୍ପର ଯୁଗ୍ମ ସଚୀବ ଭୂଷଣ କୁମାର ଗତିଶକ୍ତି ଯୋଜନରେ ବିଭିନ୍ନ ଯାନ୍ତ୍ରିକ ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ଏକ ବ୍ଲୁ ପ୍ରିଣ୍ଟ ଉପସ୍ଥାପନା କରିଥିଲେ । ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ କହିଥିଲେ ଯେ, ପାରାଦୀପ ବନ୍ଦର ୫୬ ବର୍ଷ ଇତିହାସରେ ୨୦୨୨-୨୩ ଆର୍ଥିକ ବର୍ଷରେ ୧୨୫ ଏମ୍.ଏମ୍.ଟି.ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିପାରିଛି । ତେବେ ଅମୃତକାଳ ସହସ୍ରାବ୍ଦ ୨୦୪୭ ମସିହା ସୁଦ୍ଧା ପାରାଦୀପ ବନ୍ଦରର ପଣ୍ୟ କାରବାର କ୍ଷମତା ୫୦୦ ଏମ୍.ଏମ୍.ଟି ରୁ ଉର୍ଦ୍ଧ ହେବ ବୋଲି ସ୍ପଷ୍ଟ କରିଥିଲେ । ଏଥି ପାଇଁ ସେ ରେଳ,ସଡକ ଓ ଜଳମାର୍ଗର ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ । ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ ବନ୍ଦରର ଅତିତ, ବର୍ତମାନ ଓ ଭବିଷ୍ୟତ ଉପରେ ବିସ୍ତୃତ ବିବରଣୀ ପ୍ରଦାନ ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦୁଇ ଦିନିଆ ସମ୍ମିଳନୀରେ କଂଟେନର କର୍ପୋରେସନ ଅଫ ଇଣ୍ଡିଆ, ଭାରତ ସରକାରଙ୍କ ବାଣିଜ୍ୟ ପରିବହନ ମନ୍ତ୍ରଣାଳୟ, କଷ୍ଟମ, ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ, ଟାଟା ଷ୍ଟିଲ୍, ମହାନଦୀ କୋଲ ଫିଲ୍ଡ,ଜେ.ଏମ୍.ବକ୍ସି, ଇଫକୋ, ସମସରା ସିପିଙ୍ଗର ପ୍ରତିନିଧିମାନେ ଯୋଗ ଦେଇ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ପାରାଦୀପ ବନ୍ଦର ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ଜଣା ପଡିଛି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଦ୍ୱିଦିବସୀୟ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଉଦ୍‌ଘାଟିତ



ଭଦ୍ରକ, ୧୫/୧୧ (ନି.ପ୍ର): ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଖେଳ ପଡ଼ିଆରେ ଆୟୋଜିତ ଭଦ୍ରକ ଜିଲ୍ଲା ସ୍ତରୀୟ ଦୁଇଦିନିଆ ନିଯୁକ୍ତି ମେଳା ଆଜି ଉଦ୍‌ଘାଟିତ ହୋଇଯାଇଛି। ଭଦ୍ରକ ଲୋକସଭା ସାଂସଦ ମଞ୍ଜୁଲତା ମଣ୍ଡଳ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ନିଯୋଜନ ଅଧିକାରୀ ଅଜୟ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ୍ ଯୋଗଦେଇ ବକ୍ତବ୍ୟ ପ୍ରସଙ୍ଗରେ ଏଣେତେଣେ ଘୁରିବୁଲୁଥିବା ବେକାରୀ ଯୁବକ ଯୁବତୀମାନେ ଏଠାକୁ ଆସିଥିବା ବିଭିନ୍ନ ସଂସ୍ଥା ଦ୍ୱାରା ଚାକିରୀ କି ତାଲିମ୍ ବିଷୟରେ ବୁଝି ନିଜର ଶିକ୍ଷାଗତ ଓ ଦକ୍ଷତା ଅନୁଯାୟୀ ନିଜପାଇଁ ନିଯୁକ୍ତି ବାଛି ନେବାର ସୁଯୋଗ ହାତଛଡ଼ା ନକରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ସେହିପରି ମୁଖ୍ୟ ଅତିଥି ଶ୍ରୀମତୀ ମଣ୍ଡଳ ସରକାରଙ୍କ ତରଫରୁ ଏହି ମେଳା ବେକାରୀ ମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ବୋଲି ପ୍ରକାଶ କରିଥିଲେ। ମେଳାର ଆଭିମୁଖ୍ୟ, ମେଳାକୁ ଆସିଥିବା ନିଯୁକ୍ତିଦାତାମାନଙ୍କ ଦ୍ୱାରା ପ୍ରଦତ୍ତ ସୁବିଧା ସୁଯୋଗ ଆଦି ସମ୍ବନ୍ଧରେ ନିଯୋଜନ ଅଧିକାରୀ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ କି ମେଳାର ପ୍ରଥମ ଦିନରେ ଜିଲ୍ଲାର ୪ଟି ବ୍ଲକ୍ ସହିତ ଅନ୍ୟ ଜିଲ୍ଲା ଓ ୨ୟ ଦିନରେ ଅନ୍ୟ ୩ଟି ବ୍ଲକ୍ ସହ ଅନ୍ୟ ଜିଲ୍ଲାର ପିଲାଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ୧ମ ଦିନ ଭଦ୍ରକ, ଚାନ୍ଦବାଲି, ବାସୁଦେବପୁର ଓ ତିହିଡ଼ି ବ୍ଲକ୍ ପାଇଁ, ଶେଷ ଦିନରେ ଭଦ୍ରକ, ଧାମନଗର, ଭଣ୍ଡାରିପୋଖରୀ, ବନ୍ତ ବ୍ଲକ୍ ପାଇଁ ରାଖାଯାଇଛି।

# ମାନବାଧିକାର ଓ୍ୱାଇ.ଡି.ସି ପକ୍ଷରୁ ଶିଶୁ ଦିବସ ପାଳନ




ବାରିପଦା,୧୫/୧୧ (ନି.ପ୍ର): ମାନବାଧିକାର ୟୁଥ ଡେଭଲପମେଣ୍ଟ କାଉନସିଲ ଦ୍ୱାରା ବାରିପଦା ସ୍ଥିତ ତୁଳସୀଚଉରା ଶିଶୁ ବିକାଶ ବିଦ୍ୟା ମନ୍ଦିର ଠାରେ କୁନି କୁନି ପିଲାମାନଙ୍କ ଗହଣରେ ଶିଶୁ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିନୟ କୁମାର ମାଣ୍ଡୋଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମାନବାଧିକାର ଓ୍ୱାଇ.ଡି.ସି ର ରାଜ୍ୟ ସଭାପତି ସୁକୁମାର ରଞ୍ଜନ ପ୍ରଧାନ ଯୋଗଦେଇ ଶିଶୁ ଦିବସର ଆଭିମୁଖ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ମଞ୍ଚାସିନ ଅତିଥିଙ୍କ ଦ୍ୱାରା କୁନି କୁନି ପିଲାମାନଙ୍କୁ ବିସ୍କୁଟ, ଖାତା, ପେନସିଲ, ଚକଲେଟ ଆଦି ପ୍ରଦାନ କରାଯାଇଥିଲା ଏବଂ ସେମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅନ୍ୟ ସହଯୋଗୀ ଗୁରୁମା ଅନିତା ବେହେରା, ଜୟଶ୍ରୀ ରାଉତ, ପ୍ରଜ୍ଞାପାରମିତା ମନ୍ତ୍ରୀ, ସ୍ମୃତି ରଞ୍ଜନ ପଣ୍ଡା, ଝରଣା ସେନାପତି, ଫୁଟୁଲ ଘଡ଼ାଇ, ଅକ୍ଷୟ ମଲିକ, ମାନସୀ ଜେନା ଓ ଚିତ୍ତ ରଣା ପ୍ରମୁଖ ସହଯୋଗ କରିଥିଲେ।

# ଜଳେଶ୍ୱରରେ ବିଜେଡିର ଜନସଂପର୍କ ପଦଯାତ୍ରା ଉଦ୍‌ଯାପିତ

## ଲୋକଙ୍କ ଅର୍ଥନୈତିକ ବିକାଶ ଓ ସଂସ୍କାର ନବୀନ ସରକାରର ମୂଳମନ୍ତ୍ର : ଅଶ୍ୱିନୀ



ଜଳେଶ୍ୱର, ୧୫/୧୧(ନି.ପ୍ର): ଦୀର୍ଘ ୨୫ବର୍ଷ ଧରି ନବୀନ ପଟ୍ଟନାୟକ ଓଡିଶାର ଶାସନ ଡୋର ଧରିଥିବା ବେଳେ ଜନସାଧାରଣଙ୍କ ଆର୍ଥିକ ବିକାଶ ଓ ବିଭିନ୍ନ ସଂସ୍କାର ଆଣିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ବୋଲି ଉଦ୍‌ଯାପନ ଉତ୍ସବରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର ମତବ୍ୟକ୍ତ କରିଛନ୍ତି । ଆଜି ବିଜେଡି ଦଳର ଜନସଂପର୍କ ପଦଯାତ୍ରା ଉଦ୍‌ଯାପନ ଉତ୍ସବ ରାଇବଣିଆ ଥାନା ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ବିଦ୍ୟାଳୟ ସମ୍ମୁଖ ପଡିଆରେ ଅନୁଷ୍ଠିତ ହୋଇ ଯାଇଛି । ମାଳିପାଳ ମନ୍ଦିର ପ୍ରାଙ୍ଗଣରୁ ଦକ୍ଷିଣ ପ୍ରହରାଜପୁର ମନ୍ଦିର ଯାଏ ଶହ ଶହ ପୁରୁଷ, ନାରୀ ବିଜେଡି ସରକାରର ନାରା ଦେଇ ସଭାସ୍ଥଳରେ ପହଞ୍ଚିଥିଲେ। ଜଳେଶ୍ୱର ପଦଯାତ୍ରା କମିଟିର ସଂଯୋଜକ ଦିଲ୍ଲିପ ସାମଲ ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ରଖିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ଭାଷା ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗ ଦେଇ ଲୋକଙ୍କ ଆର୍ଥିକ ବିକାଶ ଓ କାର୍ଯ୍ୟର ସଂସ୍କାର ଲାଗି ନବିନ ସରକାର ବଦ୍ଧ ପରିକର ବୋଲି କହିଥିଲେ। ୨୫ବର୍ଷ ଶାସନକାଳ ମଧ୍ୟରେ ମହିଳାଙ୍କର ଆର୍ଥିକ ବିକାଶ, ପଂଚାୟତ ନିର୍ବାଚନରେ ୫୦ପ୍ରତିଶତ ମହିଳାଙ୍କ ଲାଗି ସଂରକ୍ଷଣ, ଗରିବଙ୍କ ସ୍ୱାସ୍ଥ୍ୟସେବାଲାଗି ବିଜୁସ୍ୱାସ୍ଥ୍ୟ କାର୍ଡ ପ୍ରଚଳନ, ମୃତକଙ୍କ ଶବ ଶତ୍କାର ଲାଗି ହରିଶ୍ଚନ୍ଦ୍ର ଯୋଜନା, ରାଜ୍ୟରେ ଡାକ୍ତରପଦବୀ ପୂରଣ ଲାଗି ୧୨ଟି ମେଡିକାଲ କଲେଜ ପ୍ରତିଷ୍ଠା, ଦୈବିଦୁର୍ବିପାକରେ ଓଡିଶାରେ ବାରମ୍ବାର ବାତ୍ୟା ଦେଖାଦେଉଥିଲେ ମଧ୍ୟ ଜିରୋ କାଜୁଆଲିଟି, ଗର୍ଭବତୀ ନାରୀ, କୃଷକ, ବୃଦ୍ଧ-ବୃଦ୍ଧା, ୫ଟି ଶିକ୍ଷା ସଂସ୍କାରଇତ୍ୟାଦି ବହୁ କାର୍ଯ୍ୟକ୍ରମ ହୋଇଛି ବୋଲି କହିଥିଲେ । ଜଳେଶ୍ୱର ବିଧାନସଭା ଅଂଚଳରେ ସୁବର୍ଣ୍ଣରେଖାରେ ୩ଟି ପୋଲ ନିର୍ମାଣ କରି ଯୋଗାଯୋଗର ସୁବ୍ୟବସ୍ଥା କରିଥିବା ବେଳେ ଆସନ୍ତା ଦିନରେ ଚୋରମରା ସେତୁ ନିର୍ମାଣ ନିଶ୍ଚିତ ହୋଇଛି। କିଛିଦିନ ମଧ୍ୟରେ ଗୋବରଘଟା-ଦକ୍ଷିଣ ପ୍ରହରାଜପୁର ସୁବର୍ଣ୍ଣରେଖା ସେତୁ ୧୪୧ କୋଟି ଟଙ୍କା ନିର୍ମାଣ ହେବାକୁ ଯାଉଛି । ଏହା ବ୍ୟତିତ ୫ଟିରେ ୨୧ଟି ବିଦ୍ୟାଳୟ, ରାସ୍ତାଘାଟ, ବିଜୁଳି ଯୋଗାଣ, ଭୂମିହୀନଙ୍କୁ ଜମିଯୋଗାଣ ଇତ୍ୟାଦି କାର୍ଯ୍ୟ ଚାଲୁଥିବାର କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଜୟ କୁମାର ମହାନ୍ତି, ରବି ରାୟ, ପୌରାଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ, ଗିରିଜା ଶଂକର ମହାନ୍ତି, ଗୁଣାଧର ବେହେରା, ଅନଦୀ ଦାସ, ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଂଜିତା ସେନାପତି, ସତ୍ୟଦାସ ମହାପାତ୍ର, ଜିଲାପରିଷଦ ସଦସ୍ୟ ବିଷ୍ଣୁ ପ୍ରିୟା ଦୁବୁରି, ମୁନିନ୍ଦ୍ର ଧର ପ୍ରମୁଖ ବିଜେଡି ଦଳର ସଫଳତା ସଂର୍ପକରେ କହିଥିଲେ । ଦକ୍ଷିଣ ପ୍ରହରାଜପୁର ସରପଂଚ ପଦ୍ମାବତୀ ବେହେରାଙ୍କ ନେତୃତ୍ୱରେ ୱାର୍ଡ ସଭ୍ୟ ରମାକାନ୍ତ ବେହେରା, ଭାଷ୍କର ମାହାଲ ପ୍ରମୁଖ ବହୁ ବ୍ୟକ୍ତି ଅନ୍ୟଦଳରୁ ଆସି ବିଜେଡିରେ ଯୋଗ ଦେଇଥିଲେ ।

# ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ରେ ଚାଚା ନେହେରୁଙ୍କ ଜୟନ୍ତୀ ଉତ୍ସବ



ବାଲେଶ୍ୱର,୧୫/୧୧ (ନି.ପ୍ର): ପିଲାମାନଙ୍କୁ ଗୋଲାପ ଫୁଲ ପରି ଅତ୍ୟନ୍ତ ଭଲପାଉଥିବା ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଭାରତରତ୍ନ ଜବାହରଲାଲ ନେହେରୁ ଦେଶ, ଦେଶ ବାହାରେ ଚାଚା ନେହେରୁ ଭାବରେ ସର୍ବଜନବିଦିତ। ତାଙ୍କର ୧୩୩ତମ ଜୟନ୍ତୀ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍ ପରିସରରେ କବି ଶ୍ରୀଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ପ୍ରତିଷ୍ଠାତା ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦିକା ଜୟନ୍ତୀ ପାଣିଗ୍ରାହୀ, ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ମିଶ୍ର, ନିର୍ଦ୍ଦେଶକ ଗୋପାଳ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ନେହେରୁ ଜୟନ୍ତୀର ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ତଥା ବିଚାରକ ଭାବରେ ଯଶସ୍ୱୀ ନୃତ୍ୟ-ସଂଗୀତ ଅନୁରାଗୀ 'ନାଚ୍' ଅନୁଷ୍ଠାନର ସମ୍ପାଦିକା ରୋନାଲିସା ପଣ୍ଡା ଶିଶୁମାନଙ୍କ ଭିତରେ ଲୁଚି ରହିଥିବା ପ୍ରଚଣ୍ଡ ପ୍ରତିଭାକୁ ଲୋକଲୋଚନକୁ ଆଣିବାପାଇଁ ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଆହ୍ୱାନ କରି କହିଥିଲେ ଶିଶୁମାନେ ବିକାଶର ମୂଳ ଆଧାର ଏବଂ ସମଗ୍ର ବିଶ୍ୱର ଅପରିହାର୍ଯ୍ୟ ଉତ୍ସ। ଆଗାମୀ ଭବିଷ୍ୟତର ସମ୍ଭାବନା। ଏହି ଅବସରରେ ଶତାଧିକ ଛାତ୍ରଛାତ୍ରୀ ସେମାନଙ୍କର ଏକକ ଓ ଯୁଗ୍ମ ଅଭିନୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନିଜନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷୟିତ୍ରୀ ସସ୍ମିତା ଆଚାର୍ଯ୍ୟ, ପ୍ରିୟା ପାଲ୍, ପ୍ରଣିତା ଅଗସ୍ତି, ମୋନାଲିସା ଦାଶ, ଜୟନ୍ତୀ ଦାଶ, ନିବେଦିତା ସାମଲ, କବିତା ବେହେରା ପ୍ରମୁଖଙ୍କ ସୁପରିଚାଳନାରେ ନିଷ୍ପାଦନ ହୋଇଥିଲାବେଳେ ଏହି ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଜ୍ୟୋତିରଂଜନ ପାଣିଗ୍ରାହୀ, ଜ୍ଞାନରଂଜନ ପାଣିଗ୍ରାହୀ, ପ୍ରଣିତା ପାଣିଗ୍ରାହୀ, ଉପଦେଷ୍ଟା ଡ. ଲକ୍ଷ୍ମୀକାନ୍ତ ପାଢ଼ୀ ଏବଂ ରାମଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୟନ୍ତୀ ଉତ୍ସବ ସଂପାଦନ ହୋଇଥିଲା।

# ନବମ ଆନ୍ତର୍ଜାତୀୟ ସମୁଦ୍ର ମନ୍ଥନ ସମ୍ମାନ- ପାରାଦୀପ ବନ୍ଦର ସର୍ବୋତମ ବନ୍ଦର

ପାରାଦୀପ, ୧୫/୧୧ (ନି.ପ୍ର): ସାମୁଦ୍ରିକ ଉର୍ତ୍କଷତାକୁ ସମ୍ମାନ ଜଣାଇବା ପାଇଁ ମୁମ୍ବାଇର ଘରୋଇ କ୍ରୁଜ୍ ଟର୍ମିନାଲ ଠାରେ ଅନୁଷ୍ଠିତ ନବନ ଆନ୍ତର୍ଜାତୀୟ ସମୁଦ୍ର ମନ୍ଥନ ପୁରସ୍କାର-୨୦୨୨ ଅନ୍ତର୍ଗତ ପାରାଦୀପ ବନ୍ଦର ପ୍ରାଧିକରଣକୁ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ଅତୁଳନୀୟ ସେବା ପାଇଁ ବୃହତ ବନ୍ଦର ଇଷ୍ଟ କୋଷ୍ଟ ପୁରସ୍କାର ପ୍ରଦାନ କରାଯାଇଛି। ପାରାଦୀପ ବନ୍ଦର ପକ୍ଷରୁ ଡି.ଟି.ଏମ୍. ଅକ୍ଷୟ କୁମାର ସାହୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ବନ୍ଦର ଅଧକ୍ଷ ପ.ଏଲ. ହରନାଦ ସମସ୍ତ ଅଧିକାରୀ, କର୍ମଚାରୀ ଓ ବ୍ୟବହାରକାରୀଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି।

# ଭଂଜପୁର ଜଗଦ୍ଧାତ୍ରୀ ମେଳାର ୭ମ ସନ୍ଧ୍ୟାରେ ପୁରସ୍କୃତ ହେଲେ କୃତି ପ୍ରତିଯୋଗୀ



ବାରିପଦା,୧୫/୧୧ (ନି.ପ୍ର): ଭଂଜପୁର ଜଗଦ୍ଧାତ୍ରୀ ମେଳଓର ୭ମ ସନ୍ଧ୍ୟାରେ ଡିବେଟ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ର. କିଶୋର କୁମାର ବସା ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିବା ସହ ମେଳାକୁ ବେଶ ଲୋକପ୍ରିୟ କରାଇପାରିଥିବାରୁ କମିଟିର ସଦସ୍ୟ ମାନଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ । କାର୍ଯ୍ୟକାରୀ କମିଟି ଅଧକ୍ଷ ନଗରପାଳ କୃଷ୍ଣଓନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ, ବାଙ୍ଗିରିପୋଷି ବିଧାୟକ ତଥା ପୂଜା କମିଟି ଅଧକ୍ଷ ସୁଦାମ ମାରାଣ୍ଡି, ପୂର୍ବତନ ଉପ ବାଚସ୍ପତି ଓ ମେଳା କମିଟିର ଅଧକ୍ଷ ସାନନ୍ଦ ମାରାଣ୍ଡି, ପୂର୍ବତନ ସଓରସକଣା ବିଧାୟକ ଭଓଦବ ହାଁସଦା ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ ଧନ୍ୟବାଦ ଅର୍ପଣ କରିଥିଲେ ଓ ସ୍କୁଲ ସ୍ତରୀୟ ଡିବେଟରେ ଆରୟାନ ଦାସ, କଲେଜ ସ୍ତରରେ ଅପର୍ଣ୍ଣା ସିଂହ, ଜୁନିଅର ଚିତ୍ରାଙ୍କନରେ ଆଶିଷ ବିଶ୍ୱାଳ, ସିନିଅରରେ ମନ୍ମୟ ସେଠି, ରୋଜ ଅନୁଷ୍ଠାନର ଶ୍ୟାମ ଚରଣ ମାରାଣ୍ଡି ସମେତ ମୋଟ ୧୬ ଜଣଙ୍କୁ ପୁରସ୍କୃତ ହୋଇଛନ୍ତି । ତତସହିତ ବିଚାରକ ସନ୍ତୋଷ ମହାନ୍ତି, ଭାଗବତ ପଣ୍ଡା, ରଞ୍ଜିତ ମହାନ୍ତ, ପ୍ରବୀର ପାଣିଗ୍ରାହୀ, ରବୀନ କୁମାର ମହାପାତ୍ର ଓ ମହେଶ୍ୱର ମାରାଣ୍ଡିଙ୍କୁ ମଧ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା ଓ ଏହି ଅବସରରେ କୁଳପତି ପ୍ର. ବସଓଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ସୋମନାଥ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଡପୋଖରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଇରା,୧୫/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଗଡପୋଖରୀ ଉପ୍ରା ବିଦ୍ୟାଳୟରେ ସୋମବାର ଦିନ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ଦାସଙ୍କ ପୌରହିତ୍ୟ କରିଥିଲେ। ଏଥିରେ ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ମାନସିକ ଚାପରୁ ମୁକ୍ତି ଦେବାକୁ ଅବିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ । ଗୋଷ୍ଠୀ ସାଧନ ସଂଯୋଜକ ଶ୍ରୀଧର ବେହେରା ମୁଖ୍ୟବକ୍ତା,ଏବିଇଓ ଗୌରାଙ୍ଗ ମହାପାତ୍ର ଓ ହେମନ୍ତ ମିଶ୍ର,ଓଲୋଷ୍ଟା ବ୍ଲକ ସଭାପତି ପ୍ରଫୁଲ୍ଲ ଦାସ, ପ୍ରାକ୍ତନ ସଭାପତି ଦାମୋଦର ସେଣ୍ଠ, ସରପଞ୍ଚ ଟିକିରାଣି ସେଠୀ, ସମିତି ସଭ୍ୟ ଶତ୍ରୁଘ୍ନ ସେଠୀ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁକାନ୍ତ ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଅରୁଣ କୁମାର ଅରୁଣ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିକଟରେ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ପରେଶ ଦକ୍ଷିଣରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଉପକୂଳ ସୁରକ୍ଷା ପାଇଁ ଆରମ୍ଭ ହେଲା ସିଭିଜିଲ

ପାରାଦୀପ, ୧୫/୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ଉପକୂଳ ସୁରକ୍ଷା ଯୋଜନା ଅଧିନରେ ପାରାଦୀପ ଉପକୂଳରେ ଦୁଇ ଦିନିଆ ଉପକୂଳ ସୁରକ୍ଷା ସି ଭିଜିଲ କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଆରମ୍ଭ ହୋଇଛି । ଯଦି କୌଣସି ସମୟରେ ଆତଙ୍କବାଦୀ ଆମ ଦେଶର ସାମୁଦ୍ରିକ ସୀମା ମଧ୍ୟକୁ ପଶି ଆସନ୍ତି ତେବେ ସେମାନଙ୍କ ଠାରୁ ଦେଶ ତଥା ଉପକୂଳ ଅଂଚଳକୁ କିପରି ସୁରକ୍ଷା ଦିଆଯାଇ ପାରିବ ସେ ନେଇ ମିଳିତ ସମରାଭ୍ୟାସ କରାଯାଉଛି । ଭାରତୀୟ ନୌସେନା, ଟତରକ୍ଷୀ ବାହିନୀ, ଓଡିଶା ପୋଲିସ୍,ରାଜ୍ୟ ମତ୍ସ୍ୟ ବିଭାଗ,ସାମୁଦ୍ରିକ ପୋଲିସ୍,ଜଙ୍ଗଲ ବିଭାଗ, ପାରାଦୀପ ବନ୍ଦର ମେରାଇନ୍ ବିଭାର ଏହି ମିଳିତ ସମରାଭ୍ୟାସରେ ସାମିଲ ହୋଇଛନ୍ତି । ଏଥି ପାଇଁ ପାରାଦୀପ ସହରର ବିଭିନ୍ନ ସ୍ଥାନରେ ପୋଲିସ୍‌ର ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

# ଉନ୍ମୋଚିତ ହେଲା 'ପ୍ରଥମ ଗଡ଼ଜାତ' ସ୍ମାରକୀ ଗ୍ରନ୍ଥ

## ପ୍ରଜାଶକ୍ତି ବିଜୟର ଐତିହାସିକ ସ୍ମୃତିଦିବସ ପାଳନ ପାଇଁ ସରକାରୀ ପ୍ରୋତ୍ସାହନ ଜରୁରି



ବାଲେଶ୍ୱର, ୧୫/୧୧ (ନି.ପ୍ର): ସମଗ୍ର ଭାରତବର୍ଷର ପରାଧିନତା ସମୟରେ ବିଭିନ୍ନ ଗଡ଼ଜାତ ଅଞ୍ଚଳରେ ଯେଉଁସବୁ ରକ୍ତାକ୍ତ ସଂଘର୍ଷର ପ୍ରଜାଆନ୍ଦୋଳନ ସଂଘଟିତ ହୋଇଥିଲା ତନ୍ମଧ୍ୟରେ ନୀଳଗିରି ପ୍ରଜାଆନ୍ଦୋଳନ ଥିଲା ସମସ୍ତ ଭାରତବାସୀଙ୍କ ପାଇଁ ପ୍ରେରଣାର ଉତ୍ସ । ପ୍ରଜାଶକ୍ତିର ବିଜୟ ଦ୍ୱାରଦେଶରେ ନୀଳଗିରି ବାସୀ ଥିଲାବେଳେ ରାଜା ନିରୁପାୟ ହୋଇ ସ୍ୱାଧୀନ ଭାରତର ସରକାରଙ୍କ ପାଖରେ ନିଜକୁ ଆତ୍ମସମର୍ପଣ କରିବାକୁ ବାଧ ହୋଇ ସାଧାରଣ ପ୍ରଜା ଶାନଭାର ନିଜ ହାତକୁ ନେବା ପୂର୍ବରୁ ସେ ସରକାରଙ୍କ ଠାରେ ଗୁପ୍ତଚର ଜରିଆରେ ବାର୍ତ୍ତା ପଠାଇ ନିଃସର୍ତ୍ତ ଶାସନଭାର ଅର୍ପଣ କରିଥିବା ଭଳି ଘଟଣା ନୀଳଗିରିର ସଂଗ୍ରାମୀ ଜନତାଙ୍କର ବିଜୟର ବାର୍ତ୍ତାକୁ ଗାଉଛି ଓ ଗାଉଥିବ ବୋଲି ଗଡ଼ଜାତ ମିଶ୍ରଣ ଦିବସ ଅବସରରେ ଗତକାଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି । 'ବଣସୀମା ଆଞ୍ଚଳିକ ବିକାଶ ପରିଷଦ' ବରହମପୁର, ନୀଳଗିରି ପକ୍ଷରୁ ଗୋହିରା ଗ୍ରାମରେ ୧୪ତାରିଖ ପୂର୍ବାହ୍ଣରେ ଆୟୋଜିତ ଏହି ଐତିହାସିକ ସ୍ମୃତିଦିବସକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ବିଜୟ ଦିବସ ଉତ୍ସବ ପାଳିତ ହୋଇଥିଲା। ସୁରେଶ ଚନ୍ଦ୍ର ସଙ୍ଖୁଆ ସଭାପତିତ୍ୱ କରିଥିବା ବେଳେ ପରିଷଦର ବରିଷ୍ଠ ସଦସ୍ୟ ମାନସ ରଞ୍ଜନ ମିଶ୍ରଙ୍କ ସଞ୍ଚାଳନା କରିଥିଲେ । ଅନୁଷ୍ଠିତ ଏହି ଦିବସବ୍ୟାପୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ଥାନୀୟ ବିଧାୟକ ଇଂ.ସୁକାନ୍ତ କୁମାର ନାୟକ, ପରିଷଦ ପକ୍ଷରୁ ପ୍ରକାଶ ପାଇଥିବା ପ୍ରଥମ ଗଡ଼ଜାତ ନାମକ ଏକ ସ୍ମାରକୀ ଗ୍ରନ୍ଥକୁ ଉନ୍ମୋଚନ କରି ନୀଳଗିରିର ଅନାଲୋଚିତ ଅନେକ ତଥ୍ୟକୁ ଏକ ଗ୍ରନ୍ଥ ଜରିଆରେ ପ୍ରକାଶ କରିବା ସହ ଦାବି ଉଠୁଥିବା ସହିଦ୍ ସ୍ମୃତିସ୍ତମ୍ଭ, ସହିଦ ହୋଇଥିବା ସଂଗ୍ରାମୀ ନେତୃମଣ୍ଡଳୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ସେ ଯଥାଶୀଘ୍ର ଉଦ୍ୟମ କରିବେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ କୁମାର ପଣ୍ଡା, ନୀଳଗିରି ଆନ୍ଦୋଳନ ଦେଶର ସମସ୍ତ ଆନ୍ଦୋଳନ ଠାରୁ ଏକ ସ୍ୱତନ୍ତ୍ର ପର୍ଯ୍ୟାୟରେ ଥିଲା ଯେଉଁଠି ଶାସନ, ପ୍ରଶାସନ ମଧ ରାଜାଙ୍କ ସହ ଗୁପ୍ତସମ୍ପର୍କ ରକ୍ଷାକରି ଆନ୍ଦୋଳନକୁ ଭିନ୍ନ ବାଟରେ ନେବାକୁ ଚାହୁଁଥିଲେ ବି ସ୍ୱାଭିମାନୀ ନୀଳଗିରିର ସାଧାରଣ ଜନତା ତାହା କରାଇ ଦେଇ ନଥିଲେ । ଯାହାକି ସାଧାରଣ ପ୍ରଜା ଯେତେବେଳେ ରାଜବାଟୀ ଦଖଲ କରିବାକୁ ପ୍ରସ୍ତୁତ ହୋଇସାରିଥିଲେ, ସେତିକିବେଳେ ତତ୍କାଳୀନ ଭାରତସରକାର ଶଙ୍କା ବ୍ୟକ୍ତ କରି ରାଜାଙ୍କୁ ଅବିଳମ୍ବେ ସରକାରଙ୍କଠାରେ ଆତ୍ମସମର୍ପଣ କରିବାକୁ ବାର୍ତ୍ତା ଦେବାକୁ ବାଧ ହୋଇଥିଲେ । ଏଭଳି ଏକ ସାଧାରଣ ଜନତାଙ୍କର ବିଜୟଗାଥାକୁ ଉତ୍ତର ପିଢ଼ିଙ୍କୁ ଜଣାଇବା ଉଦ୍ଦେଶ୍ୟରେ ସଂଗଠନର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା ଯୋଗଦାନ କରି ପ୍ରଜାଶକ୍ତିର ବିଜୟ ଉତ୍ସବକୁ ଅଧିକ ପ୍ରଚାରିତ ଓ ପ୍ରସାରିତ କରିବା ଦିଗରେ ରାଜ୍ୟସରକାର ଓ ସଂସ୍କୃତିବିଭାଗ ବିଶେଷ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ବିଶେଷ ଭାବେ ସରକାରଙ୍କ ପକ୍ଷରୁ ନୀଳଗିରି ଉପଖଣ୍ଡରେ ଏକ ସଂସ୍କୃତିଭବନ ପ୍ରତିଷ୍ଠା କରାଯାଇ ତାହାରି ସମ୍ମୁଖରେ ସହିଦ ସ୍ତମ୍ଭ ସହ ସଂଗ୍ରାମରେ ବଳିଦାନ ଦେଇଥିବା ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ଅଥବା ତୈଳଚିତ୍ର ସ୍ଥାପନ ପାଇଁ ସବୁ ସ୍ତରରୁ ଉଦ୍ୟମ କରାଯିବା ଉଚିତ ବୋଲି କହିଥିଲେ ।

# ସଞ୍ଚୟ ପକ୍ଷ ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ ସାଧାରଣ ସଭା




ଭଦ୍ରକ, ୧୫/୧୧ (ନି.ପ୍ର): ଅକ୍ଟୋବର ୩୧ ରୁ ନଭେମ୍ବର ୧୪ ପର୍ଯ୍ୟନ୍ତ ପାଳନ କରାଯାଇଥିବା ସଞ୍ଚୟ ପକ୍ଷର ଉଦ୍‌ଯାପନୀ ଦିବସ ଅବସରରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ସ୍ୱଳ୍ପ ସଞ୍ଚୟ ଜନିତ ସଚେତନତା ଉଦ୍ଦେଶ୍ୟରେ ଏକ ସାଧାରଣ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିନ୍ଦୁ ବିନ୍ଦୁ ଜଳ ମିଶି ସାଗର ହେଲାଭଳି ଆଜିର ସ୍ୱଳ୍ପ ସଞ୍ଚୟ ଆଗାମୀ କାଲି ପାଇଁ କିପରି ସ୍ୱଚ୍ଛଳ ଭବିଷ୍ୟତ ଆଣିପାରେ ବକ୍ତବ୍ୟ ପ୍ରସଙ୍ଗରେ ବୁଝାଇଥିଲେ। ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ ରାୟଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ବକ୍ତବ୍ୟ ପ୍ରସଙ୍ଗରେ ସୁରକ୍ଷିତ ସଞ୍ଚୟ ସମ୍ବନ୍ଧରେ ବିଷଦ ଆଲୋଚନା କରିବା ସହିତ ଜମାକାରୀ ତଥା ହିତାଧିକାରୀମାନଙ୍କୁ ବିଭିନ୍ନ ସଞ୍ଚୟ ଯୋଜନା ଏବଂ ଅର୍ଥ ଜମା କରାଯିବା ସଂସ୍ଥା ସମ୍ବନ୍ଧରେ ସଠିକ୍ ଓ ପ୍ରାଞ୍ଜଳଭାବେ ଅବଗତ କରାଇବା ନେଇ ମୋଟିଭେଟ୍‌ର ବା ଏଜେଣ୍ଟମାନଙ୍କ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ପକ୍ଷ ପାଳନ ଅବଧି ମଧ୍ୟରେ ଆୟୋଜିତ ପ୍ରତିଯୋଗିତାର ୬ଜଣ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ୧ମ ପୁରସ୍କାର ୧୫୦୦/-, ୨ୟ ୧୦୦୦/- ଓ ତୃତୀୟ ପୁରସ୍କାର ପାଇଁ ୫୦୦/-ଟଙ୍କାର ଆର୍ଥିକ ପୁରସ୍କାର ଥିଲା। ସୂଚନାଯୋଗ୍ୟକି "ସଞ୍ଚୟର ଆବଶ୍ୟକତା ଓ ସେଥିରେ ସ୍ୱଳ୍ପ ସଞ୍ଚୟର ଭୂମିକା' ଶୀର୍ଷକ ରେ ୮ମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଜୁନିଅର ଗ୍ରୁପ ଓ "ସାକ୍ଷରତା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ତଥା ନିରାପଦ ସଞ୍ଚୟର ଆବଶ୍ୟକତା" ବିଷୟରେ ଦ୍ୱାଦଶ ଶ୍ରେଣୀରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କ ମଧ୍ୟରେ ସିନିୟର ଗ୍ରୁପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ୱଳ୍ପ ସଞ୍ଚୟ ଯୋଜନାରେ ଭଦ୍ରକ ଜିଲ୍ଲା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ଓ ସଫଳତା ନେଇ ପ୍ରଦତ୍ତ ତଥ୍ୟ ଅନୁଯାୟୀ ୨୦-୨୧ ବର୍ଷରେ ୩୦୫ କୋଟି ଲକ୍ଷ୍ୟ ଥିଲା ବେଳେ ସଂଗ୍ରହ ହୋଇଥିଲା ୩୭୫.୩୪ କୋଟି, ୨୧-୨୨ରେ ୩୮୦ କୋଟି ଲକ୍ଷ୍ୟ ଥିଲା ଏବଂ ସଂଗ୍ରହ ହୋଇଥିଲା ୩୯୭.୩୨ କୋଟି ଏବଂ ୨୨-୨୩ ରେ ୪୩୪ କୋଟି ଲକ୍ଷ୍ୟ ଅଛି ଏବଂ ଅକ୍ଟୋବର ୨୨ ସୁଦ୍ଧା ୧୭୮ କୋଟି ସଂଗୃହୀତ ହୋଇସାରିଛି। ସୂଚନାଯୋଗ୍ୟକି ସ୍ଥାୟୀ ଜମା ପାଇଁ ସହରାଞ୍ଚଳରେ ୩୮ ଏବଂ ଗ୍ରାମାଞ୍ଚଳରେ ୯୨ ସମୁଦାୟ ୧୩୦ ଜଣ ଏଜେଣ୍ଟ ଓ ରେକରିଂ ଡ଼ିପୋଜିଟ୍ ପାଇଁ ସହରାଞ୍ଚଳରେ ୮୨ ଗ୍ରାମାଞ୍ଚଳରେ ୧୧୧ ସମୁଦାୟ ୧୯୩ ଜଣ ମହିଳା ପ୍ରଧାନ କ୍ଷେତ୍ରୀୟ ବଚତ ଯୋଜନା ପାଇଁ ଏଜେଣ୍ଟ ନିୟୋଜିତ ହୋଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo